# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, October 13/2025 Page 14 | ₹ 7.00 | RAYAGADA

୫୧ଶ ଭାଗ ୩୧୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 317 | ମୂଲ୍ୟ ₹୭/-




**କୁଲଦୀପଙ୍କୁ ୫ ଉଇକେଟ ସଫଳତା**

ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୫ଉଇକେଟ ସଫଳତା ହାସଲ କରିଛନ୍ତି ଭାରତୀୟ ସ୍ପିନର କୁଲଦୀପ ଯାଦବ।

୧୪

୦୨

**'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ**

'ନୋ ଏଣ୍ଟ୍ରି' ଫିଲ୍ମର ସିକ୍ୱେଲ 'ନୋ ଏଣ୍ଟ୍ରି ୨'ରେ ଅଭିନେତା ବରୁଣ ଧାୱନ ନଜରକୁ ଆସିବେ ନାହିଁ ବୋଲି ରବିବାର ରିପୋର୍ଟ ପ୍ରକାଶ ପାଇଛି।




# ଇତିହାସ ରଚିଲେ ମନ୍ଧାନା

**ବର୍ଷକରେ ୧ ହଜାର ରନ ପୂରଣ କରିବାରେ ପ୍ରଥମ ମହିଳା**

**ମହିଳା ଦିନିକିଆରେ ୫୦୦୦ ରନ୍ କରିବାରେ ଦ୍ରୁତତମ ବ୍ୟାଟର୍**

**ବିଶାଖାପାଟଣା, ୧୨।୧୦ (ପି.ଟି.)**

ଭାରତୀୟ ଦଳର ଉପ ଅଧିନାୟିକା ସ୍ମୃତି ମନ୍ଧାନା ରବିବାର ପ୍ରଥମ କ୍ରିକେଟର ଭାବେ ମହିଳା ଦିନିକିଆରେ ଗୋଟିଏ ବର୍ଷରେ ୧ ହଜାର ରନ ପୂରଣ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ହାଇପ୍ରୋଫାଇଲ ମ୍ୟାଚ୍‌ରେ ୮୦ ରନର ବିସ୍ଫୋରକ ପାଳି ଅବସରରେ ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଇନିଂସରେ ସେ ଦିନିକିଆ କ୍ରିକେଟରେ ୫୦୦୦ ରନ ମଧ୍ୟ ପୂରଣ କରିଛନ୍ତି। ବିଶ୍ୱର ପଞ୍ଚମ ଓ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଅଧିନାୟିକା ମିତାଲି ରାଜ ଏହି ଉପଲବ୍ଧି ହାସଲ କରିଥିଲେ। ତେବେ ମନ୍ଧାନା କମ୍ ସଂଖ୍ୟକ ଇନିଂସ ଓ ବଲରେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି। ସେ ୧୧୨ ଇନିଂସ ଓ ୫,୫୬୯ ବଲରେ ୫୦୦୦ ରନ ପୂରଣ କରିଛନ୍ତି। ଦୁଇ ରେକର୍ଡ ପୂର୍ବରୁ ଷ୍ଟେଫନି ଟେଲର (୧୨୯ ଇନିଂସ) ଓ ସୁଜି ବେଟ୍ସ (୬,୧୮୨ ବଲ)ଙ୍କ ନାମରେ ଥିଲା। ଚଳିତବର୍ଷ ଏପର୍ଯ୍ୟନ୍ତ ମନ୍ଧାନା ୧୮ ମ୍ୟାଚ୍‌ରେ ୧୦୬୨ ରନ କରିଛନ୍ତି। ଗୋଟିଏ ବର୍ଷରେ ମହିଳା ଦିନିକିଆରେ ସର୍ବାଧିକ ରନ କରିବାର ରେକର୍ଡ ପୂର୍ବରୁ ଅଷ୍ଟ୍ରେଲିଆର ବେଲିଣ୍ଡା କ୍ଲାର୍କ (୧୯୯୭ରେ ୯୭୦ ରନ୍)ଙ୍କ ନାମରେ ରହିଥିଲା।



ଅର୍ଦ୍ଧଶତକୀୟ ପାଳି ଅବସରରେ ସ୍ମୃତି ମନ୍ଧାନା।

# ପାକ୍-ଆଫଗାନ ସଂଘର୍ଷ

## ଅନେକ ନିହତ, ୨ ଦେଶର ସୀମା ବନ୍ଦ

**ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ଶନିବାର ରାତିରେ ଦୁଇ ଦେଶର ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ଘଟିଛି। ରାତିସାରା ଚାଲିଥିବା ଘମାଘୋଟ ଲଢ଼େଇରେ ଉଭୟ ପକ୍ଷର ଅନେକ ସୈନ୍ୟ ନିହତ ହୋଇଛନ୍ତି। ଏଥିରେ ପାକିସ୍ତାନର ୨୩ ସୈନ୍ୟ ନିହତ ହୋଇଥିବା ପାକିସ୍ତାନୀ ସେନା କହିଛି। ତାଲିବାନ୍ ଏହାର ୯ ଫାଇଟର୍ସ ପ୍ରାଣ ହରାଇଥିବା ସ୍ପଷ୍ଟ କରିଛି। ୨୦୨୧ ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରି ଆଫଗାନିସ୍ତାନରେ କ୍ଷମତାକୁ ଆସିବା ପରେ ଏହା ହେଉଛି ଦୁଇ ପଡ଼ୋଶୀ ମଧ୍ୟରେ ସବୁଠୁ ବଡ଼ ସଂଘର୍ଷ।**

**ଇସ୍‌ଲାମାବାଦ, ୧୨।୧୦ (ରଏଟର୍ସ/ପି.ଟି.)**

ପାକିସ୍ତାନ ଉପରେ ଆକ୍ରମଣ କରିଥିବା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଇସ୍‌ଲାମାବାଦ ତାଲିବାନ୍ ନିକଟରେ ଦାବି କରିବା ପରେ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଅନ୍ୟପକ୍ଷେ ୨୦୨୧ରେ କ୍ଷମତାକୁ ଆସିଥିବା ତାଲିବାନ୍ ଏହାର ଭୂଖଣ୍ଡରେ କୌଣସି ପାକିସ୍ତାନୀ ଆତଙ୍କବାଦୀ ନ ଥିବା କହିଛି। ଉଭୟ ପକ୍ଷ ପରସ୍ପରର ଅଧିକ ସୈନ୍ୟ ମୃତାହତ ହୋଇଥିବା ଦାବି କରିଛନ୍ତି, କିନ୍ତୁ ବର୍ଦ୍ଧିତ ସଂଖ୍ୟାକୁ ନେଇ କୌଣସି ପ୍ରମାଣ ଦେଇନାହାନ୍ତି। ପାକିସ୍ତାନ କହିଛି, ଏହାର ସେନା ୨୦୦ରୁ ଊର୍ଦ୍ଧ୍ୱ ଆଫଗାନ ଓ ସହଯୋଗୀ ଫାଇଟର୍ସଙ୍କୁ ହତ୍ୟା କରିଛି। ଆଫଗନିସ୍ତାନ ୫୮ ପାକିସ୍ତାନୀ ସୈନ୍ୟଙ୍କୁ ନିପାତ କରିଥିବା ଦାବି କରିଛି।

ଆଫଗାନିସ୍ତାନର ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତକି ଭାରତକୁ ସାପ୍ତାହିକ ଗସ୍ତରେ ଆସିଥିବାବେଳେ ଗୁରୁବାର ପାକିସ୍ତାନୀ ସେନା କାବୁଲ ଓ ପୂର୍ବ ଆଫଗାନିସ୍ତାନର ଏକ ବଜାର ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା। ପାକିସ୍ତାନୀ ସୁରକ୍ଷା ଅଧିକାରୀମାନେ ଏହାକୁ ତାଲିବାନ୍ ଆକ୍ରମଣର ଜବାବୀ କାର୍ଯ୍ୟାନୁଷ୍ଠାନ ବୋଲି ଅଭିହିତ କରିଥିଲେ ମଧ୍ୟ ଆନୁଷ୍ଠାନିକ ଭାବେ ଏନେଇ କିଛି ସ୍ପଷ୍ଟ କରି ନ ଥିଲେ। ତେବେ ଶନିବାର ବିଳମ୍ବିତ ରାତିରେ ଆଫଗାନ୍ ସୈନ୍ୟ ପାକିସ୍ତାନ ସୀମାରେ ଗୁଳିଗୋଳା ଓ ବୋମା ବର୍ଷଣ କରିଥିଲେ। ପାକିସ୍ତାନ ଏହାର କଡ଼ା ଜବାବ ଦେଇଥିବା କହିଛି। ଉଭୟ ଦେଶ ପରସ୍ପରର ସୀମାନ୍ତ ସାମରିକ ଶିବିରଗୁଡ଼ିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ଦାବି କରିଛନ୍ତି। ଆଫଗାନ ସେନା ଶିବିରକୁ ଟାର୍ଗେଟ କରାଯିବା ବେଳର ଭିଡିଓକୁ ପାକିସ୍ତାନୀ ସେନାର ଅଧିକାରୀମାନେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ବିଶେଷକରି ରବିବାର ସକାଳେ ଉଭୟ ପକ୍ଷରୁ

☞ପୃଷ୍ଠା-୪

### 'ବିଦେଶୀ ଆକ୍ରମଣକୁ ସହ୍ୟ କରିବନି ଆଫଗାନିସ୍ତାନ'



ଅମିର ଖାନ୍ ମୁତ୍ତକି

**ନୂଆଦିଲ୍ଲୀ, ୧୨।୧୦ (ପି.ଟି.)**

ଆଫଗାନିସ୍ତାନ ପାକିସ୍ତାନ ସହ ଶାନ୍ତିପୂର୍ଣ୍ଣ ସମାଧାନ ଚାହେଁ। କିନ୍ତୁ ଶାନ୍ତି ଉଦ୍ୟମ ସଫଳ ନ ହେଲେ ଆଫଗାନିସ୍ତାନ ନିକଟରେ ଅନ୍ୟ ମାଧ୍ୟମର ବିକଳ୍ପ ରହିଛି ବୋଲି ରବିବାର ଆଫଗାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତକି ଚେତାବନୀ ଦେଇଛନ୍ତି। ୬ ଦିନିଆ ଭାରତ ଗସ୍ତରେ ଆସିଥିବା ମୁତ୍ତକି ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଆଫଗାନିସ୍ତାନ ବାହ୍ୟ ଆକ୍ରମଣର ମୁକାବିଲା ପାଇଁ ଏକଜୁଟ ହୋଇ ରହିଛି। ସୀମାରେ ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ଆମେ ଆଲୋଚନା ଓ ବୁଝାମଣା ଜରିଆରେ ସବୁ ସମସ୍ୟାର ସମାଧାନ ଚାହୁଁ। କିନ୍ତୁ ଆଫଗାନିସ୍ତାନର ସାର୍ବଭୌମତ୍ୱ ପ୍ରତି ବିପଦ ଆସିଲେ ତାକୁ ବରଦାସ୍ତ କରାଯିବ ନାହିଁ।

# ମାମଲା ସମାଧାନରେ ଓଡ଼ିଶା ୯ମ

**ଭୁବନେଶ୍ୱର, ୧୨।୧୦ (ରବିନାରାୟଣ ଜେନା)**

ଦେଶରେ ସୂଚନା ଅଧିକାର ଆଇନ-୨୦୦୫କୁ କେଉଁ ରାଜ୍ୟ କିଭଳି ଭାବେ କାର୍ଯ୍ୟ କରୁଛନ୍ତି ସେନେଇ ସତର୍କ ନାଗରିକ ସଙ୍ଗଠନ ପକ୍ଷରୁ ଏକ ସଦ୍ୟତମ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ସୂଚନା ଅଧିକାର ଆଇନ ଅନୁଯାୟୀ, ଆପତ୍ତି-ଅଭିଯୋଗ ସମାଧାନ କରିବାରେ ମହାରାଷ୍ଟ୍ର ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶା ୯ମ ସ୍ଥାନରେ ରହିଛି ବୋଲି ସତର୍କ ନାଗରିକ ସଙ୍ଗଠନ ରିପୋର୍ଟରୁ ଜଣାଯାଇଛି।

ଦେଶରେ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ନେଇ ୨୦୨୪ ଜୁଲାଇ ପହିଲାରୁ ୨୦୨୫ ଜୁନ୍ ମଧ୍ୟରେ ସଙ୍ଗଠନ ପକ୍ଷରୁ ଦେଶରେ ହୋଇଥିବା

**ଆରଟିଆଇ ଆଇନ ରିପୋର୍ଟ କାର୍ଡ**

**ଜରିମାନା ଆଦାୟରେ ଦେଶରେ ୫ମ ରାଜ୍ୟ**

ସର୍ଭେ ଅନୁଯାୟୀ, ମହାରାଷ୍ଟ୍ରରେ ସୂଚନା ଆୟୋଗକୁ ୫୪ହଜାର ୮୬୯ ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୩୮ହଜାର ୪୧୦ଟିର ସମାଧାନ ହୋଇଛି, ଯାହାକି ସର୍ବାଧିକ। ଏହାପଛକୁ ଉତ୍ତରପ୍ରଦେଶ ୩୦ହଜାର ୫୫୨ ମାମଲା ସମାଧାନ କରିଥିବାବେଳେ କର୍ନାଟକ ୨୬ହଜାର ୮୦୨, ତାମିଲନାଡୁ ୨୨ହଜାର ୩୩୬, ସେଣ୍ଟ୍ରାଲ ଇନଫରମେଶନ କମିଶନ (ସିଆଇସି) ୧୮ହଜାର ୯୩୧, ଗୁଜରାଟ ୭,୩୨୪, ବିହାର ୫, ୮୫୪, ହରିୟାଣା ୫,୫୦୪ ମାମଲା ସମାଧାନ କରିଛି। ଓଡ଼ିଶାରେ ୮ହଜାର ୪୮ଟି ମାମଲା ମଧ୍ୟରୁ ୫୨୦୦ଟି ସମାଧାନ ହୋଇପାରିଛି। ଏହି ତାଲିକାରେ ତ୍ରିପୁରା ଶେଷରେ ରହିଛି। ହେଲେ ଝାଡ଼ଖଣ୍ଡରେ ଏହି ଆଇନ ଅକାମୀ ହୋଇପଡ଼ିଥିବା ବେଳେ ରାଜସ୍ଥାନ ସୂଚନା ଆୟୋଗଙ୍କ ପକ୍ଷରୁ କୌଣସି ସୂଚନା ଦେବାକୁ ମନା କରାଯାଇଛି। ପଶ୍ଚିମବଙ୍ଗ ସରକାର ଉତ୍ତର ଦେଇ ନାହାନ୍ତି ବୋଲି ରିପୋର୍ଟରେ କୁହାଯାଇଛି।

ଅନ୍ୟପକ୍ଷରେ ମାମଲା ସମାଧାନରେ ଅବହେଳା ପ୍ରଦର୍ଶନ

☞ପୃଷ୍ଠା-୪

# ବାହାରୁ ଆସୁଥିବା ଛାତ୍ରୀ ନିଜକୁ ସୁରକ୍ଷିତ ରଖନ୍ତୁ: ମମତା

## କହିଲେ, ରାତି ସାଢ଼େ ୧୨ଟାରେ କାହିଁକି ବାହାରିଥିଲେ ପୀଡ଼ିତା



**ପଶ୍ଚିମବଙ୍ଗର ଦୁର୍ଗାପୁରସ୍ଥିତ ଘରୋଇ ମେଡିକାଲ କଲେଜରେ ପଢୁଥିବା ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାରେ ସେଠାକାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରବିବାର ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଛାତ୍ରୀମାନଙ୍କୁ ରାତିରେ ବାହାରକୁ ଯିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଏପରି କି ଛାତ୍ରୀମାନେ, ବିଶେଷକରି ଯେଉଁମାନେ ବାହାର ରାଜ୍ୟରୁ ଆସୁଛନ୍ତି, ସେମାନେ ନିଜ ସୁରକ୍ଷା ନିଜେ କରିବା ଉଚିତ ବୋଲି ମମତା କହିଛନ୍ତି। ଏହାସହ ପୀଡ଼ିତା ଛାତ୍ରୀ ଏକ ଘରୋଇ ମେଡିକାଲ କଲେଜରେ ପଢ଼ନ୍ତି। ଏହା କାହାର ଦାୟିତ୍ୱ? ସେ ରାତି ୧୨ଟା ୩୦ ମିନିଟ୍‌ରେ ବାହାରକୁ କିପରି ଯାଇଥିଲେ ବୋଲି ମମତା ଗଣମାଧ୍ୟମକୁ ପ୍ରଶ୍ନ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କୁ ପ୍ରଶ୍ନ ନ କରି ପୋଲିସକୁ ପଚାରିବା ଉଚିତ ବୋଲି ସେ କହିଛନ୍ତି। ମମତାଙ୍କ ଏଭଳି ଆଭିମୁଖ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ମମତା ନିଜେ ଜଣେ ମହିଳା ଏବଂ ମୁଖ୍ୟମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବାବେଳେ ସେ ଛାତ୍ରୀଙ୍କୁ ରାତିରେ ବାହାରକୁ ଛଡ଼ାଯିବା ଅନୁଚିତ କହିବା ନିନ୍ଦନୀୟ ବୋଲି ମତ ପ୍ରକାଶ ପାଇଛି।**

**ଦୁର୍ଗାପୁର, ୧୨।୧୦ (ପି.ଟି./ଏଜେନ୍ସି)**

ଦୁର୍ଗାପୁର ମେଡିକାଲ କଲେଜରେ ଏମ୍‌ବିବିଏସ୍ ଦ୍ୱିତୀୟବର୍ଷରେ ପଢୁଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ଦେଶବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଭାଜପା ସମେତ ବିରୋଧୀ ଦଳଗୁଡ଼ିକ ଏଥିପାଇଁ ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଟାର୍ଗେଟ କରୁଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେବା ପରିବର୍ତ୍ତେ ନିଜ ମୁଣ୍ଡରୁ ଦୋଷ ଖସାଇ ପୀଡ଼ିତା ଛାତ୍ରୀଙ୍କ ମୁଣ୍ଡରେ ଲଦିବାକୁ ଉଦ୍ୟମ କରିଛନ୍ତି।

☞ପୃଷ୍ଠା-୪

## ଦୁର୍ଗାପୁର ଗଣବଳାତ୍କାର: ୩ ଗିରଫ, ଜଣେ ଅଟକ

**କୋଲକାତା/ଦୁର୍ଗାପୁର/ଭୁବନେଶ୍ୱର, ୧୨।୧୦ (ପି.ଟି./ ରବିନାରାୟଣ ଜେନା)**

ପଶ୍ଚିମବଙ୍ଗର ଦୁର୍ଗାପୁର ଗଣବଳାତ୍କାର ମାମଲାରେ ପୋଲିସ ରବିବାର ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜଣଙ୍କୁ ଅଟକ ରଖିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅପୁ ବାଉରି(୨୧), ଫିର୍ଦୋସ ଶେଖ୍(୨୩) ଓ ଶେଖ୍ ରେଆଜୁଦ୍ଦିନ୍(୩୧)। ଅଭିଯୁକ୍ତମାନଙ୍କୁ ଜେରା ଚାଲିଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ବର୍ତ୍ତମାନ ଏନେଇ ଅଧିକ ସୂଚନା ଦେବା ଅନୁଚିତ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ପୀଡ଼ିତାଙ୍କ ପୁରୁଷବନ୍ଧୁ ମଧ୍ୟ ପୋଲିସ ସ୍କାନରରେ ରହିଛନ୍ତି।

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳର ଯୁବତୀ ଜଣକ ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଶୋଭାପୁରର ଏକ ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ ପଢ଼ନ୍ତି। ଏହି ଦ୍ୱିତୀୟ ବର୍ଷ ଛାତ୍ରୀ ଶୁକ୍ରବାର ରାତିରେ ତାଙ୍କ ପୁରୁଷବନ୍ଧୁଙ୍କ ସହ ଗୁପଚୁପ୍ ଖାଇଯିବାକୁ ବାହାରିଥିଲେ। ସେହି ସମୟରେ ୪ରୁ ୫ ଜଣ ବ୍ୟକ୍ତି ଆସି କଲେଜ ଗେଟ୍ ନିକଟରୁ ଉଭୟଙ୍କୁ କାବୁ କରିନେଇଥିଲେ। ସେମାନେ ଛାତ୍ରୀଙ୍କୁ ହସ୍ପିଟାଲ ବିଲ୍ଡିଂର ଏକ ନିଛାଟିଆ ସ୍ଥାନକୁ ଘୋଷାଡ଼ିନେଇ ଜଣ ଜଣ କରି ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ପୁରୁଷବନ୍ଧୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବା ସହ ଏନେଇ ତାଙ୍କ ଘରଙ୍କୁ ଫୋନ୍ କରି ସବୁକଥା ଜଣାଇଥିଲେ। ପୀଡ଼ିତାଙ୍କ ବାପା ଏହି ବିଷୟ ଜାଣିବା ପରେ ଦୁର୍ଗାପୁର ଯାଇଛନ୍ତି। କିନ୍ତୁ ସେଠାରେ ସ୍ଥାନୀୟ ପୋଲିସ ସେମାନଙ୍କୁ ଉପଯୁକ୍ତ ସହଯୋଗ କରୁ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ପୀଡ଼ିତାଙ୍କ ବାପା ଆହୁରି କହିଛନ୍ତି, ଝିଅ ଯନ୍ତ୍ରଣା ଭୋଗୁଛି। ବର୍ତ୍ତମାନ ସେ ଚାଲିପାରୁ ନାହିଁ। ପଶ୍ଚିମବଙ୍ଗରେ ଶଯ୍ୟାଶାୟୀ ଝିଅର ସୁରକ୍ଷାକୁ ନେଇ ଚିନ୍ତିତ। କାରଣ ସେମାନେ ତାକୁ ଯେକୌଣସି ସମୟରେ ହତ୍ୟା କରିପାରନ୍ତି। ଝିଅ ଓଡ଼ିଶାକୁ ଯାଇ ଭଲ ହେବା ପରେ ସେଠାରେ ପାଠ ପଢ଼ିବ ବୋଲି କହିଛନ୍ତି।

☞ପୃଷ୍ଠା-୪

# ଆଲିଆ ୧ନଂ. ଅଭିନେତ୍ରୀ

## ଅଭିଷେକ, କାର୍ତ୍ତିକ ଶ୍ରେଷ୍ଠ ଅଭିନେତା



ଅଭିଷେକ ବଚ୍ଚନ



କାର୍ତ୍ତିକ ଆର୍ଯ୍ୟନ



ଆଲିଆ ଭଟ୍ଟ

**୭୦ତମ ଫିଲ୍ମଫେୟାର ଆୱାର୍ଡ**

**ବିଭିନ୍ନ ବର୍ଗରେ 'ଲାପତା ଲେଡିଜ୍'କୁ ୧୩ ପୁରସ୍କାର**

**ଅହମଦାବାଦ, ୧୨।୧୦**

ଫିଲ୍ମଫେୟାର ଆୱାର୍ଡ଼ର ୭୦ତମ ସଂସ୍କରଣ ଶନିବାର ଗୁଜରାଟର ଅହମଦାବାଦସ୍ଥିତ ଇକେଏ ଏରେନାଠାରେ ଅନୁଷ୍ଠିତ ହୋଇଯାଇଛି। ଅଭିନେତା ଶାହରୁଖ ଖାନ୍, ଫିଲ୍ମ ନିର୍ମାତା କରଣ ଜୁହର, ଅଭିନେତା ମନୀଷ ପଲ୍ ଏହି କାର୍ଯ୍ୟକ୍ରମକୁ ହୋଷ୍ଟ କରିଥିଲେ। ସମାରୋହରେ ଅଭିନେତା ଅଭିଷେକ ବଚ୍ଚନ ଓ କାର୍ତ୍ତିକ ଆର୍ଯ୍ୟନ ଯୁଗ୍ମ ଭାବେ ଶ୍ରେଷ୍ଠ ଅଭିନେତା ପୁରସ୍କାର ଗ୍ରହଣ କରିଛନ୍ତି। ସୁଜିତ ସିର୍କାର୍ଙ୍କ ନିର୍ଦ୍ଦେଶିତ 'ଆଇ ୱାଣ୍ଟ ଟୁ ଟକ୍' ଫିଲ୍ମ ପାଇଁ ଅଭିଷେକ ସମ୍ମାନିତ ହୋଇଥିବାବେଳେ କବିର ଖାନ୍ଙ୍କ ନିର୍ଦ୍ଦେଶିତ 'ଚନ୍ଦୁ ଚାମ୍ପିୟନ' ଫିଲ୍ମ ପାଇଁ କାର୍ତ୍ତିକ ପୁରସ୍କୃତ ହୋଇଛନ୍ତି। ଭାସନ ବାଲାଙ୍କ ନିର୍ଦ୍ଦେଶିତ 'ଜିଗ୍ରା' ଫିଲ୍ମ ପାଇଁ ଅଭିନେତ୍ରୀ ଆଲିଆ ଭଟ୍ଟ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏହି ଫିଲ୍ମ ଫେୟାର ଆୱାର୍ଡ ସମାରୋହରେ କିରଣ ରାଓଙ୍କ ନିର୍ଦ୍ଦେଶିତ 'ଲାପତା ଲେଡିଜ୍' ଫିଲ୍ମକୁ ବିଭିନ୍ନ ବର୍ଗରେ ୧୩ ପୁରସ୍କାର ମିଳିଛି। ଏହି ଫିଲ୍ମ ପାଇଁ କିରଣ ଶ୍ରେଷ୍ଠ ନିର୍ଦ୍ଦେଶିକା ଭାବେ ସମ୍ମାନିତ ହୋଇଛନ୍ତି। ସେହିପରି ଶ୍ରେଷ୍ଠ ଫିଲ୍ମ ଭାବେ 'ଲାପତା ଲେଡିଜ୍' ପୁରସ୍କୃତ ହୋଇଛି। 'ଲାପତା ଲେଡିଜ୍' ପାଇଁ ଅଭିନେତ୍ରୀ ନିତାଂଶୀ ଗୋୟଲ ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଅଭିନେତ୍ରୀ ପ୍ରତିଭା ରାଣ୍ଟା ଶ୍ରେଷ୍ଠ ଅଭିନେତ୍ରୀ କ୍ରିଟିକ୍ ଆୱାର୍ଡ ଶ୍ରେଣୀରେ ପୁରସ୍କୃତ ହୋଇଛନ୍ତି।

☞ପୃଷ୍ଠା-୪

# କୋଟିଏ ଟଙ୍କାରେ ବିକ୍ରିହେଲା ୯୦ ତେଲିଆ ମାଛ

**ଭୋଗରାଇ, ୧୨।୧୦ (ପ୍ରଦୀପ ଦାସ)**

ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଉପକୂଳ ଗଭୀର ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଛି ୯୦ଟି ତେଲିଆ ନାମିତ ଶଙ୍କର ମାଛ। ଦୀଘା ମୁହାଣ ଆନ୍ତର୍ଜାତିକ ମାଛ ମାର୍କେଟକୁ ରବିବାର ସକାଳେ ଏହି ମାଛ ନିଲାମ ପାଇଁ ଆସିଥିଲା। ଏହି ବିରଳ ପ୍ରଜାତିର ପ୍ରତ୍ୟେକ ତେଲିଆ ମାଛର ଓଜନ ୩୦ରୁ ୩୫ କେଜି ହେବ। ଏହି ମାଛ କେଜି ପ୍ରତି ୧୧ ହଜାର ୫ଶହ ଟଙ୍କାରେ ନିଲାମ ଡାକ ହୋଇ ଶେଷରେ ୧ କୋଟି ଟଙ୍କାରେ କୋଲକାତାର ଏକ କମ୍ପାନୀ କିଣିଛି।

ସୂଚନା ଅନୁଯାୟୀ, ଏହି ମାଛରୁ ଦାମୀ ଔଷଧ ପ୍ରସ୍ତୁତ ହେଉଥିବା ଦୃଷ୍ଟିରୁ ବିଦେଶରେ ଏହାର ଯଥେଷ୍ଟ ଚାହିଦା ରହିଛି। ମେଲ ଓ ଫିମେଲ ଦେଖି ଏବଂ ଅଧିକ ଓଜନ ଅନୁସାରେ ମାଛର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ ବୋଲି ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି। ଏହି ମାଛଗୁଡ଼ିକୁ ଦେଖିବା ଲାଗି ମତ୍ସ୍ୟଜୀବୀ ଓ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ତେବେ ମାଛ ବିକ୍ରିକୁ ନେଇ ଉକ୍ତ ଟ୍ରଲର ମାଲିକ ଓ ତାଙ୍କ ମତ୍ସ୍ୟଜୀବୀମାନେ ଖୁସି ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ଜୁନ ୧୯ରେ ଜାଲରେ ପଡ଼ିଥିବା ୨୯ଟି ତେଲିଆ ମାଛକୁ ଦୀଘା ମାଛ ମାର୍କେଟରେ ୩୩ ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା।



ଦୀଘା ମୁହାଣ ମାଛ ମାର୍କେଟକୁ ବିକ୍ରି ପାଇଁ ଆସିଥିବା ତେଲିଆ ମାଛ।

**ଆଜିର ସମ୍ପାଦକୀୟ**

ଆଫଗାନିସ୍ତାନ ସହ ନୂଆ ଫର୍ଦ୍ଦ

## ସଂକ୍ଷେପରେ

### କଶ୍ମୀରରେ ଭୂସ୍ଖଳନ: ବହୁ ବ୍ୟବସାୟିକ ବିଲ୍ଡିଂ କ୍ଷତିଗ୍ରସ୍ତ

ଜମ୍ମୁ,୧୨।୧୦

ଜମ୍ମୁ-କଶ୍ମୀରର ଉଧାମପୁର ଜିଲାରେ ରବିବାର ଭୂସ୍ଖଳନ ଘଟି ଅନେକ ବ୍ୟବସାୟିକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥର ସୋମ୍ରୋଲି ଅଞ୍ଚଳରେ ଭୂସ୍ଖଳନ ହେବାରୁ ନାର୍ସୁ ମାର୍କେଟ ପ୍ରଭାବିତ ହୋଇଛି। ନୂଆ ଖୋଲିଥିବା ଏକ ହୋଟେଲ ଏବଂ କେତେକ ଦୋକାନ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ତେବେ ବିଲ୍ଡିଂଗୁଡ଼ିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ପୂର୍ବରୁ ଲୋକମାନଙ୍କୁ ବାହାର କରିଦିଆଯାଇଥିବାରୁ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ।

### ବିଏସ୍ଏଫ୍‌ର ଏୟାର ୱିଙ୍ଗ୍‌କୁ ମିଳିଲା ପ୍ରଥମ ମହିଳା ଫ୍ଲାଇଟ ଇଞ୍ଜିନିୟର

ନୂଆଦିଲ୍ଲୀ, ୧୨।୧୦

ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ବାୟୁ ଶାଖାକୁ ନିଜ ୫ ଦଶନ୍ଧିରୁ ଅଧିକ ଇତିହାସରେ ପ୍ରଥମ ଥର ପାଇଁ ମହିଳା ଫ୍ଲାଇଟ ଇଞ୍ଜିନିୟର ମିଳିଛି। ଇନ୍‌ହାଉସ ତାଲିମ ସମାପ୍ତ କରିବା ପରେ ଇନ୍ସପେକ୍ଟର ଭାୱନା ଚୌଧୁରୀ ଏବଂ ୪ ପୁରୁଷ ଅଧସ୍ତନ କର୍ମଚାରୀଙ୍କୁ ବିଏସ୍ଏଫର ଏୟାର ୱିଙ୍ଗରେ ନିଯୁକ୍ତ କରାଯାଇଛି। ଏହି ଅବସରରେ ବିଏସ୍ଏଫ୍ ମହାନିର୍ଦ୍ଦେଶକ ଦଲଜିତ ସିଂ ଚୌଧୁରୀ ସେମାନଙ୍କୁ ଫ୍ଲାଇଙ୍ଗ୍ ବ୍ୟାଜ୍ ପ୍ରଦାନ କରିଥିଲେ। ନୂତନ ଭାବେ ଯୋଗ ଦେଇଥିବା ୫ ଅଧିକାରୀଙ୍କୁ ବିଏସ୍ଏଫ ବାୟୁ ଶାଖାର ପ୍ରଶିକ୍ଷକଙ୍କ ଦ୍ୱାରା ୨ ମାସ ଧରି ତାଲିମ ଦିଆଯାଇଥିଲା। ୧୯୬୯ ମସିହାରେ ବିଏସ୍ଏଫ୍‌ର ଏୟାର ୱିଙ୍ଗ୍‌କୁ ପ୍ରତିଷ୍ଠା କରାଯାଇଥିଲା।

### ପାଟ୍ରିକ୍ ହେର୍ମିନୀ ସିଚେଲ୍ସ ରାଷ୍ଟ୍ରପତି ନିର୍ବାଚିତ



ଭିକ୍ଟୋରିଆ,୧୨।୧୦

ସିଚେଲ୍ସର ବିରୋଧୀ ଦଳ ନେତା ପାଟ୍ରିକ୍ ହେର୍ମିନୀ ଦେଶର ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଭୋଟରେ ସେ ବିଦାୟୀ ରାଷ୍ଟ୍ରପତି ୱାଭେଲ୍ ରାମକାଲାୱାନଙ୍କୁ ପରାଜିତ କରିଛନ୍ତି। ୟୁନାଇଟେଡ୍ ସିଚେଲ୍ସ ପାର୍ଟିର ନେତା ପାଟ୍ରିକ୍‌ଙ୍କୁ ୫୨.୭% ଭୋଟ ମିଳିଥିବାବେଳେ ୱାଭେଲ୍‌ଙ୍କ ସପକ୍ଷରେ ୪୭.୩% ଭୋଟ ଯାଇଥିଲା। ୟୁନାଇଟେଡ୍ ସିଚେଲ୍ସ ପାର୍ଟି ୨୦୨୦ରେ କ୍ଷମତାଚ୍ୟୁତ ହୋଇଥିଲା। ୨ ସପ୍ତାହ ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନରେ କେହି ବିଜୟୀ ନ ହେବାରୁ ଗୁରୁବାରଠାରୁ ୨ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ରନ୍‌ଅଫ୍ ଅନୁଷ୍ଠିତ ହୋଇଥିଲା। ଶନିବାର ଅଧିକାଂଶ ଲୋକ ଭୋଟ ଦେଇଥିଲେ।




ପଶ୍ଚିମବଙ୍ଗରେ ଓଡ଼ିଆ ଏମ୍‌ବିବିଏସ୍ ଛାତ୍ରୀଙ୍କୁ ଗଣବଳାତ୍କାର ପ୍ରତିବାଦରେ ଭାଜପା ନେତା ଲକେଟ୍ ଚାଟାର୍ଜୀ ଏବଂ ଜ୍ୟୋତିର୍ମୟ ସିଂ ମାହାତୋ ଓ ଦଳୀୟ କର୍ମୀମାନେ ରବିବାର ଦୁର୍ଗାପୁରରେ ରାଜ୍ୟ ସରକାର ଓ ପୋଲିସ ପ୍ରଶାସନ ବିରୋଧରେ ବିକ୍ଷୋଭ କରୁଛନ୍ତି।

# ଭାଜପା, ଜେଡିୟୁ ୧୦୧ ଲେଖାଏ

**ବିହାର ନିର୍ବାଚନ**
**ଏନ୍‌ଡିଏ ଆସନ ଭାଗବଣ୍ଟା**

ନୂଆଦିଲ୍ଲୀ,୧୨।୧୦(ପି.ଟି.)

ବିହାର ବିଧାନସଭା ନିର୍ବାଚନ ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ଆସନ ବୁଝାମଣା ରବିବାର ଚୂଡ଼ାନ୍ତ ହୋଇଛି। ଉକ୍ତ ବୁଝାମଣା ଅନୁଯାୟୀ, ୨୪୩ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନରେ ଭାଜପା ଏବଂ ଜେଡିୟୁ ପ୍ରତ୍ୟେକ ୧୦୧ଟି ଲେଖାଏ ଆସନରେ ଲଢ଼ିବାକୁ ଥିବାବେଳେ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି ୨୯ ଆସନରେ ପ୍ରାର୍ଥୀ ଦେବ ବୋଲି ଭାଜପାର ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଜିତନ ରାମ ମାନ୍‌ଝୀଙ୍କ ନେତୃତ୍ୱାଧୀନ ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଧର୍ମ ନିରପେକ୍ଷ) ଏବଂ ଉପେନ୍ଦ୍ର କୁଶୱାହାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା ୬ଟି ଲେଖାଏ ଆସନରେ ଲଢ଼ିବାକୁ ସ୍ଥିର ହୋଇଥିବା ଧର୍ମେନ୍ଦ୍ର କହିଛନ୍ତି।

ଆର୍‌ଜେଡି ନେତୃତ୍ୱାଧୀନ ସରକାରର ୧୫ ବର୍ଷ ଶାସନର ଅନ୍ତ ଘଟାଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱରେ ୨୦୦୫ରେ ଏନ୍‌ଡିଏ ବିହାରରେ ସରକାର ଗଢ଼ିଥିଲା। ସେବେଠାରୁ ମେଣ୍ଟରେ ନୀତୀଶଙ୍କ ଜେଡିୟୁ ସବୁବେଳେ ଭାଜପାଠାରୁ ଅଧିକ ଆସନରେ ଲଢ଼ିଆସୁଥିଲା। ଏଥର ପ୍ରଥମ ଥର ପାଇଁ ବିହାର ନିର୍ବାଚନରେ ଉଭୟ ଭାଜପା ଏବଂ ଜେଡିୟୁ ସମାନ ଆସନରେ ଲଢ଼ିବାକୁ ଯାଉଛନ୍ତି। ବିହାରରେ ଶାସକ ଜେଡିୟୁର ଅବନତି ଓ ଭାଜପାର ଅଭିବୃଦ୍ଧି ଘଟିଥିବା ଏଥିରୁ ସ୍ପଷ୍ଟ ସଙ୍କେତ ମିଳିଛି। ୨୦୨୪ ଲୋକ ସଭା ନିର୍ବାଚନରେ ମଧ୍ୟ ବିହାରରେ ଭାଜପା ପ୍ରଥମ ଥର ପାଇଁ ଜେଡିୟୁଠାରୁ ଗୋଟିଏ ଅଧିକ ଆସନରେ ଲଢ଼ିଥିଲା।

ଏନ୍‌ଡିଏର ଆସନ ବୁଝାମଣା ସୂତ୍ରକୁ ସମସ୍ତ ସହଯୋଗୀ ଦଳର ନେତା ଓ କର୍ମୀମାନେ ଖୁସିରେ ସ୍ୱାଗତ କରିଛନ୍ତି। ବିହାରରେ ପୁଣିଥରେ ଏନ୍‌ଡିଏ ସରକାର ଗଢ଼ିବାକୁ ଯାଉଥିବା ଧର୍ମେନ୍ଦ୍ର କହିଛନ୍ତି। ତାଙ୍କର ଏହି ବାର୍ତ୍ତାକୁ ପାଶ୍ୱାନ ଏବଂ କୁଶୱାହା ଦୋହରାଇଛନ୍ତି। ମାନ୍‌ଝୀ ଦାବି କରୁଥିବା ଆସନ ପାଇ ନ ଥିଲେ ମଧ୍ୟ ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁଗତ ହୋଇ ରହିବେ ବୋଲି କହିଛନ୍ତି।

ଭାଜପାର ବରିଷ୍ଠ ନେତା ଓ ସହଯୋଗୀ ଦଳଗୁଡ଼ିକର ନେତାଙ୍କ ସହ କିଛିଦିନ ଧରି ଚାଲିଥିବା ଆଲୋଚନା ପରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ପାଶ୍ୱାନ, ମାନ୍‌ଝୀ ଏବଂ କୁଶୱାହା ଅଧିକ ଆସନରେ ପ୍ରାର୍ଥୀ ଦେବା ଲାଗି ଭାଜପା ନିକଟରେ ମୂଲଚାଲ ଚଳାଇଥିଲେ। ପାଶ୍ୱାନ ପୂର୍ବାପେକ୍ଷା ଅଧିକ ଆସନ ଦାବି କରିଥିଲେ। ବିହାର ବିଧାନସଭା ନିର୍ବାଚନ ନଭେମ୍ବର ୬ ଓ ୧୧ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି।

## ଦିଲ୍ଲୀରେ ଲାଲୁ, ତେଜସ୍ୱୀ



ନୂଆଦିଲ୍ଲୀ,୧୨।୧୦

ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅକ୍ଟୋବର ୧୭ ଥିବାବେଳେ ମହାମେଣ୍ଟରେ ଆସନ ବୁଝାମଣା ଅଙ୍କ ଛିଡୁନାହିଁ। ଆର୍‌ଜେଡି ଅଧକ୍ଷ ଲାଲୁପ୍ରସାଦ ଯାଦବ, ସ୍ତ୍ରୀ ରାବ୍‌ରୀ ଦେବୀ ଏବଂ ପୁଅ ତଥା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ରବିବାର ଦିଲ୍ଲୀ ଯାଇଥିବାରୁ ଆସନ ବୁଝାମଣା ଆହୁରି ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି। ଆସନ ବଣ୍ଟନ ଏବଂ ପ୍ରାର୍ଥୀ ଚୟନର ଚୂଡ଼ାନ୍ତ ନିଷ୍ପତ୍ତି ଆର୍‌ଜେଡି ଲାଲୁଙ୍କ ଉପରେ ଛାଡ଼ିଥିବାବେଳେ ସହଯୋଗୀ ଦଳଗୁଡ଼ିକ ଅଧିକ ଆସନରେ ଲଢ଼ିବାକୁ

**ମହାମେଣ୍ଟ ଆସନ ବୁଝାମଣା ଅଟକିଲା**

ଚାହୁଁଥିବାରୁ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇପାରୁ ନାହିଁ। ବିମାନବନ୍ଦରରେ ଲାଲୁ ଓ ରାବ୍‌ରୀ ଖବରଦାତାମାନଙ୍କ କୌଣସି ପ୍ରଶ୍ନର ଉତ୍ତର ଦେଇ ନ ଥିବାବେଳେ ସବୁକିଛି ଠିକ୍ ଚାଲିଥିବା ତେଜସ୍ୱୀ କହିଥିଲେ। ଅନ୍ୟପକ୍ଷରେ ଜମି ବଦଳରେ ରେଲୱେରେ ନିଯୁକ୍ତି ଦୁର୍ନୀତି ମାମଲାର ଶୁଣାଣି ସୋମବାର ହେବାକୁ ଥିବାରୁ ଲାଲୁ ଓ ତେଜସ୍ୱୀ ଦିଲ୍ଲୀ ଯାଇଥିବା ଆର୍‌ଜେଡି ମୁଖ୍ୟଙ୍କ ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି। ଦିଲ୍ଲୀରେ ସେମାନେ ବରିଷ୍ଠ ନେତାମାନଙ୍କୁ ଭେଟିପାରନ୍ତି।

## ଗାଜା ଶାନ୍ତି ଆଲୋଚନା ପାଇଁ ମୋଦିଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ,୧୨।୧୦



ନରେନ୍ଦ୍ର ମୋଦି

ଇଜିପ୍ଟର ଶର୍ମ ଏଲ୍ ଶେଖ୍‌ରେ ଅନୁଷ୍ଠିତ ହେବାକୁ ଥିବା ଗାଜା ଶାନ୍ତି ସମିଟ୍‌ରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଇଜିପ୍ଟ ରାଷ୍ଟ୍ରପତି ଅବଡେଲ୍ ଫତାହ ଏଲ୍-ସିସି ଆନୁଷ୍ଠାନିକ ଆମନ୍ତ୍ରଣ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ଉକ୍ତ ସମିଟ୍‌ରେ ଯୋଗ ଦେବେ ନାହିଁ। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ଉକ୍ତ ଉଚ୍ଚସ୍ତରୀୟ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇଜିପ୍ଟ ପ୍ରତିପକ୍ଷ ଏଲ୍-ସିସି ସମ୍ମିଳନୀରେ ମିଳିତ ଭାବେ ଅଧ୍ୟକ୍ଷତା କରିବାକୁ ଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଦେଶର ନେତା ଯୋଗଦେବେ। ସେମାନଙ୍କ ମଧ୍ୟରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର, ଇଟାଲୀ ପ୍ରଧାନମନ୍ତ୍ରୀ ଜିର୍ଜିଆ ମେଲୋନି, ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସ୍ନାଚେଜ୍ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଅଛନ୍ତି। ଗାଜାରେ ଯୁଦ୍ଧ ବନ୍ଦ ସମେତ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ଉଦ୍ୟମ ବଢ଼ାଇବା ଏହି ସମ୍ମିଳନୀର ଲକ୍ଷ୍ୟ। ଗାଜାରେ ଅସ୍ତ୍ରବିରତି ଆରମ୍ଭ ହୋଇଥିଲାବେଳେ ଶାନ୍ତି ଚୁକ୍ତିନାମାରେ ଆନୁଷ୍ଠାନିକ ସ୍ୱାକ୍ଷର କରିବାରୁ ଦୂରେଇ ରହିବ ବୋଲି ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ହମାସ୍ ଘୋଷଣା କରିଛି। ଅସ୍ତ୍ର ତ୍ୟାଗ ଲାଗି ଟ୍ରମ୍ପଙ୍କ ଯୋଜନାରେ ହମାସ୍ ରାଜି ନ ଥିବା କହିଛି। ସେହିପରି ଗାଜାରୁ ପାଲେଷ୍ଟିନୀୟମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପ୍ରସ୍ତାବକୁ ମଧ୍ୟ ହମାସ୍ ନେତାମାନେ ପ୍ରତ୍ୟାଖ୍ୟାନ କରିଥିବାରୁ ଶାନ୍ତି ପ୍ରକ୍ରିୟାରେ ପ୍ରତିବନ୍ଧକ ଦେଖାଦେଇଛି।

## ପ୍ରେସ୍ ମିଟ୍‌ରୁ ମହିଳା ଖବରଦାତା ବାଦ୍ ପଡ଼ିବା ଉଦ୍ଦେଶ୍ୟମୂଳକ ନ ଥିଲା: ଆଫଗାନ୍ ମନ୍ତ୍ରୀ

ନୂଆଦିଲ୍ଲୀ,୧୨।୧୦

ନୂଆଦିଲ୍ଲୀରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରୁ ମହିଳା ଖବରଦାତାଙ୍କୁ ବାଦ୍ ଦିଆଯିବା ଉଦ୍ଦେଶ୍ୟମୂଳକ ନୁହେଁ ବରଂ ଏକ ବୈଷୟିକ ପ୍ରସଙ୍ଗ ଥିଲା ବୋଲି ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଅମିର ଖାନ୍ ମୁତ୍ତକି କହିଛନ୍ତି। ରବିବାର ମୁତ୍ତକି ଦ୍ୱିତୀୟ ଖବରଦାତା ସମ୍ମିଳନୀ କରିଥିଲେ, ଯେଉଁଥିରେ ଉଭୟ ପୁରୁଷ ଓ ମହିଳା ଖବରଦାତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସେ କହିଛନ୍ତି, ଖୁବ୍ କମ୍ ସମୟ ମଧ୍ୟରେ ଶୁକ୍ରବାରର ପ୍ରେସ୍ ମିଟ୍ ଆୟୋଜନ କରାଯାଇଥିଲା ଓ ନିର୍ଦ୍ଦିଷ୍ଟ ଖବରଦାତାଙ୍କ ତାଲିକା ପ୍ରସ୍ତୁତ ହୋଇଥିଲା। କାହାକୁ ଜାଣିଶୁଣି ବାଦ୍ ଦିଆଯାଇ ନ ଥିଲା। ଭାରତ ଗସ୍ତରେ ଆସିଥିବା ମୁତ୍ତକି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଖବରଦାତା ସମ୍ମିଳନୀ କରିଥିଲେ। ମହିଳା ଖବରଦାତାଙ୍କୁ ଅନୁମତି ଦିଆ ନଯିବାକୁ ବିରୋଧୀ ଦଳ ତୀବ୍ର ସମାଲୋଚନା କରିଥିଲେ।

## ହଲିଉଡ୍ ଅଭିନେତ୍ରୀ ଡାଏନ କିଟନଙ୍କ ପରଲୋକ

ୱାଶିଂଟନ, ୧୨।୧୦



ହଲିଉଡ୍‌ର ପ୍ରସିଦ୍ଧ ଓସ୍କାର ବିଜେତା ଅଭିନେତ୍ରୀ ଡାଏନ କିଟନଙ୍କର ଶନିବାର ୭୯ ବର୍ଷରେ ପରଲୋକ ହୋଇଯାଇଛି। କାଲିଫର୍ନିଆରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୪୬ରେ ଆମେରିକାର ଲସ୍‌ଏଞ୍ଜେଲ୍ସରେ ଡାଏନ ଜନ୍ମ ହୋଇଥିଲେ। ୧୯୭୨ରେ ଫ୍ରାନ୍ସିସ୍ ଫୋର୍ଡ କୋପୋଲାଙ୍କ 'ଦି ଗଡ୍‌ଫାଦର' ଫିଲ୍ମରେ ଆଡମ୍ସ ଚରିତ୍ରରେ ଅଭିନୟ କରି ସେ ପ୍ରଥମ ଥର ପ୍ରସିଦ୍ଧି ପାଇଥିଲେ। ୧୯୭୭ରେ ଵୁଡି ଏଲନଙ୍କ ଫିଲ୍ମ 'ଆନି ହଲ୍' ପାଇଁ ସେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଓସ୍କାର ପୁରସ୍କାର ଜିତିଥିଲେ। ନିଜ ୫ ଦଶକର ଲମ୍ବା ଫିଲ୍ମ କ୍ୟାରିୟରରେ ଡାଏନ 'ଦି ଫାଷ୍ଟ ୱାଇଭ୍ସ କ୍ଲବ', 'ସମଥିଙ୍ଗ୍ସ ଗଟା ଗିଭ୍', 'ବୁକ୍ କ୍ଲବ୍' ଆଦି ସୁପରହିଟ ଫିଲ୍ମରେ ଅଭିନୟ କରିଛନ୍ତି, ଯାହା ଦର୍ଶକଙ୍କ ମନରେ ଆଜିବି ଉଜ୍ଜୀବୀତ ହୋଇରହିଛି। ଅନେକ ହଲିଉଡ୍ ତଥା ବଲିଉଡ୍ କଳାକାର ସୋସିଆଲ ମିଡିଆରେ ଡାଏନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଆର୍‌ଟିଆଇ ଆଇନକୁ ୨୦ ବର୍ଷ

ନୂଆଦିଲ୍ଲୀ,୧୨।୧୦

ସୂଚନା ଅଧିକାର (ଆର୍‌ଟିଆଇ) ଆଇନକୁ ୨୦ ବର୍ଷ ପୂରିଛି। ଶାସନରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ଲକ୍ଷ୍ୟରେ ୨୦୦୫ ଅକ୍ଟୋବର ୧୨ରେ ଉପା ସରକାର ଏହି ଆଇନ ଆଣିଥିଲେ। ତେବେ ନରେନ୍ଦ୍ର ମୋଦିଙ୍କ ସରକାର ଉକ୍ତ ଆଇନକୁ ବ୍ୟବସ୍ଥିତ ଭାବେ ହତ୍ୟା ଓ ଦୁର୍ବଳ କରୁଥିବା କଂଗ୍ରେସ ରବିବାର ଅଭିଯୋଗ କରିଛି। ଭାଜପା ପାଇଁ ଆର୍‌ଟିଆଇ ଅର୍ଥ 'ଧମକାଇବା ଅଧିକାର' ଏବଂ କେନ୍ଦ୍ରୀୟ ସୂଚନା କମିଶନକୁ ଶାସନରେ ଥିବା ଲୋକମାନେ କ୍ଷମତାହୀନ କରିଦେଇଥିବା କଂଗ୍ରେସ କହିଛି। କେନ୍ଦ୍ରୀୟ ସୂଚନା କମିଶନ୍‌ରେ ମୁଖ୍ୟ ପଦବୀ ସହିତ ୭ଟି ସୂଚନା କମିଶନର ପଦବୀ ଖାଲି ପଡ଼ିଛି। ଆର୍‌ଟିଆଇ ଆଇନର ଅବକ୍ଷୟ ଗଣତନ୍ତ୍ରର ଅବକ୍ଷୟ କରାଇବ ବୋଲି କଂଗ୍ରେସ ସତର୍କ କରାଇଦେଇଛି।

## ୨୦୩୦ ସୁଦ୍ଧା ୪୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ଏଆଇ: ନୀତି ଆୟୋଗ

ନୂଆଦିଲ୍ଲୀ,୧୨।୧୦

୨୦୩୦ ସୁଦ୍ଧା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦେଶରେ ୪୦ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି କରିବାର ସମ୍ଭାବନା ରହିଥିବା ନୀତି ଆୟୋଗ ପକ୍ଷରୁ ପ୍ରକାଶିତ ଏକ ବିସ୍ତୃତ ରିପୋର୍ଟରେ କୁହାଯାଇଛି। ବିଶେଷକରି ପ୍ରଯୁକ୍ତି ଏବଂ ଖାଉଟି ଅଭିଜ୍ଞତା ସେକ୍ଟରରେ ସର୍ବାଧିକ ନିଯୁକ୍ତି ସୃଷ୍ଟି ହେବ ବୋଲି ନୀତି ଆୟୋଗର 'ରୋଡ୍‌ମ୍ୟାପ୍ ଫର୍ ଜବ୍ କ୍ରିଏଶନ ଇନ୍ ଦି ଏଆଇ ଇକୋନୋମି' ରିପୋର୍ଟରେ କୁହାଯାଇଛି। ନୀତି ଆୟୋଗ ସିଇଓ ବି.ଭି.ଆର୍. ସୁବ୍ରମଣ୍ୟମ ଉକ୍ତ ରିପୋର୍ଟ ଉନ୍ମୋଚନ କରିଥିବାବେଳେ ସ୍କୁଲ୍ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବ ସଞ୍ଜୟ କୁମାର, ଉଚ୍ଚଶିକ୍ଷା ସଚିବ ବିନୀତ ଜୋଷୀ ପ୍ରମୁଖ ଅଧିକାରୀ ଓ ଶିଳ୍ପପତି ଉପସ୍ଥିତ ଥିଲେ। ନାସ୍‌କମ୍ ଏବଂ ବିସିଜି (ବୋଷ୍ଟନ୍ କନ୍‌ସଲ୍ଟିଂ ଗ୍ରୁପ୍) ଦ୍ୱାରା ବିକଶିତ ଉକ୍ତ ରିପୋର୍ଟରେ ଭାରତ ୨୦୩୫ ସୁଦ୍ଧା ଏଆଇ ଟ୍ୟାଲେଣ୍ଟମାନଙ୍କ ବୈଶ୍ୱିକ ହବ୍‌ରେ ପରିଣତ ହେବ ବୋଲି କୁହାଯାଇଛି। ଏଆଇ ଯୋଗୁ ଭାରତର ୨୪୫ ବିଲିୟନ ଡଲାର ପ୍ରଯୁକ୍ତି ଓ ଉପଭୋକ୍ତା ଅଭିଜ୍ଞତା ସେକ୍ଟରରେ ବିଶୃଙ୍ଖଳା ଦେଖାଦେଇଛି। ଯଦି ଜରୁରୀ ପଦକ୍ଷେପ ନିଆ ନ ଯାଏ ତେବେ ୨୦୩୧ ସୁଦ୍ଧା କ୍ୱାଲିଟି ଆସ୍ୟୁରାନ୍ସ ଇଞ୍ଜିନିୟର ଏବଂ ଲେବଲ୍-୧ ସପୋର୍ଟ ଏଜେଣ୍ଟ ପଦବୀ ସର୍ବାଧିକ ହ୍ରାସ ପାଇବ ବୋଲି ରୋଡ୍‌ମ୍ୟାପ୍‌ରେ ସତର୍କ କରାଇ ଦିଆଯାଇଛି। କୌଶଳଗତ ଦକ୍ଷତା ଏବଂ ନବପ୍ରବର୍ତ୍ତନ ଏହି ବିଶୃଙ୍ଖଳାକୁ ଜାତୀୟ ସୁଯୋଗରେ ପରିଣତ କରିପାରିବ। ନିଯୁକ୍ତି ହ୍ରାସ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟରେ ବ୍ୟବଧାନ ସମ୍ପ୍ରତି ଆମେ କରୁଥିବା ପସନ୍ଦ ଉପରେ ନିର୍ଭର କରେ ବୋଲି ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି।

## ଫୁରସତ୍

# ଘଣ୍ଟାକରେ ୭୩୩ ଥର ପୁଲ୍‌ଅପ୍

**ଅଷ୍ଟ୍ରେଲୀୟ ମହିଳା ପୋଲିସଙ୍କ ବିଶ୍ୱ ରେକର୍ଡ**

କାନ୍‌ବେରା



ଅଷ୍ଟ୍ରେଲୀୟ ମହିଳା ପୋଲିସ ଅଧିକାରୀ ଜେଡ୍ ହେଣ୍ଡରସନ୍ (୩୨) ନିଜର ଅଦ୍ଭୁତ ଶକ୍ତି ଏବଂ ଦୃଢ଼ ନିଷ୍ଠା ପ୍ରଦର୍ଶନ ବଳରେ ଗୋଟିଏ ଘଣ୍ଟା ମଧ୍ୟରେ ସର୍ବାଧିକ ଥର ପୁଲ୍‌ଅପ୍ କରି ପ୍ରାୟ ୧୦ ବର୍ଷର ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ଗତ ଅଗଷ୍ଟ ୨୨ରେ ସେ ଏକ ଘଣ୍ଟାର ଅବଧି ମଧ୍ୟରେ ୭୩୩ ଥର ପୁଲ୍‌ଅପ୍ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଛନ୍ତି। ଏନେଇ ଜିଡବ୍ଲ୍ୟୁଆର୍ ପକ୍ଷରୁ ସୂଚନା ଦିଆଯାଇଛି। ସେ ପ୍ରତି ମିନିଟ୍‌ରେ ହାରାହାରି ୧୨ରୁ ଅଧିକ ଥର ପୁଲ୍‌ଅପ୍ କରିଥିଲେ। ନିଜର ଶାରୀରିକ ଏବଂ ମାନସିକ ସୀମାକୁ ପରୀକ୍ଷା କରିବା ପାଇଁ ସେ ଏହି କଠିନ ଚ୍ୟାଲେଞ୍ଜକୁ ଗ୍ରହଣ କରିଥିବା ହେଣ୍ଡରସନ କହିଛନ୍ତି। ପୂର୍ବରୁ ଉକ୍ତ ରେକର୍ଡ ଅଷ୍ଟ୍ରେଲିଆର ଇଭା କ୍ଲାର୍କଙ୍କ ନାମରେ ରହିଥିଲା। ସେ ୨୦୧୬ରେ ଘଣ୍ଟାକରେ ୭୨୫ ଥର ପୁଲ୍‌ଅପ୍ କରି ବିଶ୍ୱ ରେକର୍ଡ କରିଥିଲେ, ଯାହାକୁ ନିକଟରେ ହେଣ୍ଡରସନ୍ ଭାଙ୍ଗିଛନ୍ତି। ବିଶ୍ୱ ରେକର୍ଡ ହାସଲ କରିବା ପରେ ଜିଡବ୍ଲ୍ୟୁଆର୍‌କୁ ହେଣ୍ଡରସନ୍ କହିଛନ୍ତି, ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ କାର୍ଯ୍ୟକରି ସଫଳତା ପାଇବାକୁ ପ୍ରେରଣା ଯୋଗାଇବ। ସେ ଏପରି କିଛି କରି ରେକର୍ଡ କରିବାକୁ ଚାହୁଁଥିଲେ, ଯାହା ଅନ୍ୟମାନଙ୍କ ମଧ୍ୟରେ ବିଶେଷ ଭାବେ ଲୋକପ୍ରିୟ ହୋଇ ନ ଥିବ। ତେଣୁ ସେ ପୁଲ୍‌ଅପ୍‌ର ତାଲିମ ନେବା ଆରମ୍ଭ କରିଥିଲେ। ଏହି ସଫଳତା ପାଇବା ପରେ ସେ ମାନସିକ ଏବଂ ଶାରୀରିକ ଭାବେ ସମ୍ପୂର୍ଣ୍ଣ ସକ୍ଷମ ଅଛନ୍ତି ବୋଲି ଜାଣି ପାରିଥିବା ହେଣ୍ଡରସନ୍ କହିଛନ୍ତି। ହେଣ୍ଡରସନ୍ ଆହୁରି କହିଛନ୍ତି, ପ୍ରଥମେ ସେ ୨୪ ଘଣ୍ଟା ବର୍ଗରେ ସର୍ବାଧିକ ପୁଲ୍‌ଅପ୍ କରି ରେକର୍ଡ କରିବାକୁ ଯୋଜନା କରିଥିଲେ। ୨୪ ଘଣ୍ଟା ମଧ୍ୟରେ ୭,୦୭୯ ଥର ପୁଲ୍‌ଅପ୍ କରି ଏହି ରେକର୍ଡ ଅଷ୍ଟ୍ରେଲିଆର ଅଲିଭିଆ ଭିନ୍‌ସନ୍‌ଙ୍କ ନାମରେ ରହିଛି। ତେବେ ତାଲିମ ବେଳେ ଏକ ଆଘାତ ଯୋଗୁ ସେ ନିଜ ଯୋଜନାରେ ପରିବର୍ତ୍ତନ ଆଣିଥିଲେ ଏବଂ ପୁଲ୍‌ଅପ୍‌ର ଘଣ୍ଟିକିଆ ବର୍ଗରେ ଭାଗ ନେଇ ରେକର୍ଡ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ହେଣ୍ଡରସନ୍ କହିଛନ୍ତି।



# 'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ

ମୁମ୍ବାଇ

ଫିଲ୍ମ ନିର୍ମାତା ବୋନି କପୁରଙ୍କ ସୁପରହିଟ୍ ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ 'ନୋ ଏଣ୍ଟ୍ରି ୨' ଖୁବ୍‌ଶୀଘ୍ର ରିଲିଜ୍ ହେବ ବୋଲି କିଛିଦିନ ତଳେ ଘୋଷଣା ହୋଇଥିଲା। ଫିଲ୍ମର ଷ୍ଟାର୍‌କାଷ୍ଟରେ ଅଭିନେତା ଅର୍ଜୁନ କପୁର, ବରୁଣ ଧାୱନ ଏବଂ ଦିଲ୍‌ଜିତ ଦୋସାଞ୍ଜ ସାମିଲ ହେବେ ବୋଲି ଘୋଷଣା କରାଯାଇଥିଲା। ତେବେ କିଛିଦିନ ତଳେ ଦିଲ୍‌ଜିତ ଏହି ଫିଲ୍ମକୁ ଛାଡ଼ିଥିଲେ। ବରୁଣ ମଧ୍ୟ ଏହି ଫିଲ୍ମ ଛାଡ଼ିଥିବା ନେଇ ରବିବାର ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ବରୁଣ ସମ୍ପ୍ରତି ନିଜର ଅନ୍ୟ ବଡ଼ ପ୍ରୋଜେକ୍ଟରେ ବ୍ୟସ୍ତ ଅଛନ୍ତି। ଏବେ ସେ 'ଭେଡ଼ିୟା ୨' ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେହିପରି ଆଗକୁ 'ବର୍ଡର ୨' ଫିଲ୍ମର ଶୁଟିଂରେ ସେ ବ୍ୟସ୍ତ ରହିବେ। 'ନୋ ଏଣ୍ଟ୍ରି ୨'ର ଶୁଟିଂ ପାଇଁ ତାରିଖକୁ ନେଇ ଫିଲ୍ମ ନିର୍ମାତାଙ୍କ ସହ ସହମତି ହୋଇ ନ ପାରିବାରୁ ବରୁଣ ଏହି ଫିଲ୍ମରୁ ନିଜକୁ ଦୂରେଇ ରଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ୨୦୦୫ରେ ରିଲିଜ୍ ହୋଇଥିବା 'ନୋ ଏଣ୍ଟ୍ରି' ଫିଲ୍ମରେ ଅଭିନେତା ସଲ୍‌ମାନ ଖାନ୍, ଅନିଲ କପୁର, ଫରଦୀନ ଖାନ୍, ଅଭିନେତ୍ରୀ ବିପାଶା ବସୁ, ଲାରା ଦତ୍ତା, ସେଲିନା ଜେଟଲୀ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା।



ପୁରୀ ଷ୍ଟେଶନ କଲ୍ୟାଣ ମଣ୍ଡପ ହବିଷିଆଳି କେନ୍ଦ୍ର ପରିସରରେ ରବିବାର ହବିଷିଆଳିମାନେ ଆକାଶ ଦୀପ ଜାଳିବା ସହ ପୂଜାର୍ଚ୍ଚନା କରୁଛନ୍ତି। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**

# ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ ଶୌଚାଳୟରୁ ୩ କଙ୍କାଳ ଜବତ

## ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ



ଜବତ କଙ୍କାଳ



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

**ପାଟଣାଗଡ଼,୧୨।୧୦**
**(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଥାନା ଅଧୀନ ଭଇଁଷା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ପରିତ୍ୟକ୍ତ ଶୌଚାଳୟ ଭିତରୁ ରବିବାର ତିନୋଟି କଙ୍କାଳ ପୋଲିସ ଜବତ କରିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସକାଳେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି କୌଣସି କାମ ପାଇଁ ସେହି ପରିତ୍ୟକ୍ତ ଶୌଚାଳୟ ଭିତରକୁ ଯାଇଥିଲେ। ସେହି ସମୟରେ ସେମାନେ ଶୌଚାଳୟ ଭିତରେ ଦୁଇଟି କଙ୍କାଳ ଓ ଶୌଚାଳୟ ସମ୍ମୁଖରେ ଗୋଟିଏ କଙ୍କାଳ ପଡିଥିବାର ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଓ ବଲାଙ୍ଗୀର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନଂ ୩୧/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତେବେ କିଛି ସମୟ ପରେ ତଦନ୍ତକାରୀ ଟିମ୍ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଏହା ମଣିଷର ନୁହେଁ, ମାଙ୍କଡ଼ର କଙ୍କାଳ ବୋଲି ଜଣାପଡୁଥିବା କହିଥିଲେ। ମାଜିଷ୍ଟ୍ରେଟ ଭାବେ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଯଦି ଏହା ମଣିଷର କଙ୍କାଳ ହୋଇଥାଏ ତେବେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଦେଶରେ ନୂତନ ଜାଗରଣ ସୃଷ୍ଟି କରିଥିଲେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ: ମୁଖ୍ୟମନ୍ତ୍ରୀ

- ଯୁବ ସଶକ୍ତୀକରଣର ପ୍ରଥମ ଚାମ୍ପିୟନ ଥିଲେ ସ୍ୱାମୀ
- ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଶିକ୍ଷା

**ଭୁବନେଶ୍ୱର,୧୨।୧୦**
**(ରବିନାରାୟଣ ଜେନା)**

ଦେଶରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅବଦାନ ଅତୁଳନୀୟ। ଭାରତ ବିଦେଶୀ ଶାସନ ଅଧୀନରେ ଥିବାବେଳେ ୧୮୭୫ରେ ସ୍ୱାମୀ ଦୟାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ ପରାଧୀନ ଭାରତ ବର୍ଷରେ ଅଜ୍ଞତାର ଅନ୍ଧକାର ଓ ଅସମାନତା ମଧ୍ୟରେ ଆଲୋକର ସୂର୍ଯ୍ୟ ପରି ଉଦୟ ହୋଇଥିଲେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରବିବାର ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଯଦି ଆମେ ଗତ ୧୫୦ ବର୍ଷକୁ ଦେଖିବା ତେବେ ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ। ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ, ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ। ସେ ପୁଣି କହିଥିଲେ, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ ; ଯିଏ ଅନ୍ଧ ବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାରକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିଥିଲେ। ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତୀକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା। ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଥିଲା।

ସେ ଆହୁରି କହିଥିଲେ, ଆଜି ଆମେ ମହିଳାଙ୍କ ବିକାଶ ପାଇଁ ମହିଳା ସଶକ୍ତୀକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ତୃଣମୂଳ ସ୍ତରରେ ମହିଳାଙ୍କ ନେତୃତ୍ୱ ବିଷୟରେ ଯେଉଁ କାର୍ଯ୍ୟ କରୁଛୁ ତାହା ହେଉଛି ସ୍ୱାମୀ ଦୟାନନ୍ଦଙ୍କର ମାର୍ଗ ଦର୍ଶନ। ଏହି ଅବସରରେ ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଯୁବ ସଶକ୍ତୀକରଣର ପ୍ରଥମ ଚାମ୍ପିୟନ ଥିଲେ ସ୍ୱାମୀ ଦୟାନନ୍ଦ। ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ପାଇଁ ଓ ନିଜ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।



ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ରବିବାର ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭକ୍ତି ଅର୍ଘ୍ୟ ଅର୍ପଣ କରୁଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କୋଠଘର ପ୍ରକାଶନୀ ପକ୍ଷରୁ ପୁସ୍ତକ ଲୋକାର୍ପଣ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୪ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।
- ଫ୍ରେଣ୍ଡସ୍ କ୍ଲବ୍ ଗଜଲକ୍ଷ୍ମୀ ପୂଜା ପକ୍ଷରୁ ମେଲୋଡ଼ି ସୁର୍ ମହ୍ଲାର କାର୍ଯ୍ୟକ୍ରମ, ସ୍ଥାନ: ଫ୍ରେଣ୍ଡସ୍ କ୍ଲବ ୟୁନିଟ୍ ୯, ସମୟ: ସନ୍ଧ୍ୟା ୭ଟା।

## କଟକ
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନିଆଳି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଅଶୋକ କୁମାର ମହାପାତ୍ରଙ୍କ ୫ମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସ୍ୱସ୍ତିକ, ତେଲେଙ୍ଗାବଜାର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ଦିବ୍ୟାଙ୍ଗ ଅଲମ୍ପିକ ଖେଳାଳି ସମ୍ବିତ କୁମାର ଦାସଙ୍କୁ ସମ୍ବର୍ଦ୍ଧନା,ସ୍ଥାନ:ଗୋପାଳପୁର, ମଣିଭଦ୍ର ହାଇସ୍କୁଲ ପରିସର, ବାହାନଗା,ସମୟ: ଅପରାହ୍ନ ୨ଟା୩୦।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ୬୯ତମ ରାଜ୍ୟସ୍ତରୀୟ ଭଲିବଲ୍ ଚାମ୍ପିୟନଶିପ୍‌ର ୩ୟ ଦିବସ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ବେଣାପାଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ବ୍ଲକସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ, ସ୍ଥାନ: ଦାରିଙ୍ଗବାଡି ବ୍ଲକ ସଭାଗୃହ,ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ, ପରଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- କାଞ୍ଚନ ବଜାର ପ୍ଲାଟିନମ ଜୟନ୍ତୀର ୭ମ ସନ୍ଧ୍ୟା, ସ୍ଥାନ: କାଞ୍ଚନ ବଜାର, ସମୟ: ସନ୍ଧ୍ୟା ସାଢେ ୬ଟା।
- ଶ୍ରୀମଦ୍ ଭାଗବତ ପ୍ରବଚନ ଓ ଜ୍ଞାନଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ତାରେଣୀ ଛକ, ଯୋରନ୍ଦା, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଅନୁଗୋଳ କଲେଜ ଛକ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଅନ୍ନ ପ୍ରସାଦ ବଣ୍ଟନ ସହ ଓଲିଉଡ ତାରକା ବାବୁସାନ ମହାନ୍ତିଙ୍କ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ କଲେଜ ଛକ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର
- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଏରସମା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ମା'ଗଜଲକ୍ଷ୍ମୀ ମେଲଣ ଉତ୍ସବ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ଭୋର ୫ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଯାଜପୁର ରୋଡ କେଏନ୍‌ଡିଏ କାର୍ଯ୍ୟାଳୟ ପରିସର, ସମସୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ନୟାଗଡ ବ୍ଲକ ଖଇରପଟି, ଝାରପଡା, ବିରୁଡା, ପାଣ୍ଡେରୀପଡା, ଶ୍ୟାମଘନପୁର ଓ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ରଘୁନାଥ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ୧୯ ବର୍ଷରୁ କମ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସ ମ୍ୟାଚ, ସ୍ଥାନ: ଓଡଗାଁ ମିନି ଷ୍ଟାଡିୟମ୍, ସମୟ:ପୂର୍ବାହ୍ନ ୧୦.୩୦ ।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞର ୪ର୍ଥ ଦିବସରେ ରାମ ସୀତା ବିବ୍ୟ ଲୀଳା, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ସମ୍ମୁଖ, ସମୟ: ସଂଧ୍ୟା ୭ଟା ।
- ଜଗନ୍ନାଥ ମନ୍ଦିରରେ ଭାଗବତ ମହାପୁରାଣ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞର ୪ର୍ଥ ଦିବସ, ସ୍ଥାନ: ନୟାଗଡ ପୁରୁଣା ସହର, ସମୟ: ସଂଧ୍ୟା ୭ଟା ।

## ରାୟଗଡ଼ା
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଲ୍ୟାଣସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଦୌଡକୁଦ ଓ ଖେଳ ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଡାବୁଗାଁ ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଚନ୍ଦାହଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଦୁଇ ଦିନିଆ ଖେଳ ପ୍ରତିଯୋଗିତା ଆରମ୍ଭ, ସ୍ଥାନ: ଝରିଗାଁ ସରକାରୀ ନୋଡାଲ ପଞ୍ଚାୟତ ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ଗୋଷ୍ଠୀସ୍ତରରେ ଜଳ ପରିଚାଳନା ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ ଟା।
- ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗ କଲ୍ୟାଣ ସମିତି ପକ୍ଷରୁ ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ, ସ୍ଥାନ: ନବରଙ୍ଗପୁର,ସମୟ: ଅପରାହ୍ନ ୩ଟା।

## କୋରାପୁଟ
- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବନ୍ଧୁଗାଁ ବ୍ଲକ ସଭାଗୃହ, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କେନ୍ଦାର ପଞ୍ଚାୟତ କାର୍ଯ୍ୟାଳୟ ପରିସର, କୋରାପୁଟ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ନନ୍ଦପୁର ବ୍ଲକ୍ ଥିବା ପଞ୍ଚାୟତ କାର୍ଯ୍ୟାଳୟ, କୋଟପାଡ଼ ବ୍ଲକ୍‌ର ସୁତିପଦର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ସଚେତନତା ଶିବିର, ସ୍ଥାନ: ଦିଗାପୁର ପଞ୍ଚାୟତ, କୁନ୍ଦୁରା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦସ୍ଥିତ ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ ପରିସର, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି, ସ୍ଥାନ : ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- .ମାତା ଭଗବତୀ ଦେବୀ ଏବଂ ଅଖଣ୍ଡ ଦୀପ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : କମଲିବଜାର, ସମୟ : ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ,ସ୍ଥାନ: ସବ୍‌ଡେଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।
- ଧନୁଯାତ୍ରା ମହୋତ୍ସବ ସମିତିର ବୈଠକ, ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି
- ପୂର୍ବତନ ବିଡିଓଙ୍କ ପୁନଃ ନିଯୁକ୍ତି ପ୍ରତିବାଦରେ ଧାରଣା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋକସରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ହରଭଙ୍ଗା, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମୁର୍ଷୁଣୀ ଗଜଲକ୍ଷ୍ମୀ ପୂଜା ପାରାୟଣର ଅଷ୍ଟମ ଦିବସ, ସ୍ଥାନ: ଗଜଲକ୍ଷ୍ମୀ ପଡ଼ିଆ, ସମୟ ସକାଳ: ୮ଟା।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସପ୍ତାହ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ : ସକାଳ ୮ଟା।
- ସୁନ୍ଦରକାଣ୍ଡ ପାରାୟଣ ଓ ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ହନୁମାନ ମଠ ଲୁଚାବନ୍ଧ, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକର ଶଙ୍କରା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହରଗୌରୀ ଯାତ୍ରା ଅବସରରେ ମେଲୋଡି ପରିବେଷଣ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ଡେରାପଡା ସାଂସ୍କୃତିକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ମୁରାସୁର ଦରବାର ସ୍ଥାନ: ମୁର୍ଷୁଣୀ ଦରବାର ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଗିରିଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

# ପ୍ରଥମ ପୃଷ୍ଠାରୁ...

## ପାକ୍-ଆଫଗାନ ...
ଗୁଳି ଓ ବୋମା ବିନିମୟ ହୋଇଥିବା ପାକିସ୍ତାନ କହିଛି। ପାକିସ୍ତାନର କୁରମ୍ ଅଞ୍ଚଳରେ ଏବେ ମଧ୍ୟ ଗୁଳି ବିନିମୟ ଚାଲିଥିବା ସ୍ଥାନୀୟ ଅଧିକାରୀ ଓ ବାସିନ୍ଦାମାନେ କହିଛନ୍ତି। ଅନ୍ୟପକ୍ଷେ ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରାତ୍ରିରେ ଏହାର ସେନା ପକ୍ଷରୁ ଅପରେଶନ୍ ଶେଷ ହୋଇଯାଇଥିବା ସୂଚନା ଦେଇଛି। କାବୁଲ ପକ୍ଷରୁ ରବିବାର କୁହାଯାଇଛି ଯେ, କାତାର ଓ ସାଉଦି ଆରବର ଅନୁରୋଧକ୍ରମେ ଏହାର ସେନା ଆକ୍ରମଣକୁ ବନ୍ଦ କରିଦେଇଛି। ଇତିମଧ୍ୟରେ ଦୁଇ ଉପସାଗରୀୟ ରାଷ୍ଟ୍ର ଏହି ସଂଘର୍ଷକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ ବିବୃତି ଜାରି କରିଛନ୍ତି। ତାଲିବାନ୍ ପ୍ରଶାସନର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ ରବିବାର କହିଛନ୍ତି, ଆଫଗାନିସ୍ତାନ ଭୂଖଣ୍ଡରେ କୌଣସି ପ୍ରକାର ବିପଦ ନାହିଁ। ଇସ୍‌ଲାମିକ୍ ଏମିରେଟ୍ ଏବଂ ଆଫଗାନିସ୍ତାନର ଲୋକେ ସେମାନଙ୍କ ଭୂଖଣ୍ଡକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଲଢ଼େଇ ଚାଲିଥିଲା ବୋଲି ମୁଜାହିଦ କହିଛନ୍ତି। ସଂଘର୍ଷ ଯୋଗୁ ପାକିସ୍ତାନ ପକ୍ଷରୁ ରବିବାର ଆଫଗାନିସ୍ତାନ ସଂଲଗ୍ନ ୨,୬୦୦ କି.ମି. ବିସ୍ତୃତ ସୀମାକୁ ବନ୍ଦ କରିଦିଆଯାଇଛି। ୧୮୯୩ରେ ବ୍ରିଟିଶ୍‌ମାନେ ଡୁରଣ୍ଡ ଲାଇନ୍ ନିର୍ଦ୍ଧାରଣ କରିବା ପରଠାରୁ ଏହି ସୀମା ଏକ ବିବାଦୀୟ ଅଞ୍ଚଳ ହୋଇ ରହିଆସିଛି। ଏହି ସୀମାରେଖାର ଟୋର୍ଖାମ୍ ଓ ଚମନ୍ କ୍ରସିଂ ସମେତ କରାଚୀ, ଅଙ୍ଗୁର ଆଡ୍ଡା ଏବଂ ଗୁଲାମ୍ ଖାନ୍ ସୀମାକୁ ରବିବାର ବନ୍ଦ କରାଯାଇଛି।


ପାକିସ୍ତାନ-ଅଫଗାନିସ୍ତାନ ସୀମାରେ ପାଟ୍ରୋଲିଂ କରୁଛନ୍ତି ତାଲିବାନ୍ ଫାଇଟର୍ସ।

## ମାମଲା ସମାଧାନରେ ...
କରୁଥିବା ଏବଂ ଅନ୍ୟାନ୍ୟ କାରଣରୁ ଜରିମାନା ଆଦାୟ କରିବାରେ ଛତିଶଗଡ଼ ସୂଚନା ଆୟୋଗ ପ୍ରଥମରେ ରହିଛି। ଏହି ରାଜ୍ୟରେ ସୂଚନା ଆୟୋଗ ୧ବର୍ଷ ମଧ୍ୟରେ ୪୩୧ଟି ମାମଲାରେ ୧କୋଟି ୬ଲକ୍ଷ ୬୩୯ଟଙ୍କା ଆଦାୟ କରିଥିବାବେଳେ କର୍ଣ୍ଣାଟକ ସୂଚନା ଆୟୋଗ ୧୯୨ଟି ମାମଲାରେ ୩୮ଲକ୍ଷ ୧୧ହଜାର ଆଦାୟ କରି ଦ୍ୱିତୀୟରେ ରହିଛି। ସେହିପରି ବିହାର ଆୟୋଗ ୧୮୬ଟି ମାମଲାରେ ୨୮ଲକ୍ଷ ୬୦ହଜାର ୫୦୦ଟଙ୍କା ଜରିମାନା ଆଦାୟ କରିଥିବାବେଳେ ହରିୟାଣା ଆୟୋଗ ୯୨ଟି ମାମଲାରେ ୨୨ଲକ୍ଷ ୬୭ହଜାର ୫୦୦ଟଙ୍କା ଆଦାୟ କରି ଚତୁର୍ଥରେ ରହିଥିବାବେଳେ ଓଡ଼ିଶା ସୂଚନା ଆୟୋଗ ୧୦୩ଟି ମାମଲାରେ ୯ଲକ୍ଷ ୭ହଜାର ଟଙ୍କା ଜରିମାନା କରି ୫ମ ସ୍ଥାନରେ ରହିଛି। ତେବେ ସିକ୍କିମ ଓ ତେଲଙ୍ଗାନାରେ ଗୋଟିଏ ଟଙ୍କା ଜରିମାନା ବାବଦକୁ ଆଦାୟ ହୋଇ ନ ଥିବାବେଳେ ଝାଡ଼ଖଣ୍ଡ ଆୟୋଗ ସମ୍ପୂର୍ଣ୍ଣ ଅକାମୀ ରହିଛି। ସେହିପରି ରାଜସ୍ଥାନ ଆୟୋଗ ତଥ୍ୟ ଦେବାକୁ ମନା କରିଥିବାବେଳେ ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ସୂଚନା ଆୟୋଗ ତଥ୍ୟ ଦେଇ ନାହାନ୍ତି। ୧ବର୍ଷ ମଧ୍ୟରେ ୧୨୫୨ଟି ମାମଲାରେ ୨କୋଟି ୩୨ଲକ୍ଷ ୪୧ହଜାର ୩୮୯ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି।

## ବାହାରୁ ଆସୁଥିବା ...
ମମତା କହିଛନ୍ତି, ଘରୋଇ ମେଡିକାଲ କଲେଜଗୁଡ଼ିକ ସେମାନଙ୍କ ଛାତ୍ରୀଛାତ୍ରଙ୍କ ସହ 'ରାତ୍ରି ସଂସ୍କୃତି' ସମ୍ପର୍କରେ ବୁଝାବୁଝି କରିବା ଉଚିତ। ସେମାନଙ୍କୁ ରାତିରେ ବାହାରକୁ ଯିବାକୁ ଦିଆଯିବା ଅନୁଚିତ। ବିଶେଷକରି ବାହାରୁ ଆସି ଏଠାରେ ପଢୁଥିବା ଛାତ୍ରୀମାନେ ନିଜେ ନିଜକୁ ସୁରକ୍ଷିତ ରଖନ୍ତୁ। ଏହା ଏକ ଜଙ୍ଗଲୀ ଅଞ୍ଚଳ।

ଓଡ଼ିଶାର ଭାଜପା ସରକାରଙ୍କୁ ଟାର୍ଗେଟ କରି ମମତା କହିଛନ୍ତି, ଓଡ଼ିଶା ସମୁଦ୍ରକୂଳରେ ଝିଅମାନଙ୍କୁ ବଳାତ୍କାର କରାଯାଉଛି। ଏପରି ମାମଲାରେ ଓଡ଼ିଶା ସରକାର କି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଦୁର୍ଗାପୁର ମାମଲାରେ ଦୋଷୀଙ୍କ ବିରୋଧରେ ଆମେ କଡ଼ା କାର୍ଯ୍ୟାନୁଷ୍ଠାନ ନେବୁ, କିନ୍ତୁ ଅନ୍ୟ ରାଜ୍ୟରେ ଏପରି ଘଟିଲେ ତାହା ମଧ୍ୟ ନିନ୍ଦନୀୟ। ମଣିପୁର, ଉତ୍ତର ପ୍ରଦେଶ, ବିହାର ଓ ଓଡ଼ିଶାରେ ଏପରି ବହୁ ଘଟଣା ଘଟିଛି। ସେହି ରାଜ୍ୟଗୁଡ଼ିକର ସରକାର ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ।

ଭାଜପା ମୁଖପାତ୍ର ଗୌରବ ଭାଟିଆ X'ରେ କହିଛନ୍ତି, ଆର୍.ଜି. କର ଏବଂ ସନ୍ଦେଶଖଲି ପରେ ଏହି ବର୍ବର ମାମଲା ଘଟିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯୌନ ଅପରାଧ ମାମଲାରେ ନ୍ୟାୟ ସୁନିଶ୍ଚିତ କରିବା ପରିବର୍ତ୍ତେ ପୀଡ଼ିତାଙ୍କୁ ଦୋଷ ଦେବା ଦୁର୍ଭାଗ୍ୟଜନକ। ମମତା ଜଣେ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ମହିଳାଙ୍କ ନାମରେ ଏକ କଳଙ୍କ। ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ବଦଳରେ ସେମାନଙ୍କୁ ରାତିରେ ନ ବାହାରିବାକୁ ପରାମର୍ଶ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ରହିବା ପାଇଁ ତାଙ୍କର କୌଣସି ନୈତିକ ଅଧିକାର ନାହିଁ। ଲୋକେ ଅରାଜକ ଓ ହୃଦୟହୀନ ମମତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଥିଲେ ବୋଲି ସେମାନେ ହୃଦୟଙ୍ଗମ କଲେଣି। ମମତା ଇସ୍ତଫା ଦେଇ ଆଇନ ଅନୁସାରେ ଉତ୍ତରଦାୟୀ ହୁଅନ୍ତୁ ବୋଲି ଗୌରବ ଦାବି କରିଛନ୍ତି। ଭାଜପା ମୁଖପାତ୍ର ଶେହଜାଦ ପୁନାୱାଲା କହିଛନ୍ତି, ମମତା ଝିଅମାନଙ୍କୁ ବଦନାମ କରି ବଳାତ୍କାରୀଙ୍କୁ ସୁରକ୍ଷା ଦେଉଛନ୍ତି। ଆର.ଜି. କର, ସନ୍ଦେଶଖଲି, ପାର୍କ ଷ୍ଟ୍ରିଟ୍ ପରେ ଦୁର୍ଗାପୁରରେ ପୁଣି ଲଜ୍ଜାକର ଘଟଣା ଘଟିଛି। କଂଗ୍ରେସର ସୁପ୍ରିୟା ଶ୍ରୀନେତ୍, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ରାହୁଲ ଗାନ୍ଧୀଙ୍କ ଭଳି ବ୍ୟକ୍ତିମାନେ ଏବେ ସେମାନଙ୍କ ମୁହଁ ଖୋଲିବେ କି ବୋଲି ଶେହଜାଦ ପ୍ରଶ୍ନ କରିଛନ୍ତି।

## ଦୁର୍ଗାପୁର ଗଣବଳାତ୍କାର...
ଶନିବାର ରାତିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୀଡ଼ିତାଙ୍କ ବାପାଙ୍କୁ ଫୋନ୍ କରି ସବୁ ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ସେହି ସମୟରେ ପୀଡ଼ିତାଙ୍କ ବାପା ଝିଅକୁ ଓଡ଼ିଶାର ଏକ ମେଡିକାଲ କଲେଜରେ ନାମ ଲେଖାଇ ପାଠ ପଢ଼ିବାକୁ ସୁଯୋଗ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଇତିମଧ୍ୟରେ ଓଡ଼ିଶା ରାଜ୍ୟ ମହିଳା କମିଶନ (ଓଏସ୍‌ସିଡବ୍ଲ୍ୟୁ) ଅଧ୍ୟକ୍ଷା ଶୋଭନା ମହାନ୍ତି ରବିବାର ଗଣବଳାତ୍କାର ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛନ୍ତି। ଶୋଭନା ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଏହା କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସାରା ଦେଶ ଲାଗି ଏକ ଦୁଃଖଦ ଘଟଣା। ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ପତ୍ର ଲେଖି ତତ୍କାଳ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ପୀଡ଼ିତାଙ୍କ ପରିବାର ସହ ମଧ୍ୟ ଆଲୋଚନା କରିଛନ୍ତି। ସ୍ଥିତି ଉପରେ ସମ୍ପୂର୍ଣ୍ଣ ନଜର ରଖାଯାଇଛି। ପୀଡ଼ିତାଙ୍କୁ ସହଯୋଗ ଓ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବାଲେଶ୍ୱରରୁ ଏକ ଟିମ୍ ଦୁର୍ଗାପୁର ଯାଇଛି। ଘଟଣାକୁ ୩୬ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଅନ୍ୟ ୨ ଅଭିଯୁକ୍ତ ଫେରାର ରହିଛନ୍ତି। ଅଭିଯୁକ୍ତମାନେ ସଂଖ୍ୟାଲଘୁ ବୋଲି ଜଣାପଡ଼ିଛି। ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ପୀଡ଼ିତାଙ୍କୁ ଭେଟିବା ପାଇଁ ସେ ଏବଂ ଓଏସ୍‌ସିଡବ୍ଲ୍ୟୁ ଟିମ୍ ଦୁର୍ଗାପୁର ଗସ୍ତ କରିବେ।

## ଆଲିଆ ୧ ନଂ. ଅଭିନେତ୍ରୀ...
'ଶ୍ରୀକାନ୍ତ' ଫିଲ୍ମ ପାଇଁ ଅଭିନେତା ରାଜକୁମାର ରାଓଙ୍କୁ ଶ୍ରେଷ୍ଠ ଅଭିନେତା କ୍ରିଟିକ୍ସ ଆୱାର୍ଡ ଶ୍ରେଣୀରେ ପୁରସ୍କୃତ କରାଯାଇଛି। ଆକ୍ସନ ଥ୍ରୀଲର ଫିଲ୍ମ 'କିଲ୍' ପାଇଁ ଅଭିନେତା ଲକ୍ଷ ଲାଲ୍‌ୱାନି ଶ୍ରେଷ୍ଠ ନବାଗତ ଅଭିନେତା ଭାବେ ପୁରସ୍କୃତ ହୋଇଛନ୍ତି। ଅଭିନେତ୍ରୀ ଜିନତ ଅମାନ ଏବଂ ସ୍ୱର୍ଗତ ନିର୍ଦ୍ଦେଶକ ଶ୍ୟାମ ବେନେଗଲଙ୍କୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ହିନ୍ଦୀ ସିନେମା କ୍ଷେତ୍ରରେ ଫିଲ୍ମଫେୟାର ଆୱାର୍ଡ ହେଉଛି ଏକ ବାର୍ଷିକ ପୁରସ୍କାର, ଯାହା କଳାତ୍ମକ ଏବଂ ବୈଷୟିକ ଉତ୍କର୍ଷକୁ ସମ୍ମାନିତ କରିଥାଏ।

# ଉଗଡ଼ମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଖି ବେଦନାକୁ ନଖ ବେଦନା**
**ପେଟ ବେଦନାଟି ଦୁଃଖୀ**
**ଘର ଅଛୁଆଣି ମାଇପ କାଣ୍ଡୋଇ**
**ମରିଯିବା ବଡ଼ ସୁଖୀ ।**

ଆଖି, ନଖ ଓ ପେଟ ପରି ଶରୀରକୁ କଷ୍ଟ ଦେଉଥିବା ରୋଗ ଅନେକାଂଶରେ ସହିହୁଏ। ପରନ୍ତୁ ଅଭାବ କଷ୍ଟ ଓ ଶରୀର କଷ୍ଟ ଠାରୁ ସ୍ତ୍ରୀର ଦୁଶ୍ଚରିତ୍ରବତ୍ତାକୁ ଆଖିରେ ଦେଖିବା ଅପେକ୍ଷା ମୃତ୍ୟୁ ହିଁ ଶ୍ରେୟସ୍କର ଓ ସୁଖକର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଆଗେ ଗଲେ ବାଘ ଖାଏ**
**ପଛେ ଗଲେ ସୁନା ପାଏ ।**

ସାଧାରଣତଃ ବିଚାର ବୁଦ୍ଧି ନ ଖଟାଇ ଅତ୍ୟନ୍ତ ତରବରରେ ନିଷ୍ପତ୍ତି ନେଲେ ବା ଆଗଭର ହେଲେ ବିପଦର ସମ୍ମୁଖୀନ ହେବାକୁ ପଡ଼ିଥାଏ। କିନ୍ତୁ ପଛରେ ଯିବା ଲୋକ ଟିକେ ବିଳମ୍ବ ହେଉ ପଛେ ବୁଝି ବିଚାରି କାମ କଲେ ସେଥିରେ ସୁଫଳ ପାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୃଢ଼ ମାନସିକତା କାରଣରୁ ମାନସିକ ସନ୍ତୁଳନ ରକ୍ଷାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ବିଳମ୍ବରେ ହିଁ ହେବ କିନ୍ତୁ ଯଦି ତରବରିଆ ପଦକ୍ଷେପ ନେବେ ତେବେ ବେଶି ହଇରାଣ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ** ବିଭିନ୍ନ ପ୍ରକାରର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଏବଂ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ହଜିଯିବାର ସମ୍ଭାବନା ରହିଛି ।

**ମିଥୁନ** ସୁବିଧା ସୁଯୋଗ ରହିଥିଲେ ମଧ୍ୟ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନବଳାଇ କର୍ମମୁଖର ହେବେ। କଳା, ସାହିତ୍ୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ।

**କର୍କଟ** କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ବାକି ପଡ଼ିଥିବା କାମ ସମ୍ପୂର୍ଣ୍ଣ ସକାଶେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ସଭାସମିତିରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ।

**କନ୍ୟା** ସହକର୍ମୀଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇବେ। ଯାତ୍ରା କାଳରେ ଖଳ ଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରିପାରନ୍ତି। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବେ। ମାଲିମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** ଅଯଥାରେ ବିରକ୍ତ ହେବାରୁ ବିବାଦ ବଢ଼ିପାରେ। ପୂର୍ବର ମତାନ୍ତରଜନିତ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତ, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** ଦୀର୍ଘଦିନର ଅଭିଳାଷ ପୂରଣ ହେବାରୁ ମନ ପ୍ରଫୁଲ୍ଲ ରହିବ। ଆଲୋଚନାକାଳରେ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବାରୁ ଅନ୍ୟ ଉପରେ ରାଗିପାରନ୍ତି। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣାକୁ ସୁଧାରି ନେବେ। ପଡ଼ୋଶୀ କିମ୍ବା ଈର୍ଷାପରାୟଣ ବ୍ୟକ୍ତି ପରୋକ୍ଷ ଶତ୍ରୁତା କରିପାରନ୍ତି। ଆଜି ଯାନବାହନରେ ସତର୍କତା ରକ୍ଷା କରନ୍ତୁ। ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** ମାନସିକ ଅଶାନ୍ତି ବୃଦ୍ଧି ପାଇବାରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ଦୀର୍ଘଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ବନ୍ଧୁଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁମାନଙ୍କ ସହ ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବି ଚିନ୍ତି କାମ କରିବା ଭଲ ହେବ।

**ମୀନ** ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହେବ। ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଅକ୍ଟୋବର ୧୩ ତାରିଖ, ଅନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ, କାର୍ତ୍ତିକ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର। ରାଶିନକ୍ଷତ୍ର- ଦିବା ଘ.୧୨.୨୮ ପର୍ଯ୍ୟନ୍ତ, ଆଦ୍ରା/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୪ ଗତେ ଘ.୦୭.୧୧ ମଧ୍ୟେ, ଘ. ୦୮.୫୦ ଗତେ ଘ.୧୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୭.୧୧ ଗତେ ଘ. ୦୮.୩୮ ମଧ୍ୟେ ରାହୁ କାଳ ।



ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ଅଧୀନ ବାଉରିପଦା ପଞ୍ଚାୟତର ଡିଲି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ରାସ୍ତା ନ ଥିବାରୁ ଛାତ୍ରୀଛାତ୍ରମାନେ ବିପଦସଙ୍କୁଳ ଅବସ୍ଥାରେ ବାଉଁଶ ଚାରରେ ଯାତାୟାତ କରୁଛନ୍ତି। (ଫଟୋ: ସନ୍ତୋଷ ନାୟକ, ସିମୁଳିଆ)

# ବିଲ ମଝିରେ ବିଦ୍ୟାଳୟ

## ରାସ୍ତା ନାହିଁ, ବାଉଁଶ ଚାର ଭରସା

ସିମୁଳିଆ,୧୨।୧୦(ସନ୍ତୋଷ ନାୟକ)

ବିଲ ମଝିରେ ବିଦ୍ୟାଳୟ ଅଛି, ହେଲେ ସେଠାକୁ ଯିବା ପାଇଁ ରାସ୍ତା ନାହିଁ। ପାଣି ଓ କାଦୁଅରେ ପଶି ପିଲାମାନେ ଯାଉଛନ୍ତି। ଏପରି କି ପାଣି ନାଳ ଉପରେ ଥିବା ବାଉଁଶ ଚାରକୁ ଭରସା କରି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକ ଯାତାୟାତ କରୁଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ବାଉରିପଦା ପଞ୍ଚାୟତର ଡିଲି ଗ୍ରାମରେ। ସିମୁଳିଆ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫କି.ମି. ଦୂରରେ ଅବସ୍ଥିତ ଏହି ବିଦ୍ୟାଳୟର ସମସ୍ୟା ନେଇ ସାଧାରଣରେ ଅସନ୍ତୋଷ ବଢ଼ିଚାଲିଛି।

ପ୍ରକାଶ ଯେ, ଡିଲିଅଞ୍ଚଳରେ ବିଶେଷକରି ଅନୁସୂଚିତ ଜାତି ଶ୍ରେଣୀର ଲୋକେ ବସବାସ କରନ୍ତି। ଗାଁର ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ୨୦୧୯ରୁ ସ୍ଥାନୀୟ ଅଞ୍ଚଳର ନବ କିଶୋର ମଲିକଙ୍କ ନାମରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଚାଲିଛି। ନବ କିଶୋରଙ୍କ ପିଲାମାନେ ପ୍ରଦାନ କରିଥିବା ୧୧ ଡିସିମିଲ ଜମିରେ ବିଲ ମଝିରେ ଏହି ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଶିଶୁବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୨ ଛାତ୍ରୀ ଓ ୭ ଛାତ୍ର ମୋଟ ୧୯ଜଣ ଏଠାରେ ପଢୁଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ନିର୍ମଳା ଦେବନାଥ ଓ ସହକାରୀ ଶିକ୍ଷକ ଗୁରୁପ୍ରସାଦ ସିଂ ଶିକ୍ଷାଦାନ କରୁଛନ୍ତି। ତେବେ ଧାନ ବିଲ ମଝିରେ ଥିବା ଏହି ବିଦ୍ୟାଳୟ ନିକଟକୁ ଯାତାୟାତ ପାଇଁ କୌଣସି ସୁବିଧା ନାହିଁ। କାଦୁଅ, ପାଣିରେ ପଶି ଶିକ୍ଷକ ଓ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଦୟାନିଧି ମଲିକ କହନ୍ତି, ସରକାର ଅନୁସୂଚିତ ଜାତିକୁ ପ୍ରାଥମିକତା ଭିତ୍ତିରେ ପ୍ରାଧାନ୍ୟ ଦେଉଥିବା ବେଳେ ଛାତ୍ରୀଛାତ୍ରଙ୍କ ଲାଗି ବିଦ୍ୟାଳୟକୁ ରାସ୍ତା ନ ଥିବା ଅତ୍ୟନ୍ତ ଦୁଃଖର କଥା। ଶିକ୍ଷକ ଗୁରୁ ପ୍ରସାଦ ସିଂ କହନ୍ତି, ଗାଁ ରାସ୍ତା ପାଖରେ ସାଇକେଲ କିମ୍ବା ମୋଟରସାଇକେଲ ରଖି ପ୍ୟାଣ୍ଟ ଟେକି ପାଣିକାଦୁଅରେ ପଶି ସ୍କୁଲ ନିକଟକୁ ଯିବା ପାଇଁ ପଡୁଛି। ସେହିପରି ଗାଁର କୌଶଲ୍ୟା ମଲିକ କହନ୍ତି, ରାସ୍ତା ନ ଥିବାରୁ ବର୍ଷାଦିନେ ଅବସ୍ଥା କହିଲେ ନ ସରେ। ଏହି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀର ଛାତ୍ର କାହ୍ନୁ ଚରଣ ମଲିକ ଓ ସାଇ ଶ୍ରୀତମ ମଲିକ କହନ୍ତି, ପାଣି ନାଳ ଉପରେ ଥିବା ବାଉଁଶ ଚାରରେ ଗଲାବେଳେ ଗୋଡ଼ ଖସିଯିବାର ଭୟ ରହିଛି। ନାଳ ପାରି ହେଲେ ହିଡ଼ ଧାନ ବିଲ ସହ ମିଶି ଯାଇଥିବାରୁ କାଦୁଅରେ ଯିବା ପାଇଁ ପଡୁଛି। ସେହିପରି ପ୍ରଧାନଶିକ୍ଷୟିତ୍ରୀ ଦେବନାଥ କହନ୍ତି, ରାସ୍ତା ସମସ୍ୟା ସହିତ ବିଦ୍ୟାଳୟ ଚାରିପାଖରେ ଖାଲ ରହିଛି। ଗତ ୨ବର୍ଷ ହେଲା ବିଦ୍ୟୁତ୍ ସଂଯୋଗ ପାଇଁ ଟଙ୍କା ଜମା କରାଯାଇଥିଲେ ହେଁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଧରଣୀଧର ନାୟକଙ୍କୁ ପଚାରିବାରୁ ବର୍ଷା କମିଲେ ଓ ଧାନ କଟା ପରେ ଏହି ରାସ୍ତା କାମ ହେବ ବୋଲି ଯୋଜନା ରହିଥିବା ସେ କହିଛନ୍ତି। ତେବେ କେବେ ଏହି ରାସ୍ତା ନିର୍ମାଣ ହେବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନୂଆପଡ଼ାରୁ ଆରମ୍ଭ, ବିକଶିତ ଓଡ଼ିଶାରେ ଶେଷ

## ଭାଜପା କୋର୍ କମିଟି ବୈଠକ

■ ନିଗମ, ସଙ୍ଗଠନ ନିଷ୍ପତ୍ତି ଖୁବ୍‌ଶୀଘ୍ର
■ ସୁରମା, ଧର୍ମେନ୍ଦ୍ର, ବୈଜୟନ୍ତ ଅନୁପସ୍ଥିତ

ଭୁବନେଶ୍ୱର,୧୨।୧୦(ରବିନାରାୟଣ ଜେନା)

ରାଜ୍ୟରେ ଭାଜପା ସରକାର କିଭଳି ଅଧିକ ସଶକ୍ତ ହେବ ଏବଂ ନୂଆପଡ଼ାରେ ବିଜୟ ଲାଭ କରିବ ସେନେଇ ରବିବାର ଅପରାହ୍ଣରେ ଭାଜପା କାର୍ଯ୍ୟାଳୟରେ କୋର୍ କମିଟି ବୈଠକରେ ମାନସମନ୍ଥନ ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କୋର୍ କମିଟି ବୈଠକରେ ନୂଆପଡ଼ା ବିଜୟ ଥିଲା ମୁଖ୍ୟ ପ୍ରସଙ୍ଗ। ବୈଠକରେ ଜୟ ଢୋଲକିଆଙ୍କୁ ଭାଜପାର ପ୍ରାର୍ଥୀ କରାଯିବା ନେଇ ଏକପ୍ରକାର ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ସେହିପରି ବସନ୍ତ ପଣ୍ଡାଙ୍କୁ ସାନ୍ତ୍ୱନା ଦିଆଯିବା ସହ ବିଜେଡି ଏବଂ କଂଗ୍ରେସର କେଉଁମାନେ ଯୋଗାଯୋଗରେ ରହିଛନ୍ତି ଏବଂ ସେମାନଙ୍କୁ କିଭଳି ଦଳରେ ମିଶ୍ରଣ କରାଯିବ ତା' ଉପରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଦଳର ପ୍ରାର୍ଥୀ କିଭଳି ସେଠାରେ ଅଧିକ ଭୋଟ ବ୍ୟବଧାନରେ ଜିତିବ ସେନେଇ ରଣନୀତି ପ୍ରସ୍ତୁତ ହୋଇଛି ବୋଲି ଜଣେ ଦଳୀୟ ନେତାଙ୍କ ସୂତ୍ରରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ପ୍ରତ୍ୟେକ ବୁଥ୍‌ସ୍ତରରୁ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ ଦିଆଯିବ। ପଶ୍ଚିମ ଓଡ଼ିଶାର ସିଂହଭାଗ ନେତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯିବ। ଏହାସହିତ ନୂଆପଡ଼ା ରାଜନୀତି ନେଇ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି।

ଏହି ଅବସରରେ ରାଜ୍ୟର ବିକାଶ ଲାଗି ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନାକୁ କିଭଳି ଅଧିକ ତ୍ୱରାନ୍ୱିତ କରାଯାଇ ପାରିବ ଏବଂ ଆସନ୍ତା ୩ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ଗ୍ରହଣ କରାଯିବାକୁ ରହିଛି ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅବଗତ କରାଇଥିଲେ। ଏହାସହିତ ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ସରକାରଙ୍କ ପକ୍ଷରୁ ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅବଗତ କରାଇଥିଲେ।

ସେହିପରି ରାଜ୍ୟରେ ଦୀର୍ଘ ୧୬ମାସ ଧରି ଖାଲି ପଡ଼ିଥିବା ନିଗମ ଅଧ୍ୟକ୍ଷ ପଦ ପୂରଣ ଓ ସଙ୍ଗଠନ ସୁଦୃଢ଼ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକର ସୂଚନା ଅନୁଯାୟୀ, ଅଧିକାଂଶ ନିଗମ ଲାଗି ଚୂଡ଼ାନ୍ତ ନିଷ୍ପତ୍ତି ହୋଇସାରିଛି। ଆଗକୁ ନୂଆପଡ଼ା ନିର୍ବାଚନ ରହିଥିବାରୁ ଅଧ୍ୟକ୍ଷ ଘୋଷଣାକୁ କିଛିଦିନ ଘୁଞ୍ଚାଇବା ପରିପ୍ରେକ୍ଷୀରେ ଆଲୋଚନା ହୋଇଛି। ଏହାସହିତ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ଦଳୀୟ ପଦପଦବୀ ବଣ୍ଟନ ଉପରେ ଏକପ୍ରକାର ନିଷ୍ପତ୍ତି ନିଆଯାଇଛି।

ବୈଠକରେ ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂତୋମାର ଏବଂ ବରିଷ୍ଠ କେନ୍ଦ୍ରୀୟ ନେତା ତଥା କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ସାଂସଦ ପ୍ରତାପ ଷଡ଼ଙ୍ଗୀ, ଡ. ସମ୍ବିତ ପାତ୍ର ଓ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମାତ୍ର ବୈଠକରେ କୋର୍ କମିଟି ସଦସ୍ୟ ତଥା ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସାଂସଦ ବୈଜୟନ୍ତ ପଣ୍ଡା ପ୍ରମୁଖ ଅନୁପସ୍ଥିତ ଥିବା ଜଣାଯାଇଛି।




କୋର୍ କମିଟି ବୈଠକରେ ଭାଜପାର କେନ୍ଦ୍ରୀୟ ନେତା ସୁନୀଲ ବଂଶଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର

# ଆଦିବାସୀଙ୍କୁ ଭାଗ ଭାଗ କରିବାକୁ ଚାଲିଛି ସରକାରୀ ଷଡ଼ଯନ୍ତ୍ର: ଭକ୍ତ

## ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷାଦେବା ସରକାରଙ୍କ କାମ

ଭୁବନେଶ୍ୱର,୧୨।୧୦(ରବିନାରାୟଣ ଜେନା)

ଆଦିବାସୀ ବର୍ଗଙ୍କ ମଧ୍ୟରେ ହିଂସା ଓ ଦ୍ୱେଷ ସୃଷ୍ଟି କରି ସେମାନଙ୍କୁ ଭାଗ ଭାଗ କରିବାକୁ ସରକାରୀ ଷଡ଼ଯନ୍ତ୍ର ଚାଲିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ରବିବାର କଂଗ୍ରେସଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ନୂଆପଡ଼ାରେ ନିର୍ବାଚନ ଜିତିବା ପାଇଁ ଭାଜପା ବଡ଼ ଷଡ଼ଯନ୍ତ୍ର ଚଳାଇଛି। ଭାଜପା ନିଜ ଦଳରେ କୌଣସି ନେତାଙ୍କୁ ପ୍ରାର୍ଥୀ ଲାଗି ବିଶ୍ୱାସକୁ ନେଇ ନ ଥିବାବେଳେ ଘୋଡ଼ାବେପାର କରି ବିଜେଡିରୁ ଆଉଟସୋର୍ସି କରିଛି। ଅନ୍ୟପକ୍ଷରେ ବିଜେଡି ଏପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରୁ ନାହିଁ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନୂଆପଡ଼ାରେ ଦିନକୁ ଦିନ ସଶକ୍ତ ହେବାରେ ଲାଗିଛି। ତେବେ ଜନଜାତିଙ୍କ କ୍ଷେତ୍ରରେ ପୂର୍ବର ବିଜେଡି ସରକାର ଯାହା କରୁଥିଲା ଠିକ୍ ସେହିପରି ଭାଜପା ସରକାର ରାଜ୍ୟର ଜନଜାତି ବର୍ଗଙ୍କୁ ସବୁ କ୍ଷେତ୍ରରେ ଅବହେଳା କରି ଆସୁଛନ୍ତି। ଏଥର ନିର୍ବାଚନରେ ନୂଆପଡ଼ାବାସୀ ତା'ର ଜବାବ ଦେବେ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ସେ ସୂଚନା ଅଧିକାର ଆଇନର କାର୍ଯ୍ୟକାରିତା ନେଇ କହିଛନ୍ତି, ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ। ୟୁପିଏ ସରକାରଙ୍କ ଉଦ୍ଦେଶ୍ୟ ଥିଲା କାର୍ଯ୍ୟପାଳିକା ସାଧାରଣ ଜନତାଙ୍କୁ ସୂଚନା ପ୍ରଦାନ କରିବେ। ସରକାରଙ୍କ କାର୍ଯ୍ୟପଦ୍ଧତି ସ୍ୱଚ୍ଛ ରହିବ, ସରକାରଙ୍କ ଉତ୍ତରଦାୟିତ୍ୱ ରହିବ। ସମାଜର ତଳ ସ୍ତରର ଲୋକଙ୍କୁ ନ୍ୟାୟ ମିଳିବ। କିନ୍ତୁ କେନ୍ଦ୍ର ସରକାର ଲୋକଙ୍କ ଅଧିକାର ପ୍ରତି ଅବହେଳା କରିଛନ୍ତି। କେନ୍ଦ୍ରରେ ୟୁପିଏ ସରକାର ଅମଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଶିକ୍ଷା ଅଧିକାର ଆଇନ, ଖାଦ୍ୟ ସୁରକ୍ଷା ଆଇନ ଓ ଜଙ୍ଗଲ ସମ୍ପଦ ଅଧିକାର ଆଇନ ପରି ଅନେକ ବିଧିବ୍ୟବସ୍ଥା ହୋଇଥିଲା। ଆର୍‌ଟିଆଇ ବଳରେ, ପେନ୍‌ସନରେ ଅବହେଳା ହେଲେ ସୂଚନା ସଂଗ୍ରହ କରି ନ୍ୟାୟ ମିଳିପାରୁଥିଲା। ସେମିତି ସମସ୍ତ କ୍ଷେତ୍ରରେ ଆର୍‌ଟିଆଇ ସୂଚନା ଅବହେଳା କରି ଲୋକଙ୍କ ଅଧିକାରକୁ ସରକାର ଛଡାଇ ନେଇଛନ୍ତି। ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ଉଦ୍ୟମ ଏବଂ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାରରେ ୨୦୦୫ରେ ଆର୍‌ଟିଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା। କିନ୍ତୁ କେନ୍ଦ୍ର ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କ୍ରମାଗତ ଭାବରେ କାଟିବାରେ ଲାଗିଛନ୍ତି; ଯାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଶିବାନନ୍ଦ ରାୟ ରାଜ୍ୟରେ ସୂଚନା ଅଧିକାର ଆଇନ କିଭଳି ଠିକଣା ଭାବେ କାର୍ଯ୍ୟକାରୀ ହେଉନାହିଁ ତାହା ଉପରେ କଡ଼ା ଟିପ୍ପଣୀ ଦେଇଥିଲେ। ରାଜ୍ୟରେ ସୂଚନା ଆଇନ ଲାଗୁ ହୋଇଥିଲେ ମଧ୍ୟ ସାଧାରଣ ଜନତା ଏହାର ସୁଫଳ ପାଇପାରୁନାହାନ୍ତି ଏବଂ ସୂଚନା କର୍ମୀଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ଭାଜପା ସରକାର ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ କଂଗ୍ରେସ ନେତା ଶିବାନନ୍ଦ ରାୟ।

# ୨୪ ଘଣ୍ଟାରେ ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ ହେବ

## ରାଜ୍ୟରେ ଏବେ ବଡ଼ ବର୍ଷାର ସମ୍ଭାବନା ନାହିଁ

ଭୁବନେଶ୍ୱର, ୧୨।୧୦ (ବନ୍ଦନା ସେଠୀ)

ଆସନ୍ତା ୨୪ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରୁ ଫେରିବା ପ୍ରକ୍ରିୟା ଆରମ୍ଭ କରିବ। ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ସାଧାରଣତଃ ବର୍ଷା ଅଧିକ ହୋଇଥାଏ। ମାତ୍ର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ, ବର୍ତ୍ତମାନର ସ୍ଥିତିରେ ରାଜ୍ୟରେ ସେଭଳି ବଡ଼ ବର୍ଷାର ସମ୍ଭାବନା ନାହିଁ। ତେବେ ଆଗାମୀ ଦୁଇଦିନ ରାଜ୍ୟର କିଛି ସ୍ଥାନରେ ଘଡଘଡି ସହ ହାଲୁକା ମଧ୍ୟମ ଧରଣର ବର୍ଷା ହେବ। ସୋମବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରିରେ ଘଡ଼ଘଡ଼ି, ବିଜୁଳି ସହିତ ଝଡ଼ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ୩୦-୪୦ କି.ମି. ରହିବ। ସେହିପରି ମଙ୍ଗଳବାର ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଏବଂ ଗଞ୍ଜାମ ଜିଲାରେ ଝଡବର୍ଷା ନେଇ ସତର୍କ କରାଯାଇଛି।

# ସୀମାନ୍ତରେ ଆଇଇଡି ବୋମା ଠାବ: ୬ ମାଓବାଦୀ ଗିରଫ




କୋମ୍ବିଂ ଅପରେଶନ କରୁଥିବା ଡିଆରଜି ଓ ସିଆରପିଏଫ ଯବାନମାନେ।

ମାଲକାନଗିରି,୧୨।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜିଲା ବରାସୁର ଥାନା ଅଞ୍ଚଳରୁ ଯବାନମାନେ ଆଇଇଡି ବୋମା ଠାବ କରି ୬ ମାଓବାଦୀଙ୍କୁ ରବିବାର ଗିରଫ କରିଛନ୍ତି। ଡିଆରଜି ଓ ସିଆରପିଏଫ ବାହିନୀ ମିଳିତ ଭାବେ ବରାସୁର ଥାନା ଅଧୀନ ମଙ୍ଗନାର ରାସ୍ତାକଡ଼ରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଏହି ସମୟରେ କୌଣସି ସ୍ଥାନରେ ଆଇଇଡି ବୋମା ଥିବା ଖବର ପାଇ ଯାଞ୍ଚ କରିଥିଲେ। ଆଇଇଡି ବୋମାକୁ ଠାବ କରିବା ସହ ଏହାକୁ ନିଷ୍କ୍ରିୟ କରିଥିଲେ। ଏଥିସହ ନିକଟ ଅଞ୍ଚଳର ୫ଜଣ ପୁରୁଷ ଓ ଜଣେ ମହିଳାଙ୍କ ଉପରେ ସନ୍ଦେହ କରି ସେମାନଙ୍କୁ ଗିରଫ କରିଥିଲେ। ପଚରାଉଚରା କରିବାରୁ ସେମାନେ ମାଓବାଦୀ ବୋଲି କହିଥିଲେ। ଉକ୍ତ ଅଞ୍ଚଳରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିବାରୁ ସେମାନଙ୍କୁ ଟାର୍ଗେଟ କରି ଏହି ଆଇଇଡି ବୋମା ରଖିଥିବା ସ୍ୱୀକାର କରିଥିଲେ।




ଯଦି ତୁମେ ସତରୁ ସତ କିଛି ଭଲ କାମ କରିବାକୁ ଚାହଁ– ତା' ହେଲେ ସବୁଠାରୁ ବଡ଼ କାମ ହେବ–ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିଏ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ଼ ଉପକାର କରିପାରିବ। –ଶ୍ରୀମା



# ଆଫଗାନିସ୍ତାନ ସହ ନୂଆ ଫର୍ଦ୍ଦ

ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ନିମନ୍ତ୍ରଣ କ୍ରମେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଅମିର ଖାନ୍ ମୁତ୍ତାକି ଅକ୍ଟୋବର ୯ରେ ଭାରତ ଗସ୍ତରେ ଆସିଛନ୍ତି। ସେହିଦିନ ଆଫଗାନିସ୍ତାନର ସାହିଦ ଅବଦୁଲ ହକ୍ ସ୍କୋୟାର ସମେତ କେତେକ ଅଞ୍ଚଳରେ ପାକିସ୍ତାନ ଆକାଶମାର୍ଗରୁ ଆକ୍ରମଣ କରି ୩୦ ତାଲିବାନ ଆତଙ୍କବାଦୀଙ୍କୁ ମାରି ଦେଇଥିଲା। ୧୧ ଅକ୍ଟୋବର ବିଳମ୍ବିତ ରାତିରେ ଆଫଗାନିସ୍ତାନ ସେନା ପାକିସ୍ତାନର ୮ଟି ଅଞ୍ଚଳରେ ପ୍ରତିଆକ୍ରମଣ କରି ୫୮ ଜଣ ପାକ୍ ସେନାକୁ ମାରି ଦେଇଥିବା ବେଳେ ୨୫ଟି ଆର୍ମି ପୋଷ୍ଟକୁ ଦଖଲ କରିଥିବା ଖବର ମିଳିଛି। ଡୁରଣ୍ଡ ଲାଇନ୍‌ରେ ତାଲିବାନ ଓ ପାକ୍ ସେନା ମଧ୍ୟରେ ସଂଘର୍ଷ ଘଟିଥିବା ଗଣମାଧ୍ୟମରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଆଫଗାନିସ୍ତାନର ଅନେକ ମିଲିଟାରୀ ପୋଷ୍ଟକୁ ପାକିସ୍ତାନ ଧ୍ୱଂସ କରିଥିବା ଦାବି କରିଛି। ଇତିମଧ୍ୟରେ ପାକିସ୍ତାନକୁ କଡ଼ା ଚେତାବନୀ ଦେଇ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ମୁତ୍ତାକି କହିଛନ୍ତି ଯେ, ତାଙ୍କ ଦେଶର ସାର୍ବଭୌମତ୍ୱ ରକ୍ଷା କରିବା ଲାଗି ସେନା ପ୍ରସ୍ତୁତ ଅଛି। ବିବାଦର ସମାଧାନ ଆଲୋଚନା ମାଧ୍ୟମରେ ହୋଇପାରିବ ବୋଲି ସେ କହିଛନ୍ତି। କାତାର ଓ ସାଉଦି ଆରବର ଅନୁରୋଧ କ୍ରମେ ଆକ୍ରମଣରେ ବିରାମ ଦିଆଯାଇଥିବା ଆଫଗାନିସ୍ତାନ ପକ୍ଷରୁ କୁହାଯାଇଛି। ସଦ୍ୟ ବିବାଦକୁ ଦେଖିଲେ ଅକ୍ଟୋବର ୭ରେ ଆଫଗାନିସ୍ତାନ ସୀମାନ୍ତ ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶର କୋରାକଜାଇ ଜିଲାରେ ତେହେରିକ୍-ଏ-ତାଲିବାନ ପାକିସ୍ତାନ (ଟିଟିପି) ଓ ପାକିସ୍ତାନ ସେନା ମଧ୍ୟରେ ସଂଘର୍ଷ ଘଟିଥିଲା। ସେଥିରେ ଟିଟିପିର ୧୯ ଏବଂ ପାକିସ୍ତାନର ଜଣେ ଲ୍ୟୁଟ୍‌ନାଣ୍ଟ କର୍ନେଲ ଓ ଜଣେ ମେଜରଙ୍କ ସମେତ ୧୧ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ଘଟିଥିଲା। ଟିଟିପି ଆଫଗାନିସ୍ତାନ-ପାକିସ୍ତାନ ସୀମାନ୍ତରୁ ପରିଚାଳିତ ହେଉଥିବାରୁ ପାକିସ୍ତାନ ସେନା ପ୍ରତିଶୋଧ ପରାୟଣ ହୋଇଥିଲା। ଏଥିସହ ସୂଚନା ଦିଆଯାଇପାରେ ଯେ, ଆଫଗାନିସ୍ତାନ-ପାକିସ୍ତାନ ସୀମାନ୍ତ ୨,୬୪୦ କିଲୋମିଟର ଡୁରଣ୍ଡ ରେଖା ଅଞ୍ଚଳକୁ ପାକିସ୍ତାନ ନିଜର ସୀମା ବୋଲି ଦାବି କରୁଥିବାରୁ ଆଫଗାନିସ୍ତାନ ତାହାକୁ ଅସ୍ୱୀକାର କରୁଛି।

ଆଲୋଚନା ହେଉଛି ଯେ, ଭାରତ ସହ ଆଫଗାନିସ୍ତାନର କୂଟନୈତିକ ସମ୍ପର୍କ ବୃଦ୍ଧି ପାଇଥିବାରୁ ପାକିସ୍ତାନ ବ୍ୟସ୍ତ ହୋଇ ଆଫଗାନିସ୍ତାନକୁ ଟାର୍ଗେଟ କରିଛି। ଏଠାରେ ମନେପକାଇ ଦିଆଯାଇପାରେ ଯେ, ୨୦୨୧ରେ ଆଫଗାନିସ୍ତାନ ସରକାରକୁ ଗାଦିଚ୍ୟୁତ କରି ତାଲିବାନ ଦ୍ୱିତୀୟ ଥର ପାଇଁ କ୍ଷମତାକୁ ଫେରିଥିଲା। ତତ୍‌କାଳୀନ ସରକାର ଓ ତାଲିବାନ ମଧ୍ୟରେ ସଂଘର୍ଷ ଜାରି ରହିଥିବାରୁ ଭାରତ ସମେତ ବହୁ ଦେଶର ଆଫଗାନିସ୍ତାନ ସହ କୂଟନୈତିକ ସମ୍ପର୍କ ନିମ୍ନସ୍ତରକୁ ଖସିଥିଲା। ଏବେ ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସିବା ପରେ କାବୁଲରେ ଭାରତ ତା'ର ଦୂତାବାସ ପୂର୍ବଭଳି ଜାରି ରଖିବ ବୋଲି କହିଛି। କେବଳ ରୁଷିଆ ଏକମାତ୍ର ଦେଶ ଆଫଗାନିସ୍ତାନର ତାଲିବାନ ସରକାରକୁ ମାନ୍ୟତା ନେଇ ସମର୍ଥନ କରିଛି। ଭାରତ ସେହି ଦିଗରେ ମତ ରଖି ନ ଥିଲେ ମଧ୍ୟ ତା' ସହ କୂଟନୈତିକ ସମ୍ପର୍କ ଜାରି ରଖିବା ପଡ଼ୋଶୀ ଦୃଷ୍ଟିରୁ ଫଳପ୍ରଦ ହୋଇପାରେ ବୋଲି କୁହାଯାଉଛି। ଗତ କିଛି ବର୍ଷ ହେବ ଚାରିକଡ଼େ ଥିବା ଅନେକ ପଡ଼ୋଶୀ ସହ ଭାରତର ସମ୍ପର୍କ ଭଲ ନ ଥିବା ବେଳେ ଯେଉଁଠି ନୂଆ ସମ୍ପର୍କ ଗଢ଼ିଉଠିବ ତାହାକୁ ସମାଲୋଚନା କରାଯିବା ଉଚିତ ନୁହେଁ। ମୁତ୍ତାକିଙ୍କ ଭାରତ ଗସ୍ତକୁ କେତେକ ସମାଲୋଚନା କରୁଥିଲେ ମଧ୍ୟ ସାମ୍ପ୍ରତିକ ସ୍ଥିତିକୁ ଦେଖି ପଦକ୍ଷେପ ନେବାର ସମୟ ଉପନୀତ ହେଲାଣି। ସମାଲୋଚନା କରୁଥିବା କେତେକ ରାଜନୈତିକ ଗୋଷ୍ଠୀ ମହିଳା ଖବରଦାତାଙ୍କୁ ମୁତ୍ତାକିଙ୍କ ସାମ୍ବାଦିକ ସମ୍ମିଳନୀକୁ କାହିଁକି ନିମନ୍ତ୍ରଣ କରାଗଲା ନାହିଁ ବୋଲି ଆପତ୍ତି ଉଠାଇଛନ୍ତି। ମନେରଖିବାକୁ ହେବ ଯେ, କୌଣସି ଦେଶର ଦୂତାବାସ ଅନ୍ୟ ଯେକୌଣସି ଦେଶରେ ଥିଲେ ମଧ୍ୟ ତାହାର ନିଜର ସ୍ୱାତନ୍ତ୍ର୍ୟ ରହିଛି । କହିବାକୁ ଗଲେ ଦୂତାବାସ ଜମି ସେହି ଦେଶର ଏକ ଅଙ୍ଗ। ତେଣୁ ଆଫଗାନିସ୍ତାନ ଦୂତାବାସ କାହାକୁ ଡାକିବା ବା ନ ଡାକିବ, ସେ ସମ୍ପର୍କରେ କୌଣସି ମତ ଦେବା ଅନୁଚିତ। ଯେଉଁମାନେ ଧାଇଁ ଧାପୁଡ଼ି ନାରୀବାଦର ସ୍ୱର ଉଠାଉଛନ୍ତି, ସେମାନେ ଦେଶର ହିତକୁ ଦେଖୁନାହାନ୍ତି।

କୂଟନୈତିକ ଭାଷାରେ କୁହାଯାଇପାରେ ଯେ, କୌଣସିଠାରେ ସ୍ଥାୟୀ ଶତ୍ରୁ କିମ୍ବା ବନ୍ଧୁ ନ ଥାନ୍ତି। ଆଜିର ବୈଶ୍ୱିକ ବାତାବରଣକୁ ଲକ୍ଷ୍ୟ କଲେ ସ୍ଥାୟୀ ସ୍ୱାର୍ଥ ଗୁରୁତ୍ୱ ବହନ କରିବା ଉଚିତ। ଆମେରିକା ଭଳି ଦେଶ ୨୦୨୧ରେ ଆଫଗାନିସ୍ତାନରୁ ତା'ର ସୈନ୍ୟ ପ୍ରତିହାର କରିନେଇଥିବା ବେଳେ ଭାରତ ମଧ୍ୟ ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେବାରେ ଅସ୍ୱାଭାବିକତା ନାହିଁ। ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଦେଖା ଦେଇଥିବା ତିକ୍ତତା ପରିପ୍ରେକ୍ଷୀରେ ଭାରତ ନୀରବ ରହିବା ବୁଦ୍ଧିମାନର କାର୍ଯ୍ୟ ହେବ। ଆଫଗାନିସ୍ତାନ ଯେହେତୁ ଭାରତ ସହ ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଛି, ସେହି ଦୃଷ୍ଟିରୁ ତା' ସହ ବାଣିଜ୍ୟିକ ସମ୍ପର୍କ ବୃଦ୍ଧି କରାଯିବା ଉଚିତ। ଏଥିସହିତ ପାକିସ୍ତାନ ଓ ସାଉଦି ଆରବ ମଧ୍ୟରେ ହୋଇଥିବା ସାମରିକ ଚୁକ୍ତି ପରିପ୍ରେକ୍ଷୀରେ ଆଫଗାନିସ୍ତାନ ସହ ଭାରତର ସମ୍ପର୍କ ବୃଦ୍ଧି ପାଇଲେ ନିରାପତ୍ତା ଦୃଷ୍ଟିକୋଣରୁ ଏହା ଭବିଷ୍ୟତରେ ସୁବିଧାଜନକ ହୋଇପାରେ। ବର୍ତ୍ତମାନ ସମୟରେ କୂଟନୈତିକ ଓ ବାଣିଜ୍ୟିକ ବିଜୟ ବାସ୍ତବ ଯୁଦ୍ଧଠାରୁ ବହୁ ଗୁରୁତ୍ୱ ରଖୁଥିବା ଦେଖାଯାଉଛି। ଚାଇନା ତା'ର ଦୃଢ଼ ପ୍ରମାଣ ଦେଇଚାଲିଛି।

## sudoku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 2 | | | 3 | | 5 | 7 | | 1 |
| | 1 | | 2 | | | | | |
| 8 | | | | 1 | | | | 4 |
| | | | 6 | | 7 | | | |
| | | | | | | | | |
| | 7 | 3 | | | | 4 | | 8 |
| | | | | 2 | | 9 | | 5 |
| 9 | 2 | | | | 8 | | | |
| 3 | | 8 | | | 1 | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 6 | 2 | 7 | 1 | 5 | 9 |
| 1 | 6 | 5 | 9 | 8 | 4 | 7 | 3 | 2 |
| 9 | 2 | 7 | 1 | 3 | 5 | 8 | 6 | 4 |
| 4 | 9 | 3 | 5 | 7 | 6 | 2 | 8 | 1 |
| 6 | 7 | 2 | 8 | 4 | 1 | 5 | 9 | 3 |
| 5 | 1 | 8 | 2 | 9 | 3 | 4 | 7 | 6 |
| 7 | 5 | 6 | 3 | 1 | 2 | 9 | 4 | 8 |
| 8 | 4 | 1 | 7 | 6 | 9 | 3 | 2 | 5 |
| 2 | 3 | 9 | 4 | 5 | 8 | 6 | 1 | 7 |

ଗତକାଲିର ଉତ୍ତର

# ଶିକ୍ଷକଙ୍କ ଅବଦାନ



ଡ. ରଜନୀକାନ୍ତ ଖୁଣ୍ଟିଆ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଶକ୍ତିଶାଳୀ ଭାଷଣ ଓ ନିର୍ଭୀକ ନେତୃତ୍ୱ ସମଗ୍ର ଦେଶକୁ ଆନ୍ଦୋଳିତ କରିଥିଲା ଏବଂ ଶତ୍ରୁଙ୍କ ବିରୋଧରେ ଦୃଢ଼ତାର ସହିତ ଠିଆ ହେବାର ସଙ୍କଳ୍ପ ପ୍ରଦାନ କରିଥିଲା। ବିଜୟ ପରେ ଲୋକମାନେ ଦେଶକୁ ରକ୍ଷା କରିବାରେ ତାଙ୍କର ଉଲ୍ଲେଖନୀୟ ଭୂମିକା ପାଇଁ ସମ୍ମାନିତ କରିବାକୁ ଇଚ୍ଛା କରିଥିଲେ। କିନ୍ତୁ ଚର୍ଚ୍ଚିଲ ବ୍ୟକ୍ତିଗତ ସ୍ୱୀକୃତି ନେବାକୁ ମନା କରିଥିଲେ। ଏହା ବଦଳରେ ସେ ସମାବେଶକୁ ଯେପରି ସମ୍ବୋଧିତ କରିଥିଲେ, ତାହା ଥିଲା ଅତ୍ୟନ୍ତ ମର୍ମସ୍ପର୍ଶୀ । ''ମୋତେ ସମ୍ମାନିତ କରନାହିଁ। ଶିକ୍ଷକମାନଙ୍କୁ ସମ୍ମାନିତ କର। ସେମାନେ ହିଁ ମୋତେ ନିର୍ମାଣ କରିଛନ୍ତି, ସେମାନେ ହିଁ ମୋତେ ଏହି କଷ୍ଟକର ସମୟରେ ନେତୃତ୍ୱ ନେବା ପାଇଁ ସାହସ, ଶୃଙ୍ଖଳା ଏବଂ ଜ୍ଞାନ ଦେଇଛନ୍ତି। ଯଦି ବ୍ରିଟେନ୍ ଆଜି ଦୃଢ଼ ଭାବରେ ଠିଆ ହୋଇଛି, ତେବେ ଏହାର ନାଗରିକମାନଙ୍କୁ ଗଢ଼ି ତୋଳିଥିବା ଶିକ୍ଷକମାନଙ୍କୁ ବହୁତ ଶ୍ରେୟ ଯାଉଛି।'' ଏହି ବକ୍ତବ୍ୟ ଆମକୁ ମନେପକାଇଦିଏ ଯେ, ପ୍ରତ୍ୟେକ ମହାନ୍ ନେତା, ବୈଜ୍ଞାନିକ, ସୈନିକ କିମ୍ବା ନାଗରିକଙ୍କ ପଛରେ ଜଣେ ଶିକ୍ଷକ ଠିଆ ହୋଇଛନ୍ତି ଏବଂ ସମାଜ ତଥା ସଭ୍ୟତାର ମୂଳଦୁଆ ନିର୍ମାଣ କରିଛନ୍ତି । ଚର୍ଚ୍ଚିଲଙ୍କ କଥା ଆଜି ମଧ୍ୟ ପ୍ରତିଧ୍ୱନିତ ହୁଏ ଯେ– ଏକ ଜାତିର ନିର୍ମାଣରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ। ସକ୍ରେଟିସ୍ ସାମ୍ରାଜ୍ୟ ନିର୍ମାଣ କରିନଥିଲେ, ତଥାପି ସେ ପ୍ଲାଟୋ ଏବଂ ଆରିଷ୍ଟଟଲଙ୍କ ଭଳି ମନକୁ ତାଲିମ ଦେଇଥିଲେ, ଯେଉଁମାନେ ପାଶ୍ଚାତ୍ୟ ଜଗତର ଦାର୍ଶନିକ ମୂଳଦୁଆ ସ୍ଥାପନ କରିଥିଲେ। ଭାରତରେ ଚାଣକ୍ୟ ଶାସକ ନ ଥିଲେ, କିନ୍ତୁ ତାଙ୍କ ମାର୍ଗଦର୍ଶନ ଏକ ଶକ୍ତିଶାଳୀ ସାମ୍ରାଜ୍ୟର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ଜନ୍ମ ଦେଇଥିଲା।

ସମାଜ କେବଳ ବ୍ୟକ୍ତିବିଶେଷଙ୍କ ଏକ ସଂଗ୍ରହ ନୁହେଁ; ଏହା ମୂଲ୍ୟବୋଧ, ଜ୍ଞାନ ଏବଂ ସାମୂହିକ ଆକାଂକ୍ଷାରୁ ବୁଣାଯାଇଥିବା ଏକ କପଡ଼ା। ଶିକ୍ଷକମାନେ ସେହି କପଡ଼ାର ବୁଣାକାର। ଭାରତର ପ୍ରାରମ୍ଭିକ ଗୁରୁକୁଳଠାରୁ ଆରମ୍ଭ କରି ଡିଜିଟାଲ ସ୍କ୍ରିନରେ ଗୁଞ୍ଜରିତ ଆଧୁନିକ ଶ୍ରେଣୀଗୃହ ପର୍ଯ୍ୟନ୍ତ, ଶିକ୍ଷକମାନଙ୍କୁ ଚରିତ୍ର ଗଠନ, ଶୃଙ୍ଖଳା ପ୍ରତିଷ୍ଠା ଏବଂ ଜ୍ଞାନ ପ୍ରସାରଣ କରିବାର ଦାୟିତ୍ୱ ଦିଆଯାଇଛି। ମାତାପିତା ଜୀବନ ଦେଉଥିବା ବେଳେ, ଶିକ୍ଷକମାନେ ସେହି ଜୀବନକୁ ଅର୍ଥପୂର୍ଣ୍ଣ ଅସ୍ତିତ୍ୱରେ ରୂପାନ୍ତର କରନ୍ତି। ଶିକ୍ଷକ ବିନା କୌଣସି ମୂଲ୍ୟବୋଧ ପ୍ରସାରିତ ହେବ ନାହିଁ, କୌଣସି ଜ୍ଞାନ ସଂରକ୍ଷିତ ହେବ ନାହିଁ ଏବଂ କୌଣସି ନୈତିକ ଦିଗ୍‌ଦର୍ଶିକା ବଜାୟ ରହିବ ନାହିଁ। ଯଦି ଆମେ ସୀମା ରକ୍ଷା ପାଇଁ ସୈନିକମାନଙ୍କୁ ସମ୍ମାନ କରୁ, ତେବେ ଆମକୁ ମଧ୍ୟ ସମାନ ଭାବରେ ଶିକ୍ଷକଙ୍କୁ ସମ୍ମାନ କରିବାକୁ ପଡ଼ିବ,





କାରଣ ସେମାନେ ମନକୁ ଅଜ୍ଞତାରୁ ଏବଂ ସମାଜକୁ ନୈତିକ ପତନରୁ ରକ୍ଷା କରନ୍ତି। ଅର୍ଥନୀତିଜ୍ଞମାନେ ପ୍ରାୟତଃ ଯୁକ୍ତି କରନ୍ତି ଯେ, ଏକ ଜାତିର ପ୍ରକୃତ ସମ୍ପତ୍ତି ଏହାର ସୁନାଭଣ୍ଡାର କିମ୍ବା ତୈଳକୂପ ନୁହେଁ, ବରଂ ଏହାର ମାନବ ପୁଞ୍ଜି – ଯାହା ଜ୍ଞାନ, ଦକ୍ଷତା ଏବଂ ସୃଜନଶୀଳତାକୁ ପ୍ରତିଫଳିତ କରେ। ଏହି ସମ୍ପତ୍ତି କିଏ ସୃଷ୍ଟି କରେ? ଗ୍ରାମୀଣ ବିଦ୍ୟାଳୟର ସେହି ଶିକ୍ଷକ ହିଁ ଜଣେ ପିଲାକୁ ଦାରିଦ୍ର୍ୟ ପାର ହେବାର ସ୍ୱପ୍ନ ଦେଖିବା ପାଇଁ ପ୍ରେରଣା ଦିଅନ୍ତି। କଲେଜର ପ୍ରଫେସର, ଯିଏ ଯୁବପିଢ଼ିଙ୍କୁ ଆଗାମୀ ଶିଳ୍ପ ପାଇଁ ବୈଷୟିକ ଦକ୍ଷତା ସହିତ ସଜ୍ଜିତ କରନ୍ତି। ଜଣେ ଭୟଭୀତ ଓ ନିରୁତ୍ସାହିତ ବିଦ୍ୟାର୍ଥୀରୁ ଏକ ଆତ୍ମବିଶ୍ୱାସୀ ନାଗରିକର ରୂପାନ୍ତରଣରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ। ଇଞ୍ଜିନିୟର ସେତୁ ନିର୍ମାଣ କରନ୍ତି, ଡାକ୍ତର ଜୀବନ ରକ୍ଷା କରନ୍ତି, ଉଦ୍ୟୋଗୀ ଉଦ୍ୟୋଗ ନିର୍ମାଣ କରନ୍ତି ଏବଂ କଳାକାର ସଂସ୍କୃତିକୁ ଆକାର ଦିଅନ୍ତି। ଶିକ୍ଷକ ସଭ୍ୟତାର ଭିତ୍ତି ସ୍ଥାପନ କରିଥା'ନ୍ତି। ସଭ୍ୟତା କେବଳ ଗଗନସ୍ପର୍ଶୀ ଅଟ୍ଟାଳିକା କିମ୍ବା ଯନ୍ତ୍ର ଦ୍ୱାରା ନୁହେଁ, ବରଂ ମାନବ ଚିନ୍ତାଧାରାରେ ଶକ୍ତି, ମୂଲ୍ୟବୋଧର ଗଭୀରତା ଏବଂ ଐତିହ୍ୟର ନିରନ୍ତରତା ଦ୍ୱାରା ପରିଭାଷିତ ହୁଏ। ଶିକ୍ଷକମାନେ ଏହି ଐତିହ୍ୟର ରକ୍ଷକ। ସଂସ୍କୃତିକୁ ପୋଷଣ, ଭାଷାକୁ ସଂରକ୍ଷଣ, ନୈତିକତାକୁ ବଜାୟ, ମାନବତାକୁ ପ୍ରସାର ଓ ଐତିହ୍ୟକୁ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରନ୍ତି।

ଆଜିର ଦୁନିଆରେ ଶ୍ରେଣୀଗୃହର ଗତିଶୀଳତା ପରିବର୍ତ୍ତନ ହୋଇଛି। ଅନ୍‌ଲାଇନରେ ବିସ୍ତୃତ ସୂଚନା ଉପଲବ୍ଧ ହେବା ସହିତ ଜ୍ଞାନ ଆଉ ଶିକ୍ଷକମାନଙ୍କର ସ୍ୱତନ୍ତ୍ର କ୍ଷେତ୍ର ନୁହେଁ। ବିଦ୍ୟାର୍ଥୀମାନେ ପ୍ରଶ୍ନ କରନ୍ତି, ବିତର୍କ କରନ୍ତି ଏବଂ କେତେକ ସମୟରେ ସେମାନଙ୍କ ଶିକ୍ଷକଙ୍କ ମତାମତକୁ ଖାରଜ କରନ୍ତି, ଯାହା ଶିକ୍ଷା ସ୍ଥାନକୁ ଅଧିକ ଗଣତାନ୍ତ୍ରିକ କରିଥାଏ। ପାରମ୍ପରିକ ଭାବରେ, ବିଦ୍ୟାର୍ଥୀମାନେ ନିଃସନ୍ଦେହରେ ଶିକ୍ଷକମାନଙ୍କୁ ସମ୍ମାନ କରୁଥିଲେ। ଅନ୍‌ଲାଇନରେ ବିସ୍ତୃତ ସୂଚନା ଉପଲବ୍ଧ ହେବା ସହିତ ଜ୍ଞାନ ଆଉ ଶିକ୍ଷକମାନଙ୍କର ଏକାଧିକାର ନୁହେଁ। ଏହି ପରିବର୍ତ୍ତନ ପ୍ରତିଶ୍ରୁତି ଏବଂ ବିପଦ ଉଭୟ ବହନ କରେ। ସକାରାତ୍ମକ ଦିଗରେ, ଏହା କୌତୂହଳ, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ନବସୃଜନକୁ ପୋଷଣ କରେ। ନକାରାତ୍ମକ ଦିଗରେ, ଏହା ଅହଂକାରକୁ ପ୍ରୋତ୍ସାହିତ କରିପାରେ ଏବଂ ଶିକ୍ଷକ-ଛାତ୍ର ବନ୍ଧନର କେନ୍ଦ୍ରବିନ୍ଦୁ ଥିବା ସମ୍ମାନକୁ ଦୁର୍ବଳ କରିପାରେ। ତଥାପି ଜଣେ ଶିକ୍ଷକ ଏକ ସର୍ଚ୍ଚ ଇଞ୍ଜିନ ଅପେକ୍ଷା ବହୁତ ଅଧିକ – ଜ୍ଞାନର ବ୍ୟାଖ୍ୟାକାରୀ, ଚରିତ୍ରର ଚିତ୍ରକାରୀ ଏବଂ ମୂଲ୍ୟବୋଧର ମାର୍ଗଦର୍ଶକର ଭୂମିକା ଯାହାକୁ କୌଣସି ପ୍ରଯୁକ୍ତିବିଦ୍ୟା ପ୍ରକୃତରେ କେବେ ବଦଳାଇପାରିବ ନାହିଁ।

ଶିକ୍ଷକମାନଙ୍କୁ ସମୟ ସହିତ ବିକଶିତ ହେବାକୁ ପଡିବ। ନୂଆ ଭୂମିକାରେ ଭାବପ୍ରବଣ ବୁଦ୍ଧିମତ୍ତା, ଧୈର୍ଯ୍ୟ ଓ ନମ୍ରତା ସହିତ କର୍ତ୍ତୃତ୍ୱର ସନ୍ତୁଳିତ ପ୍ରୟୋଗ ଆବଶ୍ୟକ କରନ୍ତି। ପ୍ରତ୍ୟେକ ଶ୍ରେଣୀଗୃହ ବିବିଧ, ଶିକ୍ଷାର୍ଥୀମାନେ ବିଭିନ୍ନ ପୃଷ୍ଠଭୂମି, ଶିକ୍ଷଣ ସ୍ତର ଏବଂ ଭାବପ୍ରବଣ ଅବସ୍ଥାରୁ ଆସିଥାନ୍ତି। ବେଳେବେଳେ ଏହା ଏପରି ପରିସ୍ଥିତି ସୃଷ୍ଟି କରେ ଯେଉଁଠାରେ ଦ୍ୱନ୍ଦ୍ୱ, ସନ୍ଦେହ ଜଟିଳ ହୋଇପାରେ ଏବଂ ଅପ୍ରତ୍ୟାଶିତ ସମସ୍ୟା ଉପୁଜିପାରେ। ପ୍ରକୃତ ଆହ୍ୱାନ ହେଉଛି ସଠିକ ସନ୍ତୁଳନ ଖୋଜିବା। ଧୈର୍ଯ୍ୟ, ସହାନୁଭୂତି ଏବଂ ନ୍ୟାୟ ସହିତ ପରିସ୍ଥିତି ପରିଚାଳନା କରିବା ସହ ଉପଯୁକ୍ତ ଯୁକ୍ତିର ସମସ୍ୟା ସମାଧାନ କରିବା। ତେଣୁ ସମସ୍ୟା ସମାଧାନ ଏବଂ ପରିସ୍ଥିତି ପରିଚାଳନା ଦକ୍ଷତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା କେବଳ ଶିକ୍ଷା ପରିବେଶକୁ ଆକାର ଦିଏ ନାହିଁ ବରଂ ଛାତ୍ରଛାତ୍ରୀମାନେ ସେମାନଙ୍କ ଶିକ୍ଷକଙ୍କ ପ୍ରତି ବିକଶିତ ବିଶ୍ୱାସ ଏବଂ ସମ୍ମାନକୁ ମଧ୍ୟ ଆକାର ଦିଏ।

ଜଣେ ମର୍ଯ୍ୟାଦାବାନ୍ ଶିକ୍ଷକ ସ୍ୱାଭାବିକ ଭାବରେ ସମ୍ମାନ ପାଆନ୍ତି, ଦାବି କରି ନୁହେଁ। ଯଦି ଶିକ୍ଷକମାନେ ସେମାନଙ୍କର ମର୍ଯ୍ୟାଦା ବଜାୟ ରଖିବାରେ ବିଫଳ ହୁଅନ୍ତି, ତେବେ ସେମାନେ ସେମାନଙ୍କ ବୃତ୍ତିକୁ ବଜାୟ ରଖିଥିବା ବିଶ୍ୱାସ ହରାଇବାର ଆଶଙ୍କା ସୃଷ୍ଟି କରନ୍ତି। ଅପରପକ୍ଷରେ ଯଦି ସମାଜ ତା'ର ଶିକ୍ଷକଙ୍କୁ ସମ୍ମାନ କରିବାରେ ବିଫଳ ହୁଏ, ତେବେ ନୈତିକ ଦିଗ୍‌ଦର୍ଶିକା ହରାଇବାର ଆଶଙ୍କା ସୃଷ୍ଟି କରେ। ଶିକ୍ଷକମାନଙ୍କ ପ୍ରତି ସମ୍ମାନ ବିନା, ଶିକ୍ଷା ତା'ର ଆତ୍ମା ହରାଇଥାଏ ଏବଂ ପ୍ରଗତି ଫମ୍ପା ହୋଇଯାଏ। ତେଣୁ, ସମ୍ମାନ ଏବଂ ମର୍ଯ୍ୟାଦା ହେଉଛି ଯୁଗଳ ସ୍ତମ୍ଭ ଯାହା ଉପରେ ଶିକ୍ଷା ଓ ଶିକ୍ଷା ବ୍ୟବସ୍ଥା ଠିଆ ହେବା ଉଚିତ। ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ ଏବଂ ମହାକାଶ ଅନୁସନ୍ଧାନର ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛୁ, ଗୋଟିଏ ସତ୍ୟ ଅପରିବର୍ତ୍ତିତ ରହିଛି। ଏହି ସତ୍ୟଟି ହେଉଛି ମେଶିନଗୁଡ଼ିକ ତଥ୍ୟ ଶିକ୍ଷା ଦେଇପାରେ, କିନ୍ତୁ କେବଳ ଶିକ୍ଷକମାନେ ଯେ ମଣିଷକୁ ଆକୃତି ଦେଇପାରିବେ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ସହକାରୀ ପ୍ରଫେସର,**
**ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ,**
**ମୋ: ୯୯୩୭୨୮୫୬୭୨**

# ବାସ୍ନାମୟ ସ୍ମୃତି



ରାଜୀବ ଗୋପାଳ ସ୍ୱାଇଁ

ଦୃଶ୍ୟ, ଚିତ୍ର, ଅନୁଭବ ପରି ବାସ୍ନା ବି ଏକ ସୁମଧୁର ସ୍ମୃତି ହୋଇପାରେ। ତାହା ପାଇଁ ପ୍ରମାଣ ଦେବାର କୌଣସି ଆବଶ୍ୟକତା ନାହିଁ। କାରଣ ଆମେ ସମସ୍ତେ ଏମିତି କିଛି ନା କିଛି ବାସ୍ନାକୁ ଆମ ସ୍ନାୟୁତନ୍ତ୍ରରେ ସାଇତି ରଖିଥାନ୍ତି ଯାହା, କେବେ ବି ବିସ୍ମୃତି ଗର୍ଭରେ ବିଲୀନ ହୋଇ ନ ପାରେ! ସେହିପରି ଏକ ବାସ୍ନା ଥିଲା ଦାଣ୍ଡଧୂଳିର ବାସ୍ନା। ଯେତେବେଳେ ଗାଁ ଦାଣ୍ଡରେ ସିମେଣ୍ଟ କଂକ୍ରିଟ୍ ପଡ଼ି ନ ଥିଲା, ସେତେବେଳେ ଆଦ୍ୟ ଆଷାଢ଼ର ବର୍ଷାବିନ୍ଦୁ ଦାଣ୍ଡଧୂଳିରେ ପଡ଼ି ସୃଷ୍ଟି କରୁଥିଲା ଏକ ମହନୀୟ ବାସ୍ନା। ଆଉ ତାହା ଥିଲା ଅତ୍ୟନ୍ତ ନିଆରା। ଦାଣ୍ଡଧୂଳି ସମ୍ପୂର୍ଣ୍ଣ ଭିଜିଯିବା ଆଗରୁ ବିଛାଡ଼ି ପଡୁଥିବା ସେ ବାସ୍ନା ଏବେ ପ୍ରାୟ ଅତୀତ କହିଲେ ଭୁଲ୍ ହେବନାହିଁ। କାରଣ ଗାଁ ଗାଁରେ ପକ୍କାରାସ୍ତା ଅର୍ଥାତ୍ ସିମେଣ୍ଟ କଂକ୍ରିଟ୍‌ର ଆସ୍ତରଣ, ଦାଣ୍ଡଧୂଳି ଓ ତା'ର ଭିଜାଭିଜା ବାସ୍ନାକୁ ସ୍ମୃତିଗର୍ଭକୁ ଠେଲିଦେଇଛି। ଏବେ ଆଉ ପୁରୁଣା ବେଳ ଫେରିବା ସମ୍ଭବ ନୁହେଁ, ତେଣୁ ପିଢ଼ି ପରେ ପିଢ଼ି ସେ ବାସ୍ନା କେବଳ ସ୍ମୃତିରେ ହିଁ ରହିଯିବ। ସବୁ ଘର ପକ୍କାଘର, ସମସ୍ତଙ୍କ ପାଇଁ ଘର ଯୋଜନାରେ ଗାଁରୁ ସହର ଚାଳଘର ସବୁ ପକ୍କାଘରର ରୂପ ନେଉଛନ୍ତି। ଆଗରୁ ଗୋବର ଲିପା ଦାଣ୍ଡ ଦୁଆର ହେଉ କି ରଙ୍ଗମାଟିରେ ଘର କାନ୍ଥ ଲିପାପୋଛା ବେଳେ ଏକ ଅଦ୍ଭୁତ ବାସ୍ନା ମନ ଭିତରେ ସୁରକ୍ଷିତ ରହିଯାଉଥିଲା। କିନ୍ତୁ କ୍ରମଶଃ କଂକ୍ରିଟ୍ ହେଉଥିବା ଗାଁ ଭିତରୁ ଏଇ ଗୋବର ଲିପା କି ରଙ୍ଗମାଟିରେ ବ୍ୟବହାର କମିଯାଉଛି। ପରିବର୍ତ୍ତନ ସହ ସେଦିନର ବାସ୍ନା ସତରେ କ'ଣ ଆଉ କେବେ ମିଳିବ? ଆମ ଲୋକସଂସ୍କୃତିରେ ବିବାହର ସ୍ଥାନ ସ୍ୱତନ୍ତ୍ର। ହେଲେ ସେହି ବିବାହ କାର୍ଯ୍ୟକ୍ରମର କିଛି ବିଧି ବ୍ୟବସ୍ଥାରେ ବ୍ୟତିକ୍ରମ ଦେଖାଗଲାଣି। ଜାମୁଡାଳ ଛାମୁଣ୍ଡିଆ ଦେଖିବାକୁ ମିଳୁନାହିଁ ତା' ସ୍ଥାନ ଟେଣ୍ଟ ହାଉସ୍ ନେଇସାରିଲାଣି। ତେଣୁ ଜାମୁଡାଳର ବାସ୍ନା ଆଜି ପବିତ୍ର ଦିନ ମାନଙ୍କରୁ ନିଖୋଜ ହୋଇଗଲାଣି।

ଧାନରୁ ଉଷୁନା ଚାଉଳ ପାଇବା ପାଇଁ କରାଯାଉଥିବା ପ୍ରକ୍ରିୟା ଭିତରେ ଚାଷୀ ଓ ତା'ପରିବାର ବିଭୋର ହେଉଥାଏ। ହେଲେ ଧୀରେ ଧୀରେ ସେମାନେ ସେହି ସ୍ୱତନ୍ତ୍ର ବାସ୍ନାରୁ ଦୂରେଇବାରେ ଲାଗିଛନ୍ତି। କାରଣ ସମସ୍ତଙ୍କ ଭିତରେ ଏବେ ଆଳସ୍ୟପଣର ତରଙ୍ଗ। ସରକାରଙ୍କ ତରଫରୁ ଆର୍ଥିକ ଅନଗ୍ରସର ବର୍ଗକୁ ମାଗଣାରେ ଚାଉଳ ମିଳୁଛି, ପୁଣି ବଜାରରେ ସଫା ସରୁ ବିଭିନ୍ନ ପ୍ରକାର ଚାଉଳ ସହଜ ଉପଲବ୍ଧ। ନା ସେଥିରେ ଗୋଡ଼ି ମାଟି ରହୁଛି ନା ରହୁଛି ଧାନ ଉଷୁମେଇବା, ପେଷେଇବା ପରି ଝିନ୍‌ଝଟ୍। ତେଣୁ ଚାଷୀ ଓ ତା'ପରିବାର ଧାନ ସିଝେଇବାର ବାସ୍ନା ନିକଟରୁ କ୍ରମଶଃ ଦୂରେଇବାରେ ଲାଗିଛି।

ଚାଷୀ ତା' ଜମିରେ ସୁନାପାଣି, କଳାଚମ୍ପା, ନାଲି ରତ୍ନ ଚୁଡି, ଗେହେଲଇ ଗୁଟି, ଗୁଡ଼ମହୁ, ବାଇକାନି, କଳାଜିରା, ଜୟା, ବାସ୍‌ମତି, ଜ୍ୟୋତି, ପାରିଜାତ, ପଥରା, ଗୌରୀ, କାଞ୍ଚନ, ପୂଜା, ଦୁର୍ଗା ଇତ୍ୟାଦି ଧାନ ଚାଷ କରୁଥିଲା। ନୂଆ ହାଇବ୍ରିଡ୍ ଅଧିକ ଅମଳକ୍ଷମ ଧାନ ବିହନ ଆସିବା ପରେ ପୁରୁଣା ଧାନ ବିହନର



ସମାବେଶ ଆଉ ଚାଷୀପୁଅ ପାଖରେ ଦେଖିବାକୁ ମିଳୁନାହିଁ। ନିଜ ଘର ଚଷୁକୁଣ୍ଡା କେଉଁଆଡ଼େ ଚାଲିଗଲାଣି। ସରକାରୀ ଧାନ ବିହନ କିଣି ଚାଷୀ ଚାଷ କରୁଛି । ଅମଳ ହେଉଥିବା ଧାନକୁ ମଣ୍ଡିରେ ବିକି ଦୁଇପଇସା ପାଉଛି। ଘରେ ଜମେଇ ରଖି ତାକୁ ବର୍ଷସାରା ଜଗିବାକୁ ଚାହୁଁନାହିଁ। ଅମାରଘରର ବାସ୍ନା ଆଜି ଲାଗୁଛି ଦିବାସ୍ୱପ୍ନ ପରି ଅବାସ୍ତବ। ଧାନବେଣୀ କେବଳ ଗୁରୁବାର ମାଣବସା ପାଇଁ ପୂଜା ଦୋକାନରେ ବିକ୍ରି ହେଉଛି। ଘରେ ଘରେ ଶୋଭାପାଉ ନାହିଁ କି ସେମାନଙ୍କ ଉପରେ ଘରଚଟିଆର ପାଦ ପଡୁନାହିଁ।

ସେହିପରି ଏବେ ବଜାରରେ ମିଳୁଥିବା ଘିଅ, ତେଲ, ମହୁ ଇତ୍ୟାଦିରୁ ସେମାନଙ୍କ ପ୍ରାକୃତିକ ବାସ୍ନା ମିଳିପାରୁ ନାହିଁ। ବୋଧହୁଏ ଅତ୍ୟଧିକ ଖାଦ୍ୟ ସଚେତନତା ଆଳରେ ଖାଦ୍ୟର ପ୍ରକ୍ରିୟାକରଣ ଓ ଠକ ବ୍ୟବସାୟୀଙ୍କ ଦ୍ୱାରା ଅନେକ ଖାଦ୍ୟଦ୍ରବ୍ୟର ଅପମିଶ୍ରଣ କିମ୍ବା ନକଲି ଖାଦ୍ୟ ସାମଗ୍ରୀ ଏହି ଅନ୍ତର୍ହିତ ବାସ୍ନାର ମୁଖ୍ୟ କାରଣ ହୋଇପାରେ। କିଛି ସମୟ ପାଇଁ କେବଳ ସ୍ୱାଦ ଗନ୍ଧରେ ସମାନତାକୁ ଛାଡ଼ି ଦେଲେ ଏମାନେ ଗୁଣରେ ମୂଳ ଦ୍ରବ୍ୟ ସହ ଆଦୌ ସମାନ ନୁହନ୍ତି । ଅପମିଶ୍ରିତ ଖାଦ୍ୟ ବା ନକଲି ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟରେ ଅବନତି ଓ ବିକଟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ସେହିପରି ମନର ସୁସ୍ଥତା ବି ଏକ ଅତ୍ୟାବଶ୍ୟକ ବିଷୟ ଓ ଏହା ଅନେକ କଥା ଉପରେ ନିର୍ଭରକରେ । ଖରାପ ପରିବେଶ ଭିତରେ ମନ ଆକ୍ରାନ୍ତ ଓ ଖରାପ ହେବା ଯଥେଷ୍ଟ ସମ୍ଭାବନା ରହିଥାଏ । ସ୍ନେହ, ପ୍ରେମ, ଆଦର, ଭଲପାଇବା, ଜଣେ ଆଉ ଜଣଙ୍କର ଯତ୍ନ ନେବା, ମିଠାକଥା ଓ ବ୍ୟବହାର, ସୁନ୍ଦର ଦୃଶ୍ୟ ଇତ୍ୟାଦି ସହ ସକାରାତ୍ମକତା ହିଁ ଏକ ସୁସ୍ଥ ମନ ଗଢ଼ିପାରେ ; ଯାହାକି ଆମ ସମାଜର ଗଠନର ମୂଳ ପୁଞ୍ଜି । ଆମେ ଆମ ନିକଟତମ ପରିବେଶ, ଚିହ୍ନାଜଣା କିମ୍ବା ଆପଣାର ମଣିଷ, ଅନେକ ସ୍ଥଳେ ସମ୍ବେଦନଶୀଳ ମଣିଷମାନଙ୍କ ପାଖରୁ ଏହି ସୁସ୍ଥତାର ଉପାଦାନଗୁଡ଼ିକ ପ୍ରଚୁର ପରିମାଣରେ ପାଇଥାନ୍ତି। ସମୟ ସହ କ୍ରମଶଃ ପରିବାରଗୁଡିକ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇଯାଉଛି, ସମସ୍ତେ ପରସ୍ପରଠାରୁ ଅଲଗା ରହିବାକୁ ଭଲପାଉଛନ୍ତି। ବ୍ୟକ୍ତିକୈନ୍ଦ୍ରିକତାର ମନୋଭାବରେ ଅଭିବୃଦ୍ଧି ମଣିଷର ସ୍ୱାର୍ଥପର ମାନସିକତାର ପରିଚୟ ପ୍ରଦାନ କରୁଛି। ଅନ୍ୟପକ୍ଷରେ ଛୋଟ ବେଳୁ ପିଲାମାନଙ୍କ କାନ୍ଧରେ ପାଠର ବୋଝ, ସ୍ମାର୍ଟଫୋନ୍, ଇଣ୍ଟରନେଟ୍‌ରେ ମନ ପୁଣି କେହି କାହା ପାଇଁ ସମୟ ଦେଇ ନ ପାରିବା ହେତୁ ପାରସ୍ପରିକ ଦୂରତା ବଢ଼ିଚାଲିଛି। ବଡ଼ମାନଙ୍କର ମମତାମୟୀ ମାଦକତା ଓ ସେଥିରେ ବୋଲିହୋଇଥିବା ସ୍ନେହାଶୀର୍ବାଦର ସାମଗ୍ରିକ ବାସ୍ନାକୁ କେହି କ'ଣ ସହଜରେ ଭୁଲିପାରିବ? ସେ ବାସ୍ନାକୁ ହୃଦୟ ଭିତରେ ସାଇତି ରଖିବା ପାଇଁ କିଏ ବା ନ ଚାହିଁବ? ହେଲେ ସାଂପ୍ରତିକ ପରିସ୍ଥିତିରେ ଏହା କେତେଦୂର ସମ୍ଭବ ତାହା ନିଶ୍ଚୟ ଏକ ବିରାଟ ପ୍ରଶ୍ନ! ବଦଳୁଥିବା ସମୟ ସହ ଅନେକ କିଛି ପୁରାତନ ବ୍ୟବସ୍ଥାର ଆବଶ୍ୟକତାକୁ ସ୍ୱୀକାର ଓ ଲୋକଧାରାରେ ନିରନ୍ତର ପ୍ରଚଳନ ସମ୍ପର୍କରେ ସମ୍ପ୍ରତି ସକାରାତ୍ମକ ଚିନ୍ତନ ଆସିବାକୁ ନେଇ ଆମେ ତଥାପି ଆଶାବାଦୀ ରହିବା।

**ମୋ: ୭୬୮୪୯୮୯୫୫୭**

## ଏଇ ଭାରତରେ

୨୦୧୩ରେ ମହାରାଷ୍ଟ୍ରରେ ପଶ୍ଚିମଘାଟ ପର୍ବତମାଳା ଆଖପାଖର ଅନେକ ଗାଁରେ ଥିବା ବୋରୱେଲରୁ ପାଣି ବାହାରୁ ନ ଥିଲା। ଫଳରେ ପାନୀୟ ଜଳର ସଙ୍କଟ ଲାଗି ରହିବା ସହ କୃଷିରେ ବାଧା ଉପୁଜୁଥିଲା। ପୁଣେର ଇଞ୍ଜିନିୟର ରାହୁଲ ବକାରେ ବୋରୱେଲଗୁଡ଼ିକର ପୁନରୁଦ୍ଧାର କରିବା ଯୋଗୁ ଏବେ ଏହି ସମସ୍ୟା ନାହିଁ, ଲୋକେ ପ୍ରଚୁର ପାଣି ପାଇପାରୁଛନ୍ତି। ଚାଷ ମଧ୍ୟ କରୁଛନ୍ତି। ଏହିସବୁ ଗାଁ ସମେତ ସାରା ଭରତରେ ଏଯାବତ ସେ ୪୦୦ରୁ ଊର୍ଦ୍ଧ୍ୱ ବୋରୱେଲ ପୁନରୁଦ୍ଧାର କରିବା ସହ ୬୫୦ କୋଟି ଲିଟର ଭୂତଳ ଜଳ ରିଚାର୍ଜ କରିବାରେ ସକ୍ଷମ ହୋଇଛନ୍ତି। ନୂଆ ବୋରୱେଲ କରିବାରେ ଯେତିକି ଖର୍ଚ୍ଚ ଲାଗୁଛି ତାହାଠାରୁ ବହୁତ କମ୍ ଖର୍ଚ୍ଚରେ ପୁନରୁଦ୍ଧାର ହୋଇପାରୁଛି। କେବଳ ଭାରତ ନୁହେଁ, ଦକ୍ଷିଣ ଆଫ୍ରିକାରେ ମଧ୍ୟ ସେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ରୋବୋ ମାଧ୍ୟମରେ ବୋରୱେଲର ପୁନରୁଦ୍ଧାର ସମ୍ଭବ ହୋଇଛି। ରୋହିଣୀ ନିଲେକାନି ଆର୍ଘ୍ୟାମ ଫାଉଣ୍ଡେଶନ ଦ୍ୱାରା ସେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ରାହୁଲ ଆମେରିକାରେ ଚାକିରି କରିଥିଲେ। ସେଠାରୁ ଫେରି ଫାର୍ମ କରି ଚାଷ କରିବା ସମୟରେ ଜଳାଭାବର ସ୍ଥିତିକୁ ଅନୁଭବ କରିଥିଲେ। ପରେ ଜଳ ସଙ୍କଟ ଦୂର କରିବା ସକାଶେ ଆଗକୁ ବଢ଼ିଥିଲେ। ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି ହାଇଡ୍ରୋଲୋଜିଷ୍ଟ ବିନିତ ଫଡନିସ। ରାହୁଲ ମଧ୍ୟ ଦେଶର ହାଇଡ୍ରୋଲୋଜିଷ୍ଟମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୩ ଅକ୍ଟୋବର ୧୯୭୬

- ବିଖ୍ୟାତ ବଙ୍ଗୀୟ ସଙ୍ଗୀତକାର ନଚିକେତା ଘୋଷଙ୍କ ୫୧ ବର୍ଷ ବୟସରେ ପରଲୋକ।
- ସାନ୍ତାକ୍ରୁଜ ବିମାନ ବନ୍ଦରଠାରେ ଇଣ୍ଡିଆନ ଏୟାରଲାଇନ୍ସର ଏକ କାରାଭେଲ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୯୫ ଜଣ ବ୍ୟକ୍ତିଙ୍କ ଶୋଚନୀୟ ମୃତ୍ୟୁ।

## ଚିରନ୍ତନୀ

ଭୁଲିଯାଏଁ ମୋର ସ୍ୱପନ–ରାଇଜେ
ବିପୁଳ ସୁଖ ଶୋଚନା
ଦିବସ ନିଶାର ବିରାମ ବିହୀନ
ଉଜାଗର ଅରଚନା
ମୋର ନୟନର ଅଞ୍ଜନ ସମା
ଶୋଉ ଏ ପତାରେ ଆଗୋ ଉତ୍ତମା !

–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁଙ୍କ ଔଷଧ ପରୀକ୍ଷା କରାଯାଉ

ମହାଶୟ,

ଦେଶରେ ଶିଶୁମାନଙ୍କ ପାଇଁ ବିଭିନ୍ନ ଔଷଧ କମ୍ପାନୀଗୁଡ଼ିକରେ ପ୍ରସ୍ତୁତ ହେଉଥିବା ଔଷଧର ମାନ ପରୀକ୍ଷା କରାଯାଉ। ଏହାଦ୍ୱାରା ସେସବୁ ମଧ୍ୟରେ କିଏ ଅସଲି କିଏ ନକଲି ତାହା ଧରାପଡ଼ିଯିବ। ଅତ୍ୟନ୍ତ ଦୁଃଖର ବିଷୟ, ଶିଶୁମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଦଲାଲ ସ୍ୱାର୍ଥପର ଗୋଷ୍ଠୀ ଖେଳ ଖେଳୁଛନ୍ତି। ଫଳରେ ନକଲି କଫ ସିରପ୍ ଅନେକ ସମୟରେ ଶିଶୁଙ୍କ ଜୀବନ ନେଇଯାଉଛି। ଶିଶୁ ଆସନ୍ତାକାଲିର ନାଗରିକ। ଏଣୁ ସେମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ। ଶିଶୁମାନଙ୍କ ପାଇଁ ବଜାରରେ ଉପଲବ୍ଧ ସମସ୍ତ ଔଷଧକୁ ଯାଞ୍ଚ କରାଯାଉ ଏବଂ ଏଥିରେ ଯେଉଁ କମ୍ପାନୀର ଔଷଧ ନକଲି କିମ୍ବା ବିଷାକ୍ତ ବୋଲି ଜଣାପଡ଼ିବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଫଳରେ କମ୍ପାନୀଗୁଡ଼ିକ ନକଲି ଔଷଧ ପ୍ରସ୍ତୁତିରୁ ବିରତ ରହିପାରିବେ। ରାଜ୍ୟ ଓ କେନ୍ଦ୍ର ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେଇ ତୁରନ୍ତ ପଦକ୍ଷେପ ନିଅନ୍ତୁ। ନଚେତ୍ ନେଡ଼ି ଗୁଡ଼ କହୁଣିକୁ ବୋହିଯିବ।

**–ଆଦିକନ୍ଦ ସାହୁ, ଏକମାଣିଆ, ଆଳି, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଦିବାସୀଙ୍କ ନାଁରେ ମିଥ୍ୟା ବିଲ୍ କରି ୪ କୋଟି ଦୁର୍ନୀତି ଅଭିଯୋଗ

- ଅଫିସରଙ୍କ ଅର୍ଥ ଲୁଟ୍‌ର ମାଧ୍ୟମ ପାଲଟିଛି ସ୍ୱତନ୍ତ୍ର ଉନ୍ନୟନ ପରିଷଦ
- ତଦନ୍ତ ଦାବିକଲେ ପୂର୍ବତନ ରାଜ୍ୟ ଉପଦେଷ୍ଟା ଓ ଜିଲା ଅଧ୍ୟକ୍ଷ
- ଖବରଦାତା ସମ୍ମିଳନୀ କରି ସୂଚନା ଦେଲା ବିଜେଡି

ରାୟଗଡ଼ା,୧୨।୧୦(ଆଶିଷ ରଞ୍ଜନ ପଣ୍ଡା)

ଆଦିବାସୀଙ୍କ ନାଁରେ ମିଥ୍ୟା ବିଲ୍ ଓ ସାମଗ୍ରୀ କିଣା ନାମରେ ରାୟଗଡା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି)ରେ ୪ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଗୁରୁତର ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଏ ନେଇ ରବିବାର ସ୍ଥାନୀୟ ଏକ ହୋଟେଲରେ ଖବରଦାତା ସମ୍ମିଳନୀ କରି ବିଜେଡି ନେତାମାନେ ସୂଚନା ଦେଇଛନ୍ତି। ବିଜେଡି ଜିଲା ସଭାପତି ଜଗନ୍ନାଥ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଏସ୍‌ଡିସି ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ପୂର୍ବତନ ଏସ୍‌ଡିସି ଜିଲା ଅଧ୍ୟକ୍ଷା ଅନୁସୟା ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ ପ୍ରମୁଖ ଏସ୍‌ଡିସି କାହିଁକି ଗଠନ ହୋଇଥିଲା ଓ ବର୍ତ୍ତମାନ ଏସଡିସି କିଭଳି ଟଙ୍କା ହଡପର ମୁଖ୍ୟ ମାଧ୍ୟମ ପାଲଟିଛି ତାହାର ଗୁମର ଖୋଲିଥିଲେ । ୨୦୨୪ ସେପ୍ଟେମ୍ବରରେ ଏସ୍‌ଡିସି ଭଙ୍ଗ ପରେ ଏହା ଅଫିସରଙ୍କ ଅର୍ଥ ଲୁଟ୍‌ର ମାଧ୍ୟମ ପାଲଟିଥିବା ବିଜେଡି ନେତା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଦିବାସୀ ହୋଇ ମଧ୍ୟ ଏହି ଦୁର୍ନୀତିକୁ ସମର୍ଥନ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।



ଖବରଦାତା ସମ୍ମିଳନୀରେ ବିଜେଡି ନେତାମାନେ ସୂଚନା ଦେଉଛନ୍ତି।

୨୦୨୫ ଫେବୃୟାରୀରେ ଏସ୍‌ଡିସି ତରଫରୁ ୩୦୦ଟି ଲେଖାଏ କ୍ରୀଡ଼ା ସାମଗ୍ରୀ ଏବଂ ସଂଗୀତ ସାମଗ୍ରୀ କିଣାଗଲା। ତେବେ ଏହି ସାମଗ୍ରୀ କିଣିବା ପାଇଁ କୌଣସି ଟେଣ୍ଡର କରାଗଲା ନାହିଁ । ସିଧାସଳଖ ଓସିସିଏଫ୍ ପାଖରୁ ୫ କୋଟି ୩୯ ଲକ୍ଷ ୮୭ ହଜାର ୮୮୯ ଟଙ୍କା ବ୍ୟୟରେ କିଣାଗଲା। ଯେଉଁ ସାମଗ୍ରୀ କିଣାଗଲା ତାହା ଚଢ଼ା ଦରରେ କିଣି ଅନୁଦାନ ଶେଷ କରାଗଲା ବୋଲି ବିଜେଡି ତରଫରୁ କୁହାଯାଇଛି। ୨ କୋଟି ୪୦ ଲକ୍ଷ ୯୬ ହଜାର ୯୬ ଟଙ୍କା ବ୍ୟୟରେ ଯେଉଁ କ୍ରୀଡା ସାମଗ୍ରୀ କିଣାଯାଇଛି ତା'ର ପ୍ରକୃତ ବଜାର ମୂଲ୍ୟ ୬୩ ଲକ୍ଷ ୫ ହଜାର ୪୦୦ ହୋଇଥିବା ବେଳେ ସଂଗୀତ ସାମଗ୍ରୀ ୨ କୋଟି ୯୯ ଲକ୍ଷ ୭୮ ହଜାର ୧୬୩ ଟଙ୍କା ବ୍ୟୟରେ କିଣାଯାଇଥିଲେ ମଧ୍ୟ ପ୍ରକୃତ ବଜାର ମୂଲ୍ୟ ୮୫ ଲକ୍ଷ ୫୦ ହଜାର ୩୦୦ ବୋଲି ଦାବି କରିଛି ବିଜେଡି । ଏହି କିଣାରେ ୩ କୋଟି ୯୧ ଲକ୍ଷ ୩୨ ହଜାର ଟଙ୍କା ସିଧାସଳଖ ହଡପ ହୋଇଛି। ଗୋଟିଏ ଢୋଲର ବଜାର ଦର ୨୭୦୦ ହୋଇଥିବା ବେଳେ ତାହାର ବିଲ୍ କରାଯାଇଛି ୧୩ ହଜାର ୨୭୦ ଟଙ୍କା। ସେହିଭଳି ୧୫୦୦ ଟଙ୍କାର ପିତଳ ଘଣ୍ଟକୁ ୫୦୩୩, ୫୯୦୦ଟଙ୍କାର ନାଗରାକୁ ୧୪,୮୯୪ ଓ ୩୦୦ ଟଙ୍କାର ଘୁଙ୍ଗୁରକୁ ୧୭୩୦ ଟଙ୍କା ଲେଖାଏ ବିଲ୍ କରିଛନ୍ତି। ସେହିଭଳି କ୍ରୀଡ଼ା ସାମଗ୍ରୀ କ୍ଷେତ୍ରରେ ମଧ୍ୟ ବ୍ୟାପକ ବାଟମାରଣା ହୋଇଛି। ଭଲିବଲ୍ ପୋଲ ଗୋଟି ୧୩ ହଜାର ୭୭୩ ଟଙ୍କାରେ କିଣିଥିବାବେଳେ ତାହାର ବଜାର ଦର ୩୯୦୦ ଟଙ୍କା। ୧୦୫ ଟଙ୍କାର କ୍ରିକେଟ ଷ୍ଟମ୍ପକୁ ୧୧୪୬ ଟଙ୍କା, ୧୯୫ ଟଙ୍କାର ବ୍ୟାଡମିଣ୍ଟନ ର୍‍ୟାକେଟ ୧୪୪୪ ଟଙ୍କାରେ କିଣି ଅଫିସର ମାଲାମାଲ ହୋଇଛନ୍ତି ବୋଲି ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି ବିଜେଡି । ସରକାର ନୂତନ ଭାବରେ ଏସ୍‌ଡିସି ଗଠନ ନ କରି କିଭଳି ସାମଗ୍ରୀ କିଣିବାକୁ ଅନୁମତି ଦେଲେ ତାହା ଚକିତ କରୁଛି ବୋଲି ପ୍ରଦୀପ ଓ ଅନୁସୟା କହିଛନ୍ତି । ପରିଷଦ ସଭ୍ୟଙ୍କ ଅନୁମତି ବିନା କୌଣସି ସାମଗ୍ରୀ କିଣିବାର ନିୟମ ନ ଥିବାବେଳେ ଏସ୍‌ଡିସି କିଭଳି ସାମଗ୍ରୀ କିଣିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏକ ମାସ ଭିତରେ ଯଦି ଏହାର ତଦନ୍ତ କରି ଦୁର୍ନୀତିରେ ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

ଅପରପକ୍ଷରେ, ବିଜେଡି ସରକାର ସମୟରେ ସମାନ ଢଙ୍ଗରେ ବିନା ଟେଣ୍ଡରରେ କିଭଳି ସାମଗ୍ରୀ କିଣାଯାଇଥିଲା ବୋଲି ଖବରଦାତା ପ୍ରଶ୍ନ କରିଥିଲେ। ସେତେବେଳେ ଏସ୍‌ଡିସି ସଦସ୍ୟଙ୍କ ଦ୍ୱାରା ପାରିତ ହେବାପରେ କିଣିବା ସହିତ ବଣ୍ଟନ ହୋଇଥିଲା ବୋଲି ସଫେଇ ଦେଇଛନ୍ତି। ପରିଷଦର ଅନୁମୋଦନ କ୍ରମେ କାମ ହୋଇଛି। ସେତେବେଳେ ଦୁଇ ଜଣ ଅଫିସର ବର୍ତ୍ତମାନ ଭଳି ନିଷ୍ପତ୍ତି ନେଇ କିଣି ନ ଥିଲେ ବୋଲି ବିଜେଡି କର୍ମକର୍ତ୍ତା ପ୍ରକାଶ କରିଥିଲେ । ତେବେ ଏ ନେଇ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କୁ ପଚାରିବାରୁ ନିର୍ବାଚନ ପୂର୍ବରୁ ଏସ୍‌ଡିସି ପରିଷଦ ପକ୍ଷରୁ ବୈଠକ କରାଯାଇ ସେଥିରେ ହୋଇଥିବା ନିଷ୍ପତ୍ତି ପ୍ରକାରେ ସମସ୍ତ ସାମଗ୍ରୀ କିଣାଯାଇଛି। ଯେହେତୁ ଏସ୍‌ଡିସି ଭଙ୍ଗ କରାଯାଇଛି ତେଣୁ ରାୟଗଡ଼ା ଗସ୍ତରେ ଆସିଥିବା ବିଭାଗୀୟ ଷ୍ଟାଣ୍ଡିଂ କମିଟି ନିର୍ଦ୍ଦେଶ ଓ ଜିଲାପାଳଙ୍କ ଅନୁଧ୍ୟାନ ପରେ ନିୟମ ପ୍ରକାରେ ସମସ୍ତ ସାମଗ୍ରୀ କ୍ରୟ କରାଯାଇଛି ବୋଲି ପ୍ରକଳ୍ପ ପ୍ରଶାସକ ମାଝି କହିଛନ୍ତି । କୌଣସି ସାମଗ୍ରୀ ଅଧିକା ଦରରେ କିଣାଯାଇନି ବରଂ ଉନ୍ନତମାନର କିଣାଯାଇଛି ଓ ଏହାର ସମସ୍ତ ବିବରଣୀ ନିର୍ଦ୍ଦେଶନାମାରେ ଲିଖିତ ରହିଛି। ଏସ୍‌ଡିସି ସାମଗ୍ରୀ କିଣାରେ ବିଭାଗ ପକ୍ଷରୁ ହୋଇଥିବା ଦୁର୍ନୀତି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା ବୋଲି ପ୍ରକଳ୍ପ ପ୍ରଶାସକ ମାଝି କହିଛନ୍ତି।

## ବିଦାୟ ନେଲେ ଧନଦାତ୍ରୀ ମା' ଗଜଲକ୍ଷ୍ମୀ


ସାଧୁ ମଦନମୋହନ ଦାସଜୀ ମହାରାଜ ପ୍ରବଚନ ଦେଉଛନ୍ତି।

ପଦ୍ମପୁର, ୧୨।୧୦(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ଶ୍ରୀ ଗିରିଧାରୀ ମହାପ୍ରଭୁଙ୍କ ନିକଟରେ ଆୟୋଜିତ ଗଜଲକ୍ଷ୍ମୀଙ୍କ ଭସାଣୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫ଦିନ ଧରି ଚାଲିଥିବା ଏହି ପୂଜାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବେଦପାଠ ସହ ବିଶିଷ୍ଟ ସାଧୁ ମଦନମୋହନ ଦାସଜୀ ମହାରାଜଙ୍କ ଦ୍ୱାରା ଭାଗବତ କଥାମୃତ ଲୋକଙ୍କୁ ବିମୋହିତ କରିଥିଲା । ସେହିପରି ପଦ୍ମପୁର ମୁଖ୍ୟ ବଜାର ଶାନ୍ତି ମାର୍କେଟଠାରେ ଥିବା ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ପୂଜା ପାଉଥିବା ମା' ଗଜଲକ୍ଷ୍ମୀଙ୍କ ପ୍ରତିମୂର୍ତ୍ତି ବିସର୍ଜନ କରାଯାଇଛି। ଏଠାରେ ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମାଙ୍କ ଆଶୀର୍ବାଦ ନେବାକୁ ଭକ୍ତଙ୍କ ଭିଡ଼ ଜମିବା ସହ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ସାମୂହିକ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ସେହିପରି ଜାଡିଲି ଗ୍ରାମରେ ମଧ୍ୟ ଖୁବ୍ ଧୁମଧାମରେ ଗଜଲକ୍ଷ୍ମୀ ପୂଜା କରାଯାଇଥିଲା।

## ଡାକ୍ତରୀ ଛାତ୍ର ପ୍ରଦୀପଙ୍କୁ ସମ୍ବର୍ଦ୍ଧନା

କୋରୁକୋଣ୍ଡା,୧୨।୧୦ (ଶିବଦତ୍ତ ସାହୁ)


ଅତିଥି ଡାକ୍ତରୀ ଛାତ୍ର ପ୍ରଦୀପ ଦାସଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଚଳିତ ବର୍ଷ 'ନିଟ୍' ପରୀକ୍ଷାରେ ସଫଳତା ହାସଲ କରିଥିବା ଏମ୍‌ଭି-୩୬ ଗ୍ରାମର ପ୍ରଦୀପ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୋମନାଥପୁର ସରପଞ୍ଚ ମଞ୍ଜୁଳା ଶିଶା ମୁଖ୍ୟ ଅତିଥି ଏବଂ ହାତୀଆମ୍ବା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ମଣ୍ଡଳ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡାକ୍ତରୀ ଛାତ୍ର ପ୍ରଦୀପ, ତାଙ୍କ ବାପା ଶିବପ୍ରସାଦ ଦାସ ଓ ମା' ବେବୀ ଦାସଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ଗ୍ରାମବାସୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାସବେଡ଼ା ଆଶ୍ରମ ବିଦ୍ୟାଳୟର ଶିକ୍ଷକ ବିନୋଦ ବିହାରୀ ପାତ୍ର, ଗ୍ରାମ ସଭାପତି ସଞ୍ଜୀତ ଦାସ, ପଲ୍ଲୀ ମଙ୍ଗଳ କମିଟିର କର୍ମକର୍ତ୍ତା, ବରିଷ୍ଠ ନାଗରିକ ସୁଶାନ୍ତ ପାଲ ଏବଂ ବାଲିମେଳାର ରାଜେନ୍ଦ୍ର କୁମାର କୁଲଦୀପ ପ୍ରମୁଖ ଯୋଗଦେଇଥିଲେ। ଡାକ୍ତର ହୋଇ ନିଃସ୍ୱାର୍ଥପର ଭାବେ ଲୋକଙ୍କ ସେବା କରିବି ବୋଲି ଶପଥ ନେଇଥିଲେ ପ୍ରଦୀପ। ମୋର ସଫଳତା ପଛରେ ବିନୋଦ ବିହାରୀ ପାତ୍ର ସାର୍‌ଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି କହିଥିଲେ ପ୍ରଦୀପ। କାର୍ଯକ୍ରମକୁ ଏମ୍‌ଭି-୩୬ ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା ହାତୀଆମ୍ବା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆନନ୍ଦ ମଣ୍ଡଳ ପରିଚାଳନା କରିଥିବାବେଳେ ଗ୍ରାମବାସୀ ସହଯୋଗ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଏବଂ ଆଖପାଖ ଗ୍ରାମର ବ୍ୟକ୍ତି ବିଶେଷ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ୨ ନାବାଳିକାଙ୍କୁ ଅପହରଣ ମାମଲା: ବାପା ଗିରଫ, ପୁଅ ଫେରାର

ଜୟପୁର୧୨।୧୦(ପବନ ପାଣିଗ୍ରାହୀ)

୨ ନାବାଳିକାଙ୍କୁ ଅପହରଣ ହୋଇଥିବା ମାମଲାରେ ଜୟପୁର ଟାଉନ ପୋଲିସ ଅଭିଯୁକ୍ତ ବୋରିଗୁମ୍ମା ଗୁଡିଗୁଡା ଗ୍ରାମର ତ୍ରିଲୋଚନ ହରିଜନ (୪୮)ଙ୍କୁ ରବିବାର ଗିରଫ କରିଛି। ଏହି ମାମଲାରେ ଅନ୍ୟ ଅଭିଯୁକ୍ତ ତାଙ୍କ ପୁଅ ସମିର ଫେରାର ରହିଥିବା ସୂଚନା ମିଳିଛି। ୨ ନାବାଳିକା ଅପହରଣ ହୋଇଥିବା ଜୟପୁର ଟାଉନ ଥାନାରେ ୪।୯।୨୫ରେ ଅଭିଯୋଗହୋଇଥିଲା। ପୋଲିସ ୩୨୦/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

## ଠିକାଦାର ସଂଘ, କାଳିଞ୍ଜି ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ଉମରକୋଟ,୧୨।୧୦ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଲିପାଟଣା ନିବାସୀ ତଥା ନବରଙ୍ଗପୁର ଜିଲାର ଜଣେ ବିଶିଷ୍ଟ ଠିକାଦାର ଓ ଅବିଭକ୍ତ କୋରାପୁଟ ଜିଲା ଖଣ୍ଡାୟତ କାଳିଞ୍ଜି ସମାଜର ସଭାପତି ମୃଷା ବିଷୋୟୀଙ୍କ ଭୁବନେଶ୍ୱରଠାରେ ୭୨ ବର୍ଷ ବୟସରେ ହୃଦଘାତରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ରବିବାର ଉମରକୋଟ ଠିକାଦାର ସଂଘ ପକ୍ଷରୁ ଡିଏନ୍‌କେଠାରେ ଥିବା ସଂଘର କାର୍ଯ୍ୟାଳୟରେ ଓ ଉକ୍ତ ଖଣ୍ଡାୟତ କାଳିଞ୍ଜି ସମାଜ ପକ୍ଷରୁ ଗୁଲିପାଟଣା ବାବା ବୈଦ୍ୟନାଥ ମନ୍ଦିର ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଠିକାଦାର ସଂଘ ପକ୍ଷରୁ ଆୟୋଜିତ ଶୋକସଭାରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ମାନସ ସାହୁ, ଝୁନା ପରିଡା, କୁନା ନାୟକ, ଅରୁଣ ସେଠି, ବିଷ୍ଣୁ ମହାପତ୍ର, ବାବୁଲା ଲେଙ୍କା, ଆଶୁତୋଷ ହାଲଦାର, କୁରୁମା ରାଓ, ବାବୁଲା ମୁଦୁଲି, ଟୁନା ନାୟକ ଓ ହଟିଆ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉକ୍ତ କାଳିଞ୍ଜି ଖଣ୍ଡାୟତ ସମାଜ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲାର ଉପସଭାପତି ନରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ନାରାୟଣ ବିଷୋୟୀ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ପ୍ରଧାନ, ଜୟପୁର ମଣ୍ଡଳ ସଭାପତି ପୃଥ୍ୱୀ ରାଜ ଭୂୟାଁ, ସମ୍ପାଦକ ଟୁନା ଜେନା, ଉମରକୋଟ ମଣ୍ଡଳ ଉପସଭାପତି ନିରଞ୍ଜନ ସ୍ୱାଇଁ, ସମ୍ପାଦକ ବିଜୟ କୁମାର ଭୂୟାଁ ଓ କୋରାପୁଟରୁ ଅରୁଣ କୁମାର ନାୟକଙ୍କ ସହ ତାଙ୍କ ସହ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ସଂଘର ସଦସ୍ୟମାନେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ଦୃଷ୍ଟିହୀନ ଫୁଟବଲ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ଫୁଟବଲ ଖେଳାଳି ଆକାଶଙ୍କୁ ଲୋକେ ସ୍ୱାଗତ କରୁଛନ୍ତି।

ମାଲକାନଗିରି,୧୨।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର କୋୟା ସମ୍ପ୍ରଦାୟର ସ୍ୱଳ୍ପ ଦୃଷ୍ଟିହୀନ ଯୁବକ ଆକାଶ ପଡିଆମୀ ଇଟାଲୀରେ ଭାରତୀୟ ଦଳ ପକ୍ଷରୁ ଜାତୀୟସ୍ତରରେ ଫୁଟବଲ ଖେଳରେ ପ୍ରତିନିଧିତ୍ୱ କରି ଫେରିଥିବା ବେଳେ ତାଙ୍କ ଅଞ୍ଚଳବାସୀ ରବିବାର ସ୍ୱାଗତ କରିଛନ୍ତି। ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ଓ ମାଲକାନଗିରି ଜନସାଧାରଣ ସମ୍ବର୍ଦ୍ଧିତ କରିଥିଲେ। ବସ୍‌ଷ୍ଟାଣ୍ଡଠାରୁ ତାଙ୍କୁ ପାଛେଶଟି ଆଣିଥିଲେ। ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ ଅଧୀନ କୃସୁବାଡା ଗ୍ରାମର ଦୁଲା ପଡିଆମିଙ୍କ ପୁଅ ଆକାଶ କୃସୁବାଡାରେ ପ୍ରଥମରୁ ଯୁକ୍ତ ୨ ଯାଏ ଶିକ୍ଷା ଗ୍ରହଣ କରିଥିଲେ। କୃସୁବାଡା ଫୁଟବଲ ଟୁର୍ନାମେଣ୍ଟରେ ଆକାଶଙ୍କ ଦଳ ଚାମ୍ପିୟନ ହେବା ପରଠାରୁ ସେ ଏହି ଖେଳ ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ସେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ନେଉଥିବା ବେଳେ ଅଧ୍ୟାପକ ଆଶୀଷ କୁମାର ସାହୁ ଓ ତ୍ରିଲୋଚନ ବେଉରାଙ୍କ ଚେଷ୍ଟା ସହ ଓଡିଶା ଦୃଷ୍ଟିହୀନ ଫୁଟବଲ ସଂଘର ସହାୟତାରେ ବିଶ୍ୱ ଦୃଷ୍ଟିହୀନ ଫୁଟବଲ ଖେଳ ପାଇଁ ମନୋନୀତ ହୋଇଥିଲେ। ପ୍ରଥମେ ସେ ଝାରଖଣ୍ଡର ଟାଟାନଗର ଜାମସେଦପୁରରେ ଜାତୀୟସ୍ତର ଫୁଟବଲ ଟୁର୍ନାମେଣ୍ଟରେ ପ୍ରଦର୍ଶନ କରି ଶ୍ରେଷ୍ଠ ଗୋଲକିପର ଭାବେ ପୁରସ୍କାର ପାଇଥିଲେ। ପରେ ମହାରାଷ୍ଟ୍ର, ପୁଣେ, ଗ୍ୱାଲିୟର, ମଧ୍ୟପ୍ରଦେଶରେ ଖେଳିଥିଲେ। ଚଳିତ ବର୍ଷ ଗୁଜୁରାଟର ଅହମଦାବାଦରେ ନ୍ୟାଶନାଲ ବ୍ଲାଇଣ୍ଡ ଫୁଟବଲ ଲିଗ ସିଜନରେ ଚାମ୍ପିୟନ ହୋଇଥିଲେ। ସେ ନ୍ୟାଶନାଲ ପୁରୁଷ ବ୍ଲାଇଣ୍ଡ୍ ଫୁଟବଲ ଦଳପାଇଁ ଚୟନ ହୋଇ ଆନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରୁଛନ୍ତି।

## ସୂର୍ଯ୍ୟ ଘର ବିଜୁଳି ସୋଲାର ପ୍ରକଳ୍ପ ଉଦ୍‌ଘାଟିତ

କୋରାପୁଟ,୧୨।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ନାରାୟଣପାଟଣା ସଦର ମହକୁମାରରେ ସୂର୍ଯ୍ୟ ଘର ବିଜୁଳି ଯୋଜନାରେ ନିୟୁ କଲୋନି ୩ୟ ଲାଇନରେ ପ୍ରଶାନ୍ତ ମହାରଣାଙ୍କ ଘରେ ସୂର୍ଯ୍ୟ ଘର ବିଜୁଳି ସୋଲାର ପ୍ରକଳ୍ପକୁ ପୂର୍ବତନ ବିଧାୟକ ତଥା ଲକ୍ଷ୍ମୀପୁର ଭାଜପାର ଦକ୍ଷ ନେତା କୈଳାଶ ଚନ୍ଦ୍ର କୁଲେସିକା ରବିବାର ଉଦ୍‌ଘାଟନ କରିଛନ୍ତି। ଦେଶରେ ଲୋକ ସଂଖ୍ୟା ବଢ଼ିବା ସହ ବିଦ୍ୟୁତ ଉତ୍ପାଦନ ବିଲ ମଧ୍ୟ ବଢ଼ିଥିବାରୁ ସୂର୍ଯ୍ୟ ଘର ବିଜୁଳି ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆରମ୍ଭ କରିଥିଲେ। ଏହି ଯୋଜନାରେ ଲୋକେ ସଳ୍ପ ମୂଲ୍ୟ ବିଲରେ ୨୪/୭ ଯାଏ ବିଦ୍ୟୁତ୍ ପାଇ ପାରିବେ ବୋଲି ସେ କହିଛନ୍ତି। ଏହି ଅବସରରେ ଭାଜପାର ରମେଶ ଚନ୍ଦ୍ର ଦାସ, ଭାଜପା ବ୍ଲକ ସଭାପତି କାଶୀନାଥ ହିକକା, ଅଶୋକ ପଟ୍ଟନାୟକ, ବସନ୍ତ ସୁବୁଦ୍ଧି ଓ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

Government of Odisha No.O-912
Office of the Superintending Engineer, Rural Works Division-II, Dhenkanal Kamakhyanagar
E-Mail : rw.kamakhyanagar@yahoo.co.in
e-procurement Notice No. 12 / Building Work / 2025-26

1 Name of the work : Building Works
2 Total No. of Works : 06 (Six) Nos.
3 Tender Cost : Rs.38.08 Lakhs
4 Class of Contractor : "C" & "B" Class
5 Period of Completion : 6 Calendar months
6 Availability of Tender online for bidding : 14.10.2025 at 11.00 A.M. to 23.10.2025 up to 5.00 P.M.
7 Last Date & Time of seeking tender clarification : 22.10.2025 upto 4.00 P.M.
8 Date & Time of opening of Bid : 24.10.2025 at 11.00 A.M.

Other Details can be seen from the website http://tendersorissa.gov.in.
Sd./- Superintending Engineer
R.W. Division-II, Dhenkanal
Kamakhyanagar
OIPR-25094/11/0035/2526

## ମନ୍ଦିର ଉନ୍ନତୀକରଣ ପାଇଁ ଖର୍ଚ୍ଚ ହୋଇଛି ୧ କୋଟି

ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟିର ସମୀକ୍ଷା ବୈଠକ

ଗୁଣପୁର,୧୨।୧୦(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ରବିବାର ମନ୍ଦିର ଉନ୍ନୟନ କମିଟିର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉନ୍ନୟନ କମିଟିର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ୪ବର୍ଷ ମଧ୍ୟରେ ମନ୍ଦିରର କି ପ୍ରକାରର ଉନ୍ନତି ସବୁ ହାତକୁ ନିଆଯାଇଛି ଓ ଆଗକୁ କଣ ସବୁ କାର୍ଯ୍ୟ କରାଯିବ ସେନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସେହିପରି ଗତ ଦିନରେ ସରକାରଙ୍କ ଅନୁଦାନ ଓ ଭକ୍ତଙ୍କ ଦାନ ଅର୍ଥରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ମନ୍ଦିରର ରଙ୍ଗଦିଆ ଠାରୁ ଆରମ୍ଭ କରି, ଚାରିପାଖରେ ଗ୍ରାନାଇଟ୍ ପଡିବା, ମନ୍ଦିର କାର୍ଯ୍ୟାଳୟ ନିର୍ମାଣ, ସିସି କ୍ୟାମେରା ଲଗାଯିବ, ପୁଜାରୀ ଘର ନିର୍ମାଣ, ପାନୀୟ ଜଳ ବ୍ୟବସ୍ଥା, ଭୋଗଯିବା ରାସ୍ତାର ଛାତ ନିର୍ମାଣ, ଭବ୍ୟ ଗୁଣ୍ଡିଚା ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ଇତ୍ୟାଦି ପାଇଁ ହୋଇଥିବା ଆୟବ୍ୟୟର ହିସାବକୁ କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଉମା ଶଙ୍କର ଦାସ ଓ ଫକିର ନାୟକ ଉପସ୍ଥାପନା କରିଥିଲେ। ଆଗାମୀ ଦିନରେ ସିଂହଦ୍ୱାର, ଅରୁଣ ସ୍ତମ୍ଭ, କାଶୀବିଶ୍ୱନାଥ ମନ୍ଦିର, ବିନାୟକ ମନ୍ଦିର, ବିମଳା ମନ୍ଦିର, ହନୁମାନ ମନ୍ଦିର ସହ ମେଘନାଦ ପାଚେରୀ ଓ ଅନ୍ୟ ୩ ଦ୍ୱାରା ନିର୍ମାଣ କାର୍ଯ୍ୟ କରିବାର ଯୋଜନା ରହିଥିବା କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟ ନାରାୟଣ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଅକ୍ଷୟ ଦାସଙ୍କ ସଂଯୋଜନାରେ ନୂତନ ମନ୍ଦିର ନିର୍ମାଣର ବିନ୍ଧାଣୀ ସାଜିଥିବା ଡ. ରାମ ନାରାୟଣ ମହାନ୍ତି, ଦେବେନ୍ଦ୍ର ଚୌଧୁରୀ, ତ୍ରିନାଥ ପୂଜାରୀ, ବିଧାୟକ ସତ୍ୟଜିତ୍ ଗମାଙ୍ଗ, ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଜଗନ୍ନାଥ ଶବର, ସେବକ ଗାଙ୍ଗାରାଜୁ ଶବର ଓ ଶୃଙ୍ଖଳିତ ସେବକ ଜଗନ୍ନାଥ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଆସନ୍ତା ୩୦ ତାରିଖରୁ ମନ୍ଦିରରେ ୨୪ ପ୍ରହର ନାମଯଜ୍ଞ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଜଗନ୍ନାଥ ସେନାର କାର୍ଯକାରୀ ସଭାପତି ଜିତେନ୍ଦ୍ର ନାୟକ ଏହାର ସମସ୍ତ ସୂଚନା ଦେଇଥିଲେ। ଶେଷରେ ବ୍ରହ୍ମା ଅଶୋକ ରଥସର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ବରିଷ୍ଠ ସଦସ୍ୟ ତିରୁପତି ମହାନ୍ତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ କାଉନସିଲର ଭାଗିରଥି ବିଶ୍ୱୋୟୀ ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଆଇଇଟି ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ବରିଷ୍ଠ ଆଇନଜୀବୀ ଫଣୀ ଭୁଷଣ ପଟ୍ଟନାୟକ, ଗଦାଧର ପଣ୍ଡା, ଉନ୍ନୟନ କମିଟି ସମ୍ପାଦକ ନିରଞ୍ଜନ ପାଢ଼ି, ଆଇନଜୀବୀ ରାଜେନ୍ଦ୍ର ପାଢ଼ି, ଦେବୀ ଆଚାର୍ଯ୍ୟ, ରମେଶ ଲିମା, ଇନ୍ଦ୍ରାକ୍ଷୀ ଦାସ, ମିଲି ପାଢ଼ି, ନିରଞ୍ଜନ ନାୟକ, ସୌରା ନାୟକ, ତିରୁପତି ପଣ୍ଡା, ଲାଡି ନୃସିଂହମୂର୍ତ୍ତି, ଗୌରୀ ପଣ୍ଡା, ପୂଜକ ମନୋଜ ପାଢ଼ି, ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୌଭାଗ୍ୟ ପତିତ, ଗୌରୀ ରଥ, ପ୍ରଶାନ୍ତ ମିଶ୍ର, ଅମ୍ବିକାରାଣୀ ମହାପାତ୍ର, ଡ. ପ୍ରଶାନ୍ତ କୁମାର ହୋତା, ରାମ ପଣ୍ଡା, ସିମାଦ୍ରୀ ମଧୁ, ସୂର୍ଯ୍ୟ ରଥ, ଅଶୋକ ହୋତା, ଶ୍ରୀନିବାସ ରାଓ, ମୁନା ପାଣି, ନାଗଭୂଷଣ, ସିଏଚ ଶ୍ରୀନିବାସ ରାଓ, ଲାଡି ସରେସ ପ୍ରମୁଖ ଉପସ୍ଥିତ ଥିଲେ।


ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

GOVERNMENT OF ODISHA No.O-946
OFFICE OF THE EXECUTIVE ENGINEER
RURAL WORKS DIVISION, MOHANA
E-mail : rwdmohana@gmail.com
NATIONAL COMPETITIVE BIDDING THROUGH e-Procurement
Identification No. Online Tender 09/MOHANA/2025-26

1. Name of the work : Building works, 2. Total No. of work : 13 (Thirteen) Nos., 3. Estimated cost : 2.99 Lakhs to 9.97 lakhs, 4. Class of Contractor : As per annexure, 5. Period of completion : As per annexure, 6. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 09/MOHANA/ 2025-26 | 13 (Thirteen Nos.) | 14.11.2025 from 11.00 | 24.11.2025 upto 5.00 PM | 20.11.2025 upto 5.00 PM | 25.11.2025 at 11.00 AM |

Further details can be seen from the Website www.tenderodisha.gov.in
Sd./- Executive Engineer
R.W. Division, Mohana
OIPR-25148/11/0048/2526

GOVERNMENT OF ODISHA No.O-919
OFFICE OF THE SUPERINTENDING ENGINEER
RURAL WORKS DIVISION, BOLANGIR
E-Mail ID : eerw_blgr@yahoo.co.in
e-Procurement Notice
IFB IDENTIFICATION NO.EEBLGR-Online-10/2025-26

| | | | |
|---|---|---|---|
| 1 | Name of work | : | Road Works |
| 2 | Total No. of works | : | 68 (Sixty Eight) nos |
| 3 | Approximate Estimated Cost | : | Rs.5.04 to 39.50 Lakh |
| 4 | Time for completion | : | 2 (Two) calendar months |
| 5 | Mode of Submission of tender | : | Tender should be submitted online in www.tendersodisha.gov.in |
| 6 | Other details are as follow | : | As per TCN No. **EEBLGR-Online-10/2025-26** |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W. Division, Bolangir | EEBLGR-online-10/2025-26 | 14.10.2025 at 11.00 A.M. | 28.10.2025 upto 5.00 P.M. | 27.10.2025 upto 1.00 P.M. | 29.10.2025 at 11.00 A.M. |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Executive Engineer
R.W. Division, Bolangir
OIPR-25068/11/0035/2526

# ରାଇଘରରେ ରବି ସିଂଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ: ମନ୍ତ୍ରୀ

**ଉମରକୋଟ,୧୨।୧୦ (ସନ୍ତୋଷ ଶତପଥୀ)**



ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ବୋଧନ ଦେଉଛନ୍ତି।

**ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝିଙ୍କ ୧୦୩ତମ ଜୟନ୍ତୀ**

ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ତଥା ଉମରକୋଟର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ସିଂ ମାଝିଙ୍କ ୧୦୩ ତମ ଜୟନ୍ତୀ ରବିବାର ତାଙ୍କ ଜନ୍ମମାଟି ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନୀ ଗ୍ରାମପଞ୍ଚାୟତର ବାଟିବେଡାଠାରେ ପାଳିତ ହେଇଯାଇଛି। ବାଟିବେଡା ସ୍ୱାଧୀନତା ସଂଗ୍ରାମୀ ନ୍ୟାସ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ସମ୍ମାନିତ ଅତିଥି ଭାବରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଓ ପର୍ଶୁରାମ ମାଝି, ରାଜ୍ୟସ୍ତରୀୟ ଶହୀଦ ସ୍ମୃତି ସଂସଦ ସଭାପତି ମୁନା ତ୍ରିପାଠୀ, ଉମରକୋଟ ବ୍ଲକ୍ ଅଧ୍ୟକ୍ଷ ସୁଶୀଳା ମାଝି, ଉମରକୋଟ ପୌର ଅଧ୍ୟକ୍ଷା ରାଧା ଭତ୍ରା, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ନଗରପାଳ ପି. ରାବଣା ରାଓ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଅତିଥି ପ୍ରଥମେ ସ୍ୱର୍ଗତ ରବି ସିଂ ମାଝିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତାଙ୍କ ସମାଧି ପୀଠକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା କାର୍ଯ୍ୟ ଆରମ୍ଭ ପୂର୍ବରୁ ସୀମାଞ୍ଚଳ ମଲ୍ଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ବିଜେଡି ନେତା ଦେବୀସିଂ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗଣ୍ଡ କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ରବି ସିଂ ମାଝିଙ୍କ ବିଷୟରେ ଆଜିର ଯୁବପିଢ଼ି ଜାଣିବା ଆବଶ୍ୟକ। ତେଣୁ ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଖୁବଶୀଘ୍ର ରାଇଘରଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ଏବଂ ପାଠ୍ୟ ପୁସ୍ତକରେ ମଧ ରବି ସିଂ ମାଝିଙ୍କ ଜୀବନୀ ସମ୍ପର୍କରେ ସ୍ଥାନ ପାଇବ। ଏଥିସହ ଏହି ଅଞ୍ଚଳର କିଛି ଅନୁଷ୍ଠାନର ନାଁ ଯଦି ସ୍ୱର୍ଗତ ରବି ସିଂ ମାଝିଙ୍କ ନାଁରେ ନାମିତ କରିବା ପାଇଁ ପ୍ରସ୍ତାବ ଆସେ, ତେବେ ମୁଁ ସରକାରୀ ସ୍ତରରେ ସମସ୍ତ ସାହାଯ୍ୟ କରିବି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି । ଖୁବଶୀଘ୍ର ରବି ସିଂ ମାଝିଙ୍କ ପରିବାର, ସମ୍ପର୍କୀୟଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ବାସଗୃହ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଥିବା କିଛି ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ଏହି ସଭାରେ ରବି ସିଂ ମାଝିଙ୍କ ସମ୍ପର୍କୀୟ ସନ୍ତୋଷ କୁମାର ମାଝି, ନିରଞ୍ଜନ ମାଝି, କ୍ଷୀରୋଦ ମାଝି ଓ ଝିଅ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ନ୍ୟାସର ସଭାପତି ଗୁରୁ ସାଏ ନାୟକ, ଉପ ସଭାପତି ଲମ୍ବୋଧର ପାଣ୍ଡେ, ସମ୍ପାଦକ କୃଷ୍ଣ ଭତରା, କୋଷାଧ୍ୟକ୍ଷ ନରସିଂହ ପାଣ୍ଡେ ଓ ଶିବ ଚରଣ ପନକା ପ୍ରମୁଖ ଉପସ୍ଥିତ ଥିଲେ।

# କରୱାଚୌଥ ବ୍ରତ ପାଳିଲେ ମହିଳା


ଜୈନ ସମ୍ପ୍ରଦାୟର ମହିଳା କରୱାଚୌଥ ବ୍ରତ ପାଳନ କରୁଛନ୍ତି।

**ଚନ୍ଦାହାଣ୍ଡି, ୧୨।୧୦(ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମହକୁମାଠାରେ ବସବାସ କରୁଥିବା ଜୈନ ସମ୍ପ୍ରଦାୟର ମହିଳାମାନେ ସ୍ୱାମୀଙ୍କ ଦିର୍ଘାୟୁ ଜୀବନ କାମନା କରି ଶନିବାର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କରୱା ଚୌଥ ବ୍ରତ ପାଳନ କରିଥିଲେ । ବିବାହିତା ମହିଳାମାନେ ସାରା ଦିନ ନିର୍ଜଳ ଉପବାସ ରହିବା ପରେ ସନ୍ଧ୍ୟାରେ ଚନ୍ଦ୍ରକୁ ଦର୍ଶନ କରି ପୂଜା କରିବା ସହ ବ୍ରତ ସମାପନ କରିଥିଲେ । ଏହି ଅବସରରେ ଏଠାରେ ବସବାସ କରୁଥିବା ଜୈନ ସମ୍ପ୍ରଦାୟର ସମସ୍ତଙ୍କ ଘରେ ପିଠାପଣାର ଆସର ଜମିବା ସହ ନିଜ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇ ପରସ୍ପରକୁ କରୱା ଚୌଥ ବ୍ରତର ଅଭିନନ୍ଦନ ଜଣାଇଥିଲେ। ଏଥିସହ ଆଜିଠାରୁ ପ୍ରତି ଘରେ ଆସନ୍ତା ଦୀପାବଳି ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ବ୍ରତ ପାଳନରେ ସରୋଜ ଜୈନ, ଅନିତା ଜୈନ, ସୁମନ ଜୈନ, ଲକ୍ଷ୍ମୀ ଜୈନ, ସବିତା ଜୈନ, ବର୍ଷି ଜୈନ, ମୀରା ଜୈନ, ଅର୍ଚ୍ଚା ଜୈନ, ଡପିଲି ବାଇ ଜୈନଙ୍କ ସମେତ ବହୁ ସଂଖ୍ୟାରେ ମହିଳାମାନେ ସାମିଲ ହୋଇଥିଲେ।

# ବିଦ୍ୟୁତ୍ ଆଘାତରେ ନାବାଳକଙ୍କ ମୃତ୍ୟୁ

**ନବରଙ୍ଗପୁର,୧୨।୧୦(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଙ୍ଗଖଲିଆ ପଞ୍ଚାୟତ ଅନ୍ତର୍ଗତ ପାଉଝୁରି ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଙ୍ଗୁ ଜାନିଙ୍କ ପୁଅ ଅଭିରାମ ଜାନି (୧୨)। ରବିବାର ଅଭିରାମ ଗ୍ରାମ ନିକଟରେ ଗାଈ ଚରାଇବାକୁ ଯାଇଥିଲେ। ତେବେ ନଦୀରୁ ମକା ଜମିରେ ଜଳସେଚନ ନିମନ୍ତେ ଲଗାଯାଇଥିବା ବିଦ୍ୟୁତ ମଟର ତାର ମୁକୁଳା ଭାବେ ତଳେ ପଡିରହିଥିଲା। ଅଜାଣତରେ ଅଭିରାମଙ୍କ ପାଦ ବିଦ୍ୟୁତ ତାର ଉପରେ ପଡି ଯିବାରୁ ବିଦ୍ୟୁତ ଆଘାତରେ ଘଟଣାସ୍ଥଳରେ ନାବାଳକଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତ ନାବାଳକାଙ୍କ ଦାଦା ବୁଟୁ ଜାନି ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ବେଆଇନ ଭାବେ ବିଦ୍ୟୁତ ତାର କିପରି ଜମି ନିକଟକୁ ଲଗାଯାଇଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏ ନେଇ ବିଦ୍ୟୁତ ବିଭାଗ ତରଫରୁ ମଧ ପାଲଟା ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି।

# ଡାକ୍ତରଙ୍କ କ୍ୱାର୍ଟର୍ସରେ ବିଷଧର ସାପ

**ନବରଙ୍ଗପୁର,୧୨।୧୦(ସଦାଶିବ ପ୍ରହରାଜ)**

**ମେଡିକାଲ ବେଡ୍‌ରେ ଶୋଇଲେ ୯ ଡାକ୍ତର**

ଡାକ୍ତରଙ୍କ କ୍ୱାର୍ଟର୍ସ ଭିତରେ ବିଷଧର କଳାଟି ସାପ ରହିଛି । ସାପକୁ ଦେଖି ଭୟଭୀତ ହୋଇ କ୍ୱାର୍ଟର୍ସରେ ରହୁଥିବା ୯ ଜଣ ଡାକ୍ତର ରବିବାର ରାତିରେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ବେଡ଼ରେ ଶୋଇଥିବା ଦେଖିବାକୁ ମିଳିଛି। ଚାନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୱାର୍ଟର୍ସ ଅଭାବ ଯୋଗୁ ଦୁଇଟି କ୍ୱାର୍ଟର୍ସରେ ୯ ଜଣ ଡାକ୍ତର ରହୁଛନ୍ତି । ଡ୍ୟୁଟି ପରେ ଖାଇସାରି ରାତିରେ କ୍ୱାର୍ଟର୍ସ ଭିତରକୁ ପଶିବା ପରେ ଗୋଖର ବିଷଧର କଳାଟି ସାପ ଦେଖି ବାହାରକୁ ପଳାଇ ଆସିଥିଲେ। ରାତିରେ ସାପ ଧରାଳିଙ୍କୁ ଡ଼ାକିବାରୁ କେହି ନ ଆସିବାରୁ ବାଧ ହୋଇ ମେଡିକାଲ ବେଡ୍‌ରେ ଶୋଇବୁ ବୋଲି ମେଡିକାଲ ଅଫିସର ମୋନିଶ ପୁରୋହିତ କହିଛନ୍ତି ।

# ଜିଲାକୁ ପୋଲିଓମୁକ୍ତ କରିବା ଲକ୍ଷ୍ୟ

- ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ଜିଲାପାଳ
- ୭୫,୨୫୦ ଶିଶୁଙ୍କ ହେବ ଟିକାକରଣ

**ମାଲକାନଗିରି,୧୨।୧୦ (ଦୁର୍ଯ୍ୟୋଧନ ପାତ୍ର)**


ଜିଲାପାଳ ସମେଶ କୁମାର ଉପାଧ୍ୟାୟ ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଉଛନ୍ତି।

ମାଲକାନଗିରି ସଦର ମହକୁମା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳ ସମେଶ କୁମାର ଉପାଧ୍ୟାୟ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ କରିଛନ୍ତି। ଜିଲାପାଳ ଉପାଧ୍ୟାୟ ୫ ବର୍ଷରୁ କମ୍ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ। ଏହି ଅବସରରେ ଜିଲାକୁ ସମ୍ପୂର୍ଣ୍ଣ ରୂପେ ପୋଲିଓମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ସେ କହିଛନ୍ତି। ନିରନ୍ତର ସୁରକ୍ଷା ସୁନିଶ୍ଚିତ କରିବା, ଏନ୍‌ଆଇଡି ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଏବଂ ନଜର ରଖିବା ନେଇ ଜିଲାରେ ପୋଲିଓ ଉପଜାତୀୟ ଟିକାକରଣ ଦିବସ ଆୟୋଜନ କରାଯାଇଛି। ଆଗାମୀ ୧୩ ଓ ୧୪ ତାରିଖରେ ଘର ଘର ବୁଲି ଶିଶୁଙ୍କୁ ପୋଲିଓ ଟୀକା ଦିଆଯିବା ସମୟରେ ମୋଟ ୦ରୁ ୫ ବର୍ଷ ବୟସର ୭୫ ହଜାର ୨୫୦ ଶିଶୁଙ୍କ ଟୀକାକରଣ କରିବା ଲକ୍ଷ୍ୟ ରଖାଯାଇଛି। ଜିଲାରେ ମୋଟ ୭୫୨ ଟିକାକରଣ ବୁଥ୍ ଯୋଜନା କରାଯାଇଛି। ୬୧ ଟିକାକରଣ କେନ୍ଦ୍ରରେ ୧୫୦୪ ଟିକାଦାତା ପୋଲିଓ ଟୀକା ଦେବାକୁ ନିୟୋଜିତ ହେବେ। ସମଗ୍ର ଜିଲାରେ କାର୍ଯ୍ୟକ୍ରମ ତଦାରଖ କରିବାକୁ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ଉପଜାତୀୟ ଟିକାକରଣ ସମୟରେ ଓ ପରେ କୌଣସି ପ୍ରତିକୂଳ ଘଟଣା ପାଇଁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସଜାଗ ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଟେଣ୍ଡେଣ୍ଟ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମଙ୍କ ସମେତ ଚିକିତ୍ସାଳୟର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଡଙ୍ଗାଘାଟକୁ ରାସ୍ତା ନାହିଁ, ପୁଣି ବୁହା ହେଲେ ରୋଗୀ

**ସମସ୍ୟା ଘେରରେ ଜଳବନ୍ଦୀବାସୀ**

**ତେନ୍ତୁଳିଖୁଣ୍ଟି,୧୨।୧୦ (ଚିଦାନନ୍ଦ ସାହୁ)**


ଜଣେ ବୃଦ୍ଧାଙ୍କୁ ପାଣିରେ ବୋହିକି ବୋଟ୍ ଆମ୍ବୁଲାନ୍ସକୁ ନିଆଯାଉଛି।

ନବରଙ୍ଗପୁର ଜିଲା ଦେଇ ପ୍ରବାହିତ ନଦୀକୁ ବାନ୍ଧି ଇନ୍ଦ୍ରାବତୀ ଡ୍ୟାମ ନିର୍ମାଣ ପରେ କିଛି ଗ୍ରାମର ଲୋକ ବିସ୍ଥାପିତ ହେଲେ ଏବଂ ଅନ୍ୟ କିଛି ଗ୍ରାମବାସୀ ଜଳବନ୍ଦୀ ଜୀବନ ଅତିବାହିତ କରୁଛନ୍ତି। ଡ୍ୟାମ୍ ନିକଟରେ ପଡ଼ୋଶୀ କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଏନ୍ ପୋଡ଼ାପଦର ପଞ୍ଚାୟତରେ ୧୬ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ବିସ୍ଥାପିତ ହୋଇ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ଇତିମଧ୍ୟରେ ଉକ୍ତ ଗ୍ରାମ ସମୂହକୁ ମିଶାଇ ଏନ୍ ପୋଡାପଦରକୁ ନୂତନ ପଞ୍ଚାୟତର ମାନ୍ୟତା ମିଳି ଗଲାଣି, ହେଲେ ଉକ୍ତ ଗ୍ରାମଗୁଡ଼ିକରୁ ଡଙ୍ଗାଘାଟ ଯାଏ ରାସ୍ତା ନ ଥିବାରୁ ଯାନବାହନ ଚଳାଚଳ କରିପାରୁନାହିଁ। ଫଳରେ ଆମ୍ବୁଲାନ୍ସ ବୋଟ ପର୍ଯ୍ୟନ୍ତ ଗର୍ଭବତୀ ଓ ରୋଗୀଙ୍କୁ ବୋହି ଆଣିବାକୁ ପଡୁଛି। ଥୁଆମୂଳ ରାମପୁର ବ୍ଲକ ଏନ୍ ପୋଡ଼ାପଦର ଗ୍ରାମପଞ୍ଚାୟତ ଭିତରଡୁଙ୍ଗା ଗ୍ରାମରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଗ୍ରାମର ଜଣେ ବୃଦ୍ଧା କଳାବତୀ ଲହରାଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ଗ୍ରାମର ଜଣେ ଯୁବକ ବୋହିକି ନଦୀକୂଳରେ ଥିବା ବୋଟ୍ ଆମ୍ବୁଲାନ୍ସକୁ ଆଣିଥିଲେ। ସେଠାରୁ ତାଙ୍କୁ ନଦୀ ପାର କରାଯାଇ ମେଡିକାଲକୁ ନିଆଯାଇଛି। ତେବେ ୧୦୮ ବୋଟ ଆମ୍ବୁଲାନ୍ସ ରହିବା ସ୍ଥାନରେ ପାହାଚ ନ ଥିବାରୁ ଲୋକେ ଆହୁରି ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି ।

ଭିତରଡୁଙ୍ଗାଠାରୁ ନଦୀଘାଟ ପର୍ଯ୍ୟନ୍ତ ଯାତାୟାତରେ ଅସୁବିଧା ହେଉଥିବାରୁ ଓ ଘୁଟୁ ଖାଲଠାରେ ବ୍ରିଜ ନିର୍ମାଣ ନେଇ ସ୍ଥାନୀୟ ସରପଞ୍ଚ ରାଇ ସିଂ ମାଝୀ ରାଜଧାନୀରୁ ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କିଛି ସୁଫଳ ମିଳିନି। ବ୍ରିଜ ନିର୍ମାଣ ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସମସ୍ତ ସର୍ଭେ କରି ସାରିଥିବାବେଳେ ୩ ବର୍ଷ ହେଲାଣି ଉକ୍ତ ପ୍ରସ୍ତାବିତ ଟେଣ୍ଡର ପ୍ରକ୍ରିୟାରେ ରହିଯାଇଛି। ବ୍ରିଜ ଓ ସଂଯୋଗକାରୀ ରାସ୍ତା ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ କିନ୍ତୁ ଉକ୍ତ ପ୍ରସ୍ତାବ ଶୀତଳଭଣ୍ଡାରରେ ରହିଯାଇଥିବା ଅଭିଯୋଗ ହୋଇଛି। ଜଳବନ୍ଦୀ ଅଞ୍ଚଳବାସୀଙ୍କ ଅସୁବିଧା ଦୂର ପାଇଁ ଅନେକ ପ୍ରସ୍ତାବ କେବଳ କାଗଜକଲମରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରାଇସିଂ ମାଝୀ କହିଛନ୍ତି, ଖୁବଶୀଘ୍ର ଏହି ଅଞ୍ଚଳର ସମସ୍ୟା ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

# ଇଞ୍ଜିନିୟରିଂ ୱାର୍କଚାର୍ଜଡ କର୍ମଚାରୀ ଫୋରମର ଖବରଦାତା ସମ୍ମିଳନୀ

**କୋରାପୁଟ,୧୨।୧୦(ଅମିତାଭ ବେହେରା)**

କୋରାପୁଟସ୍ଥିତ ଦକ୍ଷତା ବିକାଶ ତାଲିମ ସଭାଗୃହରେ ରାଜ୍ୟ ଇଞ୍ଜିନିୟରିଂ ୱାର୍କଚାର୍ଜଡ ନିୟମିତ ସେବା ନିବୃତ କର୍ମଚାରୀ ଫୋରମ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଅବିଭକ୍ତ କୋରାପୁଟ ଜିଲା ଇଞ୍ଜିନିୟରି ୱାର୍କଚାର୍ଜଡ ନିୟମିତ ସେବା ନିବୃତ୍ତ କର୍ମଚାରୀ ଯୋଗଦେଇଥିଲେ। ପେନ୍‌ସନ ନିୟମ ୧୯୯୨ ଭୁକ୍ତ କରି ଅବସରକାଳୀନ ପେନସନ ସହ ଗ୍ରାଚ୍ୟୁଇଟି ଅଧିନିୟମ ୧୯୭୨ ପ୍ରଦାନ କରିବା ଦାବି ହୋଇଛି। ୩୦ରୁ ୪୦ ବର୍ଷ ନିରବଚ୍ଛିନ୍ନ ଚାକିରୀ କରିଥିବା ଇଞ୍ଜିନିୟରିଂ ବିଭାଗର ବ୍ରଟ ଓଭର ୱାର୍କଚାର୍ଜଡ ରେଗୁଲାର କର୍ମଚାରୀ ଅବସର ପରେ କୌଣସି ସାମାଜିକ ନିରାପତ୍ତା ବା ସାମାଜିକ ସୁରକ୍ଷା ପାଉ ନ ଥିବା କହିଛନ୍ତି। ଫଳରେ ସେମାନେ ଅଭାବରେ ଜୀବନ ଅତିବାହିତ କରୁଛନ୍ତି। ସରକାର ପରିବର୍ତ୍ତନ ହେଉଛି କିନ୍ତୁ କର୍ମଚାରୀ ଫୋରମଙ୍କ ସମସ୍ୟା ସାମଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଦାବିଗୁଡ଼ିକ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରି ଅବସରକାଳୀନ ପେନସନ ସହ ଗ୍ରାଚ୍ୟୁଇଟି ପ୍ରଦାନ କରିବାକୁ ଦାବି ହୋଇଛି। କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ସଂଘ ସଭାପତି ରଣଜିତ ମହାନ୍ତି, ନଗର ଉନ୍ନୟନ ବିଭାଗ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ମହାନ୍ତି,ସମ୍ପାଦକ ଅଶୋକ କୁମାର ମୁଦୁଲି, ଗ୍ରାମ୍ୟ ନିର୍ମାଣ କର୍ମଚାରୀ ସଂଘ ସଭାପତି କୃଷ୍ଣଚନ୍ଦ୍ର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଜଳସମ୍ପଦ ବିଭାଗ କର୍ମଚାରୀ ସଂଘ ସଭାପତି ପ୍ରସନ୍ନ କୁମାର ପ୍ରଧାନ, ସମ୍ପାଦକ ଅଜିତ କୁମାର ଦାସ, ପଞ୍ଚାୟତରାଜ ଜିଲା ସଭାପତି କ୍ଷିତୀଶ ମିତ୍ର, ସମ୍ପାଦକ ଆଶିଷ ନନ୍ଦ, ପୂର୍ତ୍ତ ବିଭାଗ ସଙ୍ଗଠନ ସଦସ୍ୟ କପିଳେଶ୍ୱର ବାରିକ, କଲ୍ୟାଣ ମହାରଣା,ସୁକାନ୍ତ ମହାରଣା ଓ ପ୍ରଦୀପ କୁମାର ନିଶା ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇଡି ବୋମା ବିସ୍ଫୋରଣରେ ଯବାନ ଆହତ

**ମାଲକାନଗିରି,୧୨।୧୦(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଆଇଡି ବୋମା ବିସ୍ଫୋରଣ ହୋଇ ଜଣେ ଯବାନ ଆହତ ହୋଇଛନ୍ତି। ସେ ହେଲେ କୋବ୍ରା ବାହିନୀ ୨୦୬ ବାଟାଲିୟନର ହେଡ୍ କନଷ୍ଟେବଲ ଦୀପକ ଦୁଲେ। ସୂଚନାନୁଯାୟୀ, ବିଜାପୁର ଜିଲା ତାଡପାଲ୍ଲୀ ଅଞ୍ଚଳରେ କୋବ୍ରା ବାହିନୀ କୋମ୍ବିଂ ଅପରେଶନ କରୁଥିବା ବେଳେ ପୂର୍ବରୁ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଡି ବୋମା ସଂସ୍ପର୍ଶରେ ଆସିଥିଲେ। ଫଳରେ ଆଇଡି ବୋମା ବିସ୍ଫୋରଣ ହେବାରୁ ଜଣେ ଯବାନ ଗୁରୁତର ହୋଇଥିଲେ। ସାଥୀ ଯବାନମାନେ ତାଙ୍କୁ ବିଜାପୁର ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ତାଡପାଲୀ ଅଞ୍ଚଳରେ ଯବାନ ମାନେ କୋମ୍ବିଂ ଅପରେଶନକୁ ଜୋରଦାର କରିଥିବା ସୂଚନା ରହିଛି। ଯବାନମାନଙ୍କୁ ଟାର୍ଗେଟ କରି ଏହି ଆଇଡି ବୋମା ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# କାର୍ତ୍ତିକ ମାସରେ ପରିବା ଦର ଆକାଶଛୁଆଁ

**କୋରୁକୋଣ୍ଡା,୧୨।୧୦(ଶିବଦତ୍ତ ସାହୁ)**

**ଉଚିତ୍ ମୂଲ୍ୟ ନ ମିଳିବାରୁ ବାହାର ରାଜ୍ୟକୁ ପନିପରିବା ପଠାଇବାକୁ ବାଧ ହେଉଛନ୍ତି ଚାଷୀ**

କାର୍ତ୍ତିକ ମାସ ଆରମ୍ଭ ହୋଇଥିବା ବେଳେ ହବିଷିଆଳିଙ୍କ ହବିଷ ବ୍ରତ ଆରମ୍ଭ ହୋଇଛି। ଏଭଳି କ୍ଷେତ୍ରରେ ମାଲକାନଗିରି ଜିଲା ବାଲିମେଳା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ପରିବା ଦର ଆକାଶ ଛୁଆଁ ହୋଇଛି। ପରିବା ଦର ଶହେ ପାର ହୋଇଥିବାରୁ ଖାଉଟି ହଇରାଣ ହେଉଥିବା କହିଛନ୍ତି। ବଜାରରେ ଆଳୁ ଓ ପିଆଜ କିଲୋ ପିଛା ୨୦ ଟଙ୍କା ଥିବା ବେଳେ ଭେଣ୍ଡି ୫୦, ପୋଟଳ ୫୦, ବିଲାତି ବାଇଗଣ ୪୦ରୁ ୫୦, ଝୁଡଙ୍ଗ ୫୦, କୁନ୍ଦୁରି ୪୦, ବିନ୍ ୮୦ ଟଙ୍କାରେ ବିକ୍ରି ହେଉଛି। ବନ୍ଧାକୋବି ୫୦, ଜହ୍ନି ୬୦ ଓ ଫୁଲକୋବି କିଲୋ ପ୍ରତି ଦର ୧୦୦ଟଙ୍କା ଥିବା ସୂଚନା ରହିଛି। ଶାଗ ବିଡା ୧୦ ରୁ ୨୦ ଟଙ୍କା, ସଜନାଛୁଇଁ କିଲୋ ପିଛା ୧୬୦ ଟଙ୍କା, କାଙ୍କଡ଼ ୮୦, ଦେଶୀ କାଙ୍କଡ଼ କିଲୋ ପିଛା ୧୬୦ ଟଙ୍କା ରହିଛି। ହବିଷ ମାସ ଥିବା ବେଳେ ଦର ବଢ଼ିବାରୁ ପନିପରିବା କିଣିବାକୁ ଡର ଲାଗୁଥିବା କେତେକ ଖାଉଟି କହିଛନ୍ତି। ଆଖପାଖ ଅଞ୍ଚଳରେ ପନିପରିବା ଚାଷ କରୁଥିବା ଚାଷୀମାନଙ୍କଠାରୁ ସ୍ଥାନୀୟ ବ୍ୟବସାୟୀମାନେ କମ୍ ଦରରେ କିଣୁଛନ୍ତି। ଏହାକୁ ସେମାନେ ବଜାରରେ ଚଢା ଦରରେ ବିକ୍ରି କରୁଛନ୍ତି। ଗରିବ ଓ ମଧ୍ୟବିତ ପରିବାର ପାଇଁ ଏହା ଅସହ୍ୟ ହୋଇପଡୁଛି। ବହୁ କଷ୍ଟ କରି ଜମିରେ ଫସଲ କରି ସ୍ଥାନୀୟ ବ୍ୟବସାୟୀଙ୍କୁ ପରିବା ବିକ୍ରି କରୁଥିବା ବେଳେ ଉଚିତ୍ ମୂଲ୍ୟ ପାଉ ନ ଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ଅଞ୍ଚଳର ବହୁ ଚାଷୀ ସେମାନଙ୍କର ଜମିରୁ ଉତ୍ପାଦିତ ହୋଇଥିବା ପନିପରିବାକୁ ପଡୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ ପଠାଇବାକୁ ବାଧ ହେଉଛନ୍ତି। ବର୍ତ୍ତମାନ ବଜାରରେ କଞ୍ଚାଲଙ୍କା କିଲୋ ପିଛା ୧୨୦, ଅଦା କିଲୋ ୧୨୦ ଟଙ୍କା ଓ ରସୁଣ ୧୨୦ ଟଙ୍କା ଛୁଇଁଥିବା ଖାଉଟିମାନେ କହିଛନ୍ତି। କାର୍ତ୍ତିକ ମାସରେ ପନିପରିବା ଦର ବଢ଼ିଥିବାରୁ ଦିନ ମଜୁରିଆ ଓ ଗରିବ ଶ୍ରେଣୀର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଡାଲି ଓ ଆଳୁରେ ପରିବାର ଚଳୁଥିବା ଅନେକ ଖାଉଟି କହିଛନ୍ତି। ପନିପରିବା ଦର ନିୟନ୍ତ୍ରଣ କରିବାକୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ଖାଉଟି ବ୍ୟବସାୟୀଙ୍କ ଶୋଷଣର ଶିକାର ହେଉଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଦୈନିକ ବଜାରରେ ବିକ୍ରି ହେଉଥିବା ପନିପରିବା।

# ପଲିଥିନ କୁଡ଼ିଆରେ ୪୦୦ରୁ ଊର୍ଦ୍ଧ୍ୱ ପରିବାର

**ନବରଙ୍ଗପୁର, ୧୨।୧୦(ସଦାଶିବ ପ୍ରହରାଜ)**

ବିଜେଡି ସରକାର ଶାସନ ସମୟରେ ସହରାଞ୍ଚଳ ବସ୍ତି ବାସିନ୍ଦା ଭୂମିହୀନ ପରିବାରଙ୍କୁ ସରକାରୀ ଜମି ସହ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବା ପାଇଁ ଆରମ୍ଭ ହୋଇଥିଲା ଜନହିତକର ଯୋଜନା ଜାଗା ମିଶନ । ତେବେ ଗତ ସାଧାରଣ ନିର୍ବାଚନରେ ଭାଜପା ଶାସନ ଗାଦି ହାତେଇବା ପରେ ବିଜେଡି ସରକାରଙ୍କ ସମସ୍ତ ଯୋଜନାରେ ଡୋରି ବନ୍ଧାଯାଇ ବର୍ତ୍ତମାନ ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରାଯାଉଛି । ତେବେ ଗତ ସରକାର ସମୟରେ ଜାଗା ମିଶନରେ ଜମି ଓ ଆବାସ ପାଇବାକୁ ଥିବା ଯୋଗ୍ୟ ହିତାଧିକାରୀଙ୍କ ଭାଗ୍ୟ ମଉଳି ଗଲାଣି । ଜାଗା ମିଶନ ଏବେ ହଜିଯାଇ ଥିବାବେଳେ ପକ୍କା ଘର ଆଶାରେ ରହିଥିବା ବସ୍ତିବାସିନ୍ଦାଙ୍କ ସ୍ୱପ୍ନ ଉଜୁଡ଼ି ଯାଇଛି । ନବରଙ୍ଗପୁର ପୌରାଞ୍ଚଳରୁ ଜାଗା ମିଶନର ଏମିତି ବିକଳ ଚିତ୍ର ସାମ୍ନାକୁ ଆସିଛି। ଗତ ସରକାର ଅମଳରେ ଜମି ସହ ଆବାସ ପାଇବାକୁ ଯୋଗ୍ୟ ପ୍ରାୟ ୪ ଶହରୁ ଅଧିକ ପରିବାର ପଲିଥିନ କୁଡ଼ିଆରେ ଅଭିଶପ୍ତ ଜୀବନ ବିତାଉଛନ୍ତି। ଖରା, ବର୍ଷା ଓ ଶୀତ କାକରରେ ହନ୍ତସନ୍ତ ହେଉଥିବାବେଳେ ବହୁ ପରିବାରର ଭଙ୍ଗା ଚାଳିଆ ଲଗାଣ ବର୍ଷାରେ ମାଟିରେ ମିଶି ଯାଇଛି।

ନବରଙ୍ଗପୁର ପୌରାଞ୍ଚଳରେ ମୋଟ ୧୫୪୫ ପରିବାର ଜାଗା ମିଶନରେ ଜମି ଓ ଆବାସ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲେ । ତେବେ ଏଥିମଧ୍ୟରୁ ୧୧୪୬ ପରିବାରକୁ ଜମି ସ୍ୱତ୍ୱ ପ୍ରଦାନ କରାଯାଇଥିବା ବେଳେ ୩୯୯ ପରିବାର ବାଦ୍ ପଡିଛନ୍ତି। ବିଭିନ୍ନ ଆଳ ଦେଖାଇ ପୌର କର୍ତ୍ତୃପକ୍ଷ ନିରାଶ କରିବା ପରେ ଏହିସବୁ ପରିବାର ବାସ୍ତବରେ ଯୋଗ୍ୟ ନା ନାହିଁ ଦ୍ୱିତୀୟ ବାର ସର୍ଭେ କରାଯାଇ ସେମାନଙ୍କୁ ଜମି ଓ ଆବାସ ଦେବା ପାଇଁ ବ୍ୟବସ୍ଥା ହୋଇଥିଲା । ତେବେ ପୁନର୍ବାର ସର୍ଭେରେ ଏମିତି ପରିବାର ସଂଖ୍ୟା ୪ ଶହ ଟପିଥିବାବେଳେ ଯୋଜନା ବନ୍ଦ ହୋଇଯିବାରୁ ଜାଗା ଯୋଗାଇବା ସମ୍ଭବ ହେଉନାହିଁ ବୋଲି ପୌର କର୍ମଚାରୀ ସଫେଇ ଦେବାସହ ଆଗକୁ ଦିଆଯିବ ବୋଲି ଆଶ୍ୱାସନା ଦେଉଛନ୍ତି । ସେହିଭଳି ୱାର୍ଡ ନଂ ୭ ଦଶହରାପଦା ସାହିର ୨୭ ଓ ୮ର ୧୫ ପରିବାର ଜରିପାଲ କୁଡ଼ିଆରେ ଦୁର୍ବିଷହ ଜୀବନ ବିତାଉଥିବା ବେଳେ ଲଗାଣ ବର୍ଷାରେ ଅନେକ ବେଘର ହୋଇଥିବା ସାମନାକୁ ଆସିଛି । ୱାର୍ଡ ୭ ବାସିନ୍ଦା ଏ ସମ୍ପର୍କରେ ଗତ ୩ ବର୍ଷ ତଳେ ପୌର କର୍ତ୍ତୃପକ୍ଷଙ୍କୁ ଆବେଦନ କରିବାପରେ ପୌର ନିର୍ବାହୀ ଅଧିକାରୀ ପତ୍ର ସଂଖ୍ୟା ୨୯୦୭ ତା ୩୦. ୧୧. ୨୦୨୨ ରେ ଜାଗା ମିଶନ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିବାପରେ ପୁନର୍ବାର ସର୍ଭେ ନିର୍ଦ୍ଦେଶ ମିଳିଥିଲା । ତେବେ ପୁନର୍ବାର ସର୍ଭେ ପରେ ସମସ୍ତ ହିତାଧିକାରୀ ଯୋଗ୍ୟ ରହିଥିଲେ ମଧ ପୌରପାଳିକା କୌଣସି ପଦକ୍ଷେପ ନେଇନାହିଁ ବୋଲି ଦଶହରାପଦା ବସ୍ତି ବାସିନ୍ଦା ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦୟନୀୟ ସ୍ଥିତିରେ ଅଭିଶପ୍ତ ଜୀବନ ବିତାଉଥିବା ୪ ଶହରୁ ଅଧିକ ପରିବାରର ଭବିଷ୍ୟତ ଅନ୍ଧାରରେ ରହିଥିବା ବେଳେ କେବେ ସରକାରୀ ସହାୟତା ମିଳିବ ସେ ନେଇ ପ୍ରଶ୍ନ ଉଠିଛି। ଗୋଟିଏ ପଟେ ପୌରପାଳିକା ଅବହେଳାରୁ ହିତାଧିକାରୀ ଯୋଜନାରୁ ବାଦ୍ ପଡ଼ିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ସର୍ଭେ ଚାଲିଛି ଓ ବସ୍ତି ବାସିନ୍ଦାଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ବର୍ତ୍ତମାନ ସରକାରଙ୍କ ସହଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ୱାର୍ଡରେ ସର୍ଭେ ଚାଲିଛି । ଜମି ଓ ଆବାସ ସମେତ ମୋଟ ୧୪ ପ୍ରକାର ଆବଶ୍ୟକ ସୁବିଧା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହିତାଧିକାରୀଙ୍କୁ ଉପଲବ୍ଧ କରାଯିବା ପ୍ରସ୍ତାବ ରହିଛି । ସର୍ଭେରେ ୧୩ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି ଓ ସର୍ଭେ ସରିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରାଯିବ ବୋଲି ନିର୍ବାହୀ ଅଧିକାରୀ ଡ. କର୍ଣ୍ଣ କହିଛନ୍ତି। ତେବେ ଜାଗା ମିଶନ କାର୍ଯ୍ୟକାରୀ ହେଉଥିବା ସମୟରେ ସମସ୍ତ ହିତାଧିକାରୀଙ୍କୁ ଯୋଜନାର ସୁଫଳ ପ୍ରଦାନ ବଦଳରେ ଅଧା ହିତାଧିକାରୀଙ୍କୁ ବାଦ୍ ଦେଇ ଏବେ ନୂଆ ଆଶା ଦେଖାଉଛି ପ୍ରଶାସନ । ତେବେ ବାସ୍ତବରେ କେବେ ଏହା ଫଳପ୍ରଦ ହେବ ଓ ପଲିଥିନ ତଳେ ଜୀବନ ବିତାଉଥିବା ପରିବାରଙ୍କୁ ସୁଫଳ ମିଳିବ ତାକୁ ଅପେକ୍ଷା ରହିଛି ।


ଭଙ୍ଗା କୁଡିଆ ସାମ୍ନାରେ ଜଣେ ମହିଳା ।

**ହଜିଗଲା ଜାଗା ମିଶନ**

# ଶିକ୍ଷକତାକୁ ବୃତ୍ତି ନୁହେଁ ବ୍ରତ ଭାବି କାର୍ଯ୍ୟ କରିବାକୁ ଆହ୍ୱାନ

କୋରାପୁଟ,୧୨।୧୦(ଅମିତାଭ ବେହେରା)



କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ବିଧାୟକ ରଘୁରାମ ମାଛ ଓ ଶିକ୍ଷକ ସଂଘର ସଦସ୍ୟମାନେ।

କୋରାପୁଟ ଦକ୍ଷତା ବିକାଶ କେନ୍ଦ୍ରରେ ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନର ଶପଥ ପାଠ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫେଡେରେଶନର ମହାସଚିବ ଚାରୁଲତା ମହାପାତ୍ର, ରାଜ୍ୟ ଫେଡେରେଶନର ନବ ନିଯୁକ୍ତ ଆଞ୍ଚଳିକ ସମ୍ପାଦକ ତ୍ରିନାଥ ହରିଜନ ଓ ରାଜ୍ୟ କୋର କମିଟି ସଭ୍ୟ ଚିତ୍ତରଞ୍ଜନ ରଥଙ୍କୁ ଶପଥ ପାଠ କରାଯାଇଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଂଘର ନବ ନିର୍ବାଚିତ ସଭାପତି ଦାମ କନ୍ଧପାନ,ସାଧାରଣ ସମ୍ପାଦକ ଦିଲୀପ ଟାକ୍ରୀ,ଉପସଭାପତି ବୈଜୟନ୍ତିମାଳା ଖୋସଲା ଓ ଅନୀଲ ସିରିକା,ସଙ୍ଗଠନ ସମ୍ପାଦକ ଧନେଶ୍ୱର କାଣ୍ଡି, ସହ ସମ୍ପାଦକ ରାଜେନ୍ଦ୍ର ରଥ, ଦେବେନ୍ଦ୍ର ଟାକ୍ରୀ,ଟି.ଅରୁଣ, ସଞ୍ଜୟ ସିଂ, କାମେଶ୍ୱର ରାଓ,କୋଷାଧ୍ୟକ୍ଷ ଲକ୍ଷ୍ମଣ ସଗର, ସଂଯୋଜକ ନୟନ ବିଷୋୟୀ, ସହ ସମ୍ପାଦକ ସୂର୍ଯ୍ୟ ନାରାୟଣ ବେହେରାଙ୍କୁ ମହାସଚିବ ଶପଥପାଠ କରାଇଥିଲେ। ପରେ ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରଘୁରାମ ମାଛ, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସୁସ୍ମିତା ମେଲକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେଶନର ରାଜ୍ୟ ଉପସଭାପତି ସୁରେନ୍ଦ୍ର କୁଲଦୀପ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ହେଉଛନ୍ତି ଦେଶରେ ଦର୍ପଣ ସଦୃଶ୍ୟ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଶିକ୍ଷକମାନଙ୍କ ସ୍ଥାନ ସର୍ବଦା ଉଚ୍ଚରେ ଥାଏ ବୋଲି ଅତିଥିମାନେ କହିଥିଲେ। ଏକତା ରକ୍ଷା କରି ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଆଗେଇ ଆସିବାକୁ କୁହାଯାଇଥିଲା। ଶିକ୍ଷକତାକୁ ବୃତ୍ତି ନ ଭାବି ବ୍ରତ ବୋଲି ଭାବିବା ଉଚିତ ବୋଲି ଅତିଥି କହିଥିଲେ। ଶିକ୍ଷକ ରାଜେନ୍ଦ୍ର କୁମାର ରଥ ମଞ୍ଚ ପରିଚାଳନା କରିଥିଲେ। ଦିଲ୍ଲୀପ ଟାକ୍ରୀ ଧନ୍ୟବାଦ ଦେଇଥିଲେ।

**ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନର ଶପଥ ପାଠ ସମାରୋହ**

# କାର-ବାଇକ୍ ମୁହାଁମୁହିଁ ଧକ୍କା: ବାଇକ୍ ଚାଳକ ମୃତ

ଲକ୍ଷ୍ମୀପୁର,୧୨।୧୦(ଅନନ୍ତ ପ୍ରସାଦ ନାୟକ)


ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ୍।

ଲକ୍ଷ୍ମୀପୁର ବ୍ଲକ ୩୨୬ ନଂ ଜାତୀୟ ରାଜପଥ କାକିରିଗୁମା ଥାନା ଅଧୀନ ତୁନପାର ଛକ ନିକଟରେ କାର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ବାଇକ୍ ଆରୋହୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀପୁର ଥାନା ଅଧୀନ କୁଷୁମଗୁଡ଼ା ଗ୍ରାମର ଡମ୍ବରୁଧର ବିଷୋୟୀ।

ସୂଚନାନୁଯାୟୀ, କାର ରାୟଗଡ଼ାରୁ କୋରାପୁଟ ଅଭିମୁଖେ ଆସୁଥିବା ବେଳେ ଡମ୍ବରୁ ବାଇକ୍ ଯୋଗେ ରାୟଗଡ଼ା ପଟକୁ ଯାଉଥିଲେ। ଏହି କାର ସହ ମୁହାଁମୁହିଁ ଧକ୍କା ହୋଇ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ କୋରାପୁଟ ଏସ୍ଏଲ୍ଏନ୍ ମେଡିକାଲ କଲେଜକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାକିରିଗୁମା ପୋଲିସ ଘଟଣାସ୍ଥଳରେ ପହଞ୍ଚି କାର ଓ ବାଇକ୍‌କୁ ଜବତ କରିଥିଲା। ଏ ନେଇ ଥାନାରେ ୭୩/୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ଥିବା କାକିରିଗୁମା ଥାନାଧିକାରୀ ସୁନିଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରକାଶ ଯେ,କାକିରିଗୁମା ଥାନା ଅଧୀନ କୋରାପୁଟ-ରାୟଗଡ଼ା ୩୨୬ ନଂ.ଜାତୀୟ ରାଜପଥରେ ସପ୍ତାହକ ମଧ୍ୟରେ ୩ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଗୁରୁତର ରହିଛନ୍ତି।

# ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘ ବୈଠକ


ବୈଠକରେ ଉପସ୍ଥିତ ଅତିଥି ଓ ଏକ୍ସ କ୍ୟାଡର ଶିକ୍ଷକ ସଂଘର ସଦସ୍ୟମାନେ।

କୋରାପୁଟ,୧୨।୧୦(ଅମିତାଭ ବେହେରା)

କୋରାପୁଟ ଶିକ୍ଷକ ଭବନରେ ଜିଲା ଏକ୍ସ କ୍ୟାଡର ଶିକ୍ଷକ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଜିଲା ସଭାପତି ଶରତ କନ୍ଦପାନଙ୍କ ଅଧ୍ୟକ୍ଷତାରେ ୪ ଦଫା ଦାବି ନେଇ ଆଲୋଚନା ହୋଇଥିଲା। ଏକ୍ସ କ୍ୟାଡର ଉଚ୍ଛେଦ କରିବା, ଅବସର ଓ ମୃତ୍ୟୁକାଳୀନ ଭତ୍ତା ପାଇଁ ସ୍ପଷ୍ଟ ନିୟମ ଲାଗୁ କରିବା, ଜିଲା ଓ ବ୍ଲକ ସ୍ତରରେ କର୍ପସ ପାଣ୍ଠି ବ୍ୟବସ୍ଥା କରାଯିବା, ୨୦୨୪ ପରେ ନିୟମିତ ହୋଇଥିବା ଶିକ୍ଷକମାନଙ୍କ ବକେୟା ୧୪ ମାସର ଦରମା ପ୍ରଦାନ କରାଯିବା ଆଦି ଦାବି ନେଇ ଆଲୋଚନା କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ଚଳଗଙ୍ଗ ବିଶୋଇ, ମହାସଚିବ ଗୋପାଳ କୃଷ୍ଣ ପାତ୍ର , ଉପସଭାପତି ସୂର୍ଯ୍ୟ ନାରାୟଣ ରାୟ , ସହ ସମ୍ପାଦକ କୈଳାସ ଚନ୍ଦ୍ର ବିଶୋଇଙ୍କ ସହ ସମସ୍ତ ଜିଲା ଓ ବ୍ଲକ ସ୍ତରୀୟ ସମ୍ପାଦକ ଏବଂ ସଭାପତି ଉପସ୍ଥିତ ଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ଅଙ୍ଗନୱାଡି କେନ୍ଦ୍ର

**ଅଧିକାରୀମାନେ ଗୁରୁତ୍ୱ ଦେବାକୁ ଦାବି**

ବନ୍ଧୁଗାଁ,୧୨।୧୦(ବେଣୁଧର ଲାବାଲା)


ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ପାଣି ପ୍ରବାହିତ ହେଉଛି।

ସରକାର ଶିଶୁ ବିକାଶ ପ୍ରକଳ୍ପଗୁଡ଼ିକୁ ଅଗ୍ରାଧିକାର ଦେବା ସହ ପିଲାମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଓ ପ୍ରାକ୍‌ଶିକ୍ଷା ବ୍ୟବସ୍ଥା କରିଛନ୍ତି। କିନ୍ତୁ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକର ପରିବେଶ ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। କୋରାପୁଟ ଜିଲା ବନ୍ଧୁଗାଁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଅଧୀନରେ ଥିବା ନୀଳାବାଡ଼ି ଏ ୨ ଅଙ୍ଗନୱାଡି କେନ୍ଦ୍ର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବା ବେଳେ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। କେନ୍ଦ୍ର ପରିସର ମଧ ଦେଇ ପାଣି ପ୍ରବାହିତ ହେବା ସହ କାଦୁଅମୟ ହୋଇ ରହୁଛି। କେନ୍ଦ୍ର ଚତୁଃପାର୍ଶ୍ୱ ଅନାବନା ଗଛରେ ଭର୍ତ୍ତି ହୋଇ ଜଙ୍ଗଲର ଭ୍ରମ ହେବା ସହ ସରୀସୃପଙ୍କ ଆଶଙ୍କା ରହିଥିବା କୁହାଯାଇଛି। ଏ ନେଇ ପ୍ରଶାସନର ଅଭିଯୋଗ ପ୍ରକୋଷ୍ଠରେ ଅଙ୍ଗନୱାଡି କର୍ମୀ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ସରପଞ୍ଚ ଏଥିପାଇଁ ଟଙ୍କା କେଉଁଠୁ ଆସିବ ବୋଲି କହୁଛନ୍ତି। ପିଲାମାନଙ୍କ ପାଇଁ ନିର୍ମାଣାଧୀନ ଶୌଚାଳୟ କିଛି ବର୍ଷ ହେବ ବନ୍ଦ ରହିଛି। ଠିକାଦାରଙ୍କ ୭୦ ହଜାର ବକେୟା ଥିବାରୁ ସେ ଏହାକୁ ବନ୍ଦ କରି ରଖିଥିବା କହିଛନ୍ତି। କେନ୍ଦ୍ରର ସ୍ୱଚ୍ଛତା, ପିଲାଙ୍କ ପ୍ରାକ୍‌ଶିକ୍ଷାର ତଦାରଖ ପାଇଁ ମହିଳା ପରିଦର୍ଶିକା ଓ ଶିଶୁ ବିକାଶ ଅଧିକାରିଣୀ ରହିଛନ୍ତି। ଏହି ୨ ଅଧିକାରୀ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରର ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେଉ ନ ଥିବା ଏବଂ ତାଗିଦ କରୁ ନ ଥିବାରୁ କେନ୍ଦ୍ର ପରିସର ଅପରିଷ୍କାର ଥିବା ଦେଖିବାକୁ ମିଳୁଛି। କେନ୍ଦ୍ରର ସ୍ୱଚ୍ଛତା ପ୍ରତି ଶିଶୁ ବିକାଶ ଅଧିକାରିଣୀ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

# ଗଞ୍ଜେଇ ଚାଲାଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

କୋରାପୁଟ,୧୨।୧୦(ଅମିତାଭ ବେହେରା)



ଗିରଫ ଅଭିଯୁକ୍ତ।

କୋରାପୁଟ ରେଲୱେ ଷ୍ଟେଶନରୁ ନିୟମିତ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ୫ ମାସ ତଳେ ହୋଇଥିବା ଗଞ୍ଜେଇ ଚାଲାଣର ମୁଖ୍ୟ ଅଭିଯୁକ୍ତଙ୍କୁ ଜିଆରପି ପୋଲିସ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ କୋରାପୁଟ ବ୍ଲକ୍ ପିତେଇ ଗ୍ରାମର ଇଞ୍ଜିନିୟରିଂ ଛାତ୍ର ଦୈତାରୀ ଖେମୁଣ୍ଡୁ।

ସୂଚନାନୁଯାୟୀ, ଗତ ଅପ୍ରେଲ ମାସରେ କୋରାପୁଟ ରେଲୱେ ଷ୍ଟେଶନରୁ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଜିଆରପି ପୋଲିସ ୨ ଯୋଗାଣକାରୀଙ୍କୁ ଗିରଫ କରିଥିଲା। ବିହାରକୁ ଗଞ୍ଜେଇ ଚାଲାଣ କରୁଥିବା ଅରବିନ୍ଦ ଶର୍ମା ନାମକ ଯୁବକଙ୍କୁ ପୋଲିସ ଗିରଫ କରି ୩୪ କିଲୋ ଗଞ୍ଜେଇ ଜବତ କରିଥିଲା। ତାଙ୍କୁ ଜେରା କରିବାକୁ ସେ ଦୈତାରୀ ମୁଖ୍ୟ ଯୋଗାଣକାରୀ ବୋଲି କହିଥିଲେ। ଦୈତାରୀ ୨ ବର୍ଷ ହେବ ରେଲୱେ ଷ୍ଟେଶନ ନିକଟରେ ରାଜ୍ୟ ତଥା ବାହାରୁ ଆସୁଥିବା ଚାଲାଣକାରୀଙ୍କୁ ଗଞ୍ଜେଇ ଯୋଗାଉ ଥିବା ପୋଲିସ ନିକଟରେ ସ୍ୱୀକାର କରିଥିବା ଜିଆରପି ଥାନାଧିକାରୀ ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି। ଦୈତାରୀ ଜଣେ ବିଟେକ୍ ଛାତ୍ର ହୋଇଥିବା ବେଳେ ଅଧିକାଂଶ ଗଞ୍ଜେଇ ଚାଲାଣର ମାଷ୍ଟର ମାଇଣ୍ଡ ବୋଲି ଜଣାପଡ଼ିଛି। ସେ ସ୍ଥାନୀୟ ରେଲୱେ ନିକଟ ସରକାରୀ ଜମି ଜବରଦଖଲ କରି ଘର ନିର୍ମାଣ କରି ରହୁଥିଲେ। କୋରାପୁଟ ମଣ୍ଡଳ କାରାଗାରରେ ରାଜ୍ୟ ବାହାରୁ ଗଞ୍ଜେଇ ଚୋରା ଚାଲାଣରେ କଏଦ ଥିବା ମାଫିଆ ସହ ଯୋଗାଯୋଗ କରି ବ୍ୟବସାୟ କରୁଥିଲେ। ରେଲୱେ ଷ୍ଟେଶନ ପଛ ପଟେ ସିସିଟିଭି ନ ଥିବାର ସୁଯୋଗ ନେଇ ଚାଲାଣକାରୀଙ୍କୁ ଗଞ୍ଜେଇ ଯୋଗାଉଥିବା ତଦନ୍ତରୁ ଜଣାପଡ଼ିଛି। କୋରାପୁଟରେ ୩ ସାଙ୍ଗ ମିଳିତ ଭାବେ ଗଞ୍ଜେଇ ବ୍ୟବସାୟ କରୁଥିବା ବେଳେ ପୂର୍ବରୁ ୨ ଜଣ ଗିରଫ ହୋଇ ଦଣ୍ଡ ଭୋଗୁଥିବା ସୂଚନା ମିଳିଛି। ଜିଆରପି ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଓ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ମହନ୍ତ କହିଛନ୍ତି।

# ଶିବିରରୁ ୫୧ ୟୁନିଟ୍ ରକ୍ତ ସଂଗ୍ରହ

ସୁନାବେଡା,୧୨।୧୦
(କୃତ୍ତିବାସ ପ୍ରଧାନ)


ଶିବିରରୁ ରକ୍ତ ସଂଗ୍ରହ କରାଯାଉଛି।

କୋରାପୁଟ ଜିଲା ସେମିଳିଗୁଡ଼ା ଧନ ରାଗିଣୀ ମନ୍ଦିର ନିକଟ ପୌର ପରିଷଦ ମଲ୍ଟି ଫଙ୍କଶନ ହଲ୍ ପରିସରରେ ଶାବର ଶ୍ରୀକ୍ଷେତ୍ର ପନ୍ଦରା ସମାଜ ଓ ଜେପି ଟ୍ୟୁଟୋରିଆଲର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ଡିବିଡିଏମଏଫ୍‌ର ଉପଦେଷ୍ଟା ଡ. ଉମାଶଙ୍କର ପ୍ରସାଦ ପାତ୍ର,ଡ. ଅଜୟ ସାହୁ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଗଣେଶ ସାହୁ, ଦୁର୍ଗା ଆଚାର୍ଯ୍ୟ, ପ୍ରଦୀପ ତ୍ରିପାଠୀ, ଆନନ୍ଦ ମୌଳି ପଟ୍ଟନାୟକ ଓ ନରେଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସେମିଳିଗୁଡ଼ା ଓ ସୁନାବେଡ଼ା ସହରର ବିଭିନ୍ନ ଅଞ୍ଚଳରୁ ମୋଟ ୫୧ ମହିଳା ଓ ପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କୋରାପୁଟ ରକ୍ତଭଣ୍ଡାର କର୍ମଚାରୀ ଭି.ଗଙ୍ଗାଧର, ମନୋରଞ୍ଜନ ସୁନା, ସଞ୍ଜୟ ସିଂ ଓ ରବୀନ୍ଦ୍ର କୁମାର ମିଶ୍ର ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଜେପି ଟ୍ୟୁଟୋରିଆଲ ମୁଖ୍ୟ ଜୟ ବାଡ଼ତ୍ୟାଙ୍କ ପୁଅ ଓ ଝିଆରୀଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଏହି ଶିବିରର ଆୟୋଜିତ ହୋଇଥିଲା। ଶିବିରରେ ପ୍ରିୟବ୍ରତ ପ୍ରଧାନ, ପନ୍ଦରା ସମାଜର ସମ୍ପାଦକ ସୁରେନ୍ଦ୍ର ବେହେରା ଓ ଜିଲା ସମ୍ପାଦକ ଅମର ବାଡ଼ତ୍ୟା ପ୍ରମୁଖ ସହଯୋଗ କରିଥିଲେ।

# ଗୁଣିଆ ଦର୍ଶାଇ ଗୋଟିଏ ପରିବାରର ୨ଜଣଙ୍କୁ ଆକ୍ରମଣ

ନନ୍ଦପୁର/ପାଡୁଆ, ୧୨।୧୦
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

- ଘର ଛାଡ଼ି ଅନ୍ୟ ଗାଁରେ ଆଶ୍ରୟ ନେଲେ ପରିବାର
- ଗୃହପାଳିତଙ୍କୁ ହତ୍ୟା ଅଭିଯୋଗ

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଛଲୁଙ୍ଗ ପଞ୍ଚାୟତର ମାରିପୁଟ ଗ୍ରାମରେ ଗୁଣିଆ ଦର୍ଶାଇ ଗୋଟିଏ ପରିବାର ଉପରେ ଆକ୍ରମଣ ହୋଇଥିଲା। ଅତି ନିର୍ମମ ଭାବେ ଗୃହପାଳିତ କୁକୁର ଓ ଚଢ଼େଇକୁ ହତ୍ୟା କରାଯାଇଥିବା ଦେଖିବାକୁ ମିଳିଛି। ପରିବାରର ୨ ସଦସ୍ୟଙ୍କ ଉପରେ ବର୍ଚ୍ଛା ଓ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏଥିଯୋଗୁ ଉକ୍ତ ପରିବାରର ୧୪ ସଦସ୍ୟ ଜୀବନ ବଞ୍ଚାଇବାକୁ ଅନ୍ୟ ଗୃହପାଳିତଙ୍କୁ ଧରି ଘର ଛାଡ଼ି ଅନ୍ୟ ଗାଁରେ ଶରଣ ନେଇଥିବା ପରିବାର ମୁଖ୍ୟ ଲଛମନ ଖିଲ କହିଛନ୍ତି। ଏ ନେଇ ସେ ଗତ ୭ ତାରିଖରେ ପାଡୁଆ ଥାନାରେ ଅଭିଯୋଗ କରିଥିଲେ। ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ପରିବାରର ସୁରକ୍ଷା ନେଇ ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକଙ୍କୁ ଗୁହାରି କରିଛନ୍ତି।

ସୂଚନାନୁଯାୟୀ, ମାରିପୁଟ ଗ୍ରାମରେ ଲଛମନ ଖିଲ(୬୦), ସ୍ତ୍ରୀ ତୁଳସମା ଖିଲ(୫୫) ଦୁଇ ପୁଅ ବାଲାରାଜୁ ଖିଲ(୩୪), ସମିବାବୁ ଖିଲ(୨୫) ୨ ବୋହୂ ଲଛମି ଖିଲ(୩୦), ବାଙ୍ଗରାମା ଖିଲ(୨୨)ଙ୍କ ସହ ସେମାନଙ୍କ ୮ ପିଲାଙ୍କ ସହ ରୁହନ୍ତି। ୧୫ ଦିନ ତଳେ ଲଛମନଙ୍କ ମାନସିକ ବିକୃତ ଭାଇ ରଘୁରାମଙ୍କ ମୃତ୍ୟୁ ହୋଇଥିଲା। ଏଥିପାଇଁ ଗ୍ରାମର ରାମବାବୁ ଖିଲ, ରାଜେଶ୍ ଖିଲ, ସମି ଖିଲ, ଗତିରାମ ଖିଲ, ହୁସେନ ଖିଲ ପ୍ରମୁଖ ଲଛମନଙ୍କ ପରିବାରକୁ ଦାୟୀ କରିଥିଲେ। ଗୁଣି ଗାରେଡ଼ି କରି ରଘୁରାମଙ୍କୁ ମାରି ଦେଇଥିବା ଅଭିଯୋଗ ଆଣି ଲଛମନଙ୍କ ପରିବାର ଉପରେ ୭।୧୦।୨୦୨୪ରେ ଆକ୍ରମଣ କରିଥିଲେ। ଗ୍ରାମବାସୀଙ୍କ ସମ୍ମୁଖରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଲଛମନଙ୍କ ଘର ଟାଇଲି ଛପର ଭାଙ୍ଗି ଘର ଭିତରେ ଥିବା ଆସବାବପତ୍ର ବାହାରକୁ କାଢି ଫିଙ୍ଗି ଦେଇଥିଲେ। ପୋଷା କୁକୁର ଓ ଚଢ଼େଇକୁ ହତ୍ୟା କରିଥିଲେ। ୨ ପୁଅଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମାରିପୁଟ ଗ୍ରାମରୁ ସୋଭାପୁଟ ଯାଏ ଗୋଡ଼ାଇ ଆକ୍ରମଣ କରିଥିଲେ। ଲଛମନଙ୍କ ୨ ପୁଅ ଆକ୍ରମଣରୁ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ପରିବାରର ସମସ୍ତ ୧୪ ସଦସ୍ୟ ୫ ଦିନ ହେବ ଅନ୍ୟ ଗାଁରେ ଥିବା ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ସେ କହିଛନ୍ତି। ଏତଲା ପରେ ପୋଲିସ ସମ୍ପୃକ୍ତ ଯୁବକଙ୍କ ପରିବାର ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡି ଦେଇଥିବା ଜଣାପଡ଼ିଛି। ସମ୍ପୃକ୍ତ ଯୁବକମାନେ ନିଶାସକ୍ତ ଅବସ୍ଥାରେ ମାରଣାସ୍ତ୍ର ଧରି ବୁଲୁଥିବା କହିଛନ୍ତି। ଆମେ ସମସ୍ତେ ଭୟଭୀତ ଥିବା କହି ଜିଲା ଏସ୍‌ପି ଘଟଣାରେ ହସ୍ତକ୍ଷେପ କରି ଏହି ପରିବାରକୁ ସୁରକ୍ଷା ଦେବା ସହ ଦୁର୍ବୃତ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଘଟଣାର ତଦନ୍ତ କରାଯାଉଥିବା କହିଛନ୍ତି।

# ମା'ଧନଦାତ୍ରୀଙ୍କ କୁଙ୍କୁମାର୍ଚ୍ଚନା ପୂଜା


ଗଜଲକ୍ଷ୍ମୀଙ୍କୁ ଜଳାଭିଷେକ କରାଯାଉଛି।

ଜୟପୁର,୧୨।୧୧(ପବନ ପାଣିଗ୍ରାହୀ)

ଜୟପୁର ରାଜନହର ଛକରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ରବିବାର ମା'ଗଜଲକ୍ଷ୍ମୀଙ୍କ କୁଙ୍କୁମାର୍ଚ୍ଚନା ପୂଜା କରାଯାଇଥିଲା। ୧୪ ତାରିଖ ଯାଏ ମା'ଙ୍କ ପୂଜା ଅନୁଷ୍ଠିତ ହେବ। ଶତାଧିକ ମହିଳା ଚନ୍ଦନ, ସିନ୍ଦୁର, ଫୁଲ, ହଳଦିଆ ଫୁଲ, ଧୂପ, କୁଙ୍କୁମ, ପାନ ପତ୍ର, ନଡିଆ ଓ କଦଳୀ ଆଦି ଧରି ପୂଜାରେ ସାମିଲ ହୋଇଥିଲେ। ପୂଜକ କୃଷ୍ଣଚନ୍ଦ୍ର ଦାସ ଏବଂ ଓମ୍‌କାର ନାଥ ପାଢୀ ମା'ଙ୍କୁ କୁଙ୍କୁମା, ହରିଦ୍ରା ଓ ଜଳା ଅଭିଷେକ କରି ହୋମଯଜ୍ଞ ଆରମ୍ଭ କରିଥିଲେ। ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ସେହିପରି ବାଙ୍କମଠ ପରିସରରେ ମଧ ଗଜଲକ୍ଷ୍ମୀଙ୍କ ପୂଜା କରାଯାଇଛି। ଏଠାରେ ୧୧ ଦିନ ମା'ଧନଦାତ୍ରୀଙ୍କ ପୂଜା ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଦୋଳନ ବ୍ୟାପକ କରିବା ନେଇ ସଭାକୁ ସଫଳ କରିବାକୁ ଆହ୍ୱାନ

ଜୟପୁର,୧୨।୧୦(ପବନ ପାଣିଗ୍ରାହୀ)

**ଇପିଏଫ୍ ପେନସନର୍ସ ଆସୋସିଏଶନ୍ ମାସିକ ବୈଠକ**

କୋରାପୁଟ ଜିଲା ଜୟପୁର ଯାଦବ ଭବନରେ ଇପିଏଫ ପେନ୍‌ସନର୍ସ ଆସୋସିଏଶନ୍‌ର ମାସିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ସେବାକାଗଜ କଳ ଶ୍ରମିକ ସଂଘର ସଭାପତି ପ୍ରମୋଦ କୁମାର ମହାନ୍ତି ଉପସ୍ଥିତ ଥିଲେ। ଏଥିରେ ସଭାପତି ରଥ ସଭ୍ୟ ସଂଗ୍ରହ ଓ ନବୀକରଣ, ସର୍ବନିମ୍ନ ପେନ୍‌ସନ୍ ମାସିକ ୯ହଜାର ଟଙ୍କା, ସ୍ୱାସ୍ଥ୍ୟ ସେବା, ମହଙ୍ଗା ଭତ୍ତା ଯୋଡ଼ିବା ପାଇଁ ଆନ୍ଦୋଳନ, ଉଚ୍ଚ ହାର ପେନ୍‌ସନ୍ ନେଇ ଚେଷ୍ଟା,ଅଷ୍ଟମ ରାଜ୍ୟସ୍ତରୀୟ ବାର୍ଷିକ ସମ୍ମିଳନୀ, ଅବିଭକ୍ତ କୋରାପୁଟ ଜିଲାର ମିଳିତ ସମ୍ମିଳନୀ ଆଦି ପ୍ରସ୍ତାବ ରଖିଥିଲେ। କେସିସି ବ୍ୟାଙ୍କ ଏବଂ ଅନ୍ୟ କେତେକ ସଂସ୍ଥାରେ ଅବସରପ୍ରାପ୍ତ ଶ୍ରମିକମାନେ ଉଚ୍ଚ ହାର ପେନ୍‌ସନ୍ ପାଉଛନ୍ତି। କିନ୍ତୁ ଅଧିକାଂଶ ସ୍ଥଳରେ କର୍ମଚାରୀମାନଙ୍କ ଆବେଦନ ଖାରଜ ହୋଇଛି। ଏହାର କାରଣ ଦର୍ଶାଇ ପୁନର୍ବାର ପଦକ୍ଷେପ ନେବାକୁ ରାଜ୍ୟ ଓ ଜାତୀୟ ସ୍ତରର ନେତୃତ୍ୱଙ୍କୁ ନିବେଦନ କରାଯାଇଥିବା ସଂଘ ସଭାପତି ମହାନ୍ତି କହିଛନ୍ତି। ନଭେମ୍ବର ୧୬ରେ ସମଗ୍ର ଦେଶରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ। ଜିଲା ସଙ୍ଗଠନ ନେତା ଦୁର୍ଗା ପ୍ରସାଦ ଦାଶ ନଭେମ୍ବର ୩ ତାରିଖ ପୂର୍ବରୁ ନୂତନ ସଭ୍ୟ ସଂଗ୍ରହ ଓ ନବୀକରଣ କାର୍ଯ୍ୟ ସାରି ସ୍ୱତନ୍ତ୍ର ପାଣ୍ଠି ସଂଗ୍ରହ ପାଇଁ ନିବେଦନ କରିଥିଲେ। ଅଷ୍ଟମ ରାଜ୍ୟ ସମ୍ମିଳନୀରେ ଯୋଗଦେବାକୁ ଅକ୍ଟୋବର ଶେଷ ସପ୍ତାହରେ ବୈଠକ ଅନୁଷ୍ଠିତ ହେବା ନେଇ ସୂଚନା ରହିଛି। ଆନ୍ଦୋଳନକୁ ବ୍ୟାପକ କରିବା ନେଇ ଅବିଭକ୍ତ କୋରାପୁଟ ଜିଲାର ଇପିଏଫ୍ ପେନ୍‌ସନଭୋଗୀଙ୍କ ବୈଠକକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ସଭାରେ ପି.ଗୌରୀ ଶଙ୍କର ରାଓ, ବସନ୍ତ ବେହେରା,ଜି.ପ୍ରସାଦ ରାଓ, କିଶୋର ଚନ୍ଦ୍ର ପଣ୍ଡା,ସୁଦର୍ଶନ ବିଷୋୟୀ ଓ ଭାସ୍କର ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ବୈଠକରେ ଇପିଏଫ୍ ପେନସନର୍ସ ଆସୋସିଏଶନ୍‌ର ସଦସ୍ୟମାନେ ।

# ଶୌଚାଳୟ ନିର୍ମାଣ ସରିବା ସତ୍ତ୍ୱେ କାର୍ଯ୍ୟକ୍ଷମ ହେଉନି ଅଦାଲତ

ନନ୍ଦପୁର,୧୧।୧୦(ତୁଷାରକାନ୍ତ ମହାନ୍ତି)

**ଉଚ୍ଚ ନ୍ୟାୟାଳୟ ବିଚାରପତିଙ୍କୁ ନନ୍ଦପୁର ଓକିଲ ସଂଘର ଦାବିପତ୍ର**


ଅସ୍ଥାୟୀ ଅଦାଲତ ନିମନ୍ତେ ପ୍ରସ୍ତୁତ ଗୃହ ଓ ଓକିଲ ସଂଘର ଚିଠି ।

କୋରାପୁଟ ଜିଲା ନନ୍ଦପୁର ଜେଏମ୍ଏଫ୍‌ସି (ଗ୍ରାମୀଣ) ଅଦାଲତ ପ୍ରତିଷ୍ଠା ପରଠାରୁ କାର୍ଯ୍ୟକ୍ଷମ ନ ହୋଇ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଏଠାରେ ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଅଦାଲତ କେବେ କାର୍ଯ୍ୟକ୍ଷମ ହେବ ବୋଲି ଲୋକ ପ୍ରଶ୍ନ କରିଛନ୍ତି। ସୂଚନାନୁଯାୟୀ, ୨୦୧୫ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ଓ କଟକ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ୭୩୫୪(୨୪) ଏକ୍ସଭିଆଇଆଇ ୦୨-୨୦୧୬ ପ୍ରକାରେ ରାଜ୍ୟର ବିଭିନ୍ନ ବ୍ଲକ୍‌ରେ ୬୫ଟି ଜେଏମ୍ଏଫ୍‌ସି ଅଦାଲତ ଖୋଲିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଭିତ୍ତିଭୂମି, ବିଚାରପତି ଓ କର୍ମଚାରୀ ଅଭାବ ଆଳ ଦେଖାଇ ଲୋକଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା କରିବାରେ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଅଦାଲତର ନୂତନ ଗୃହ ନିର୍ମାଣ ପୂର୍ବରୁ ଅସ୍ଥାୟୀ ଅଦାଲତ ପ୍ରତିଷ୍ଠା ପାଇଁ ଆଇନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ପ୍ରକୋଷ୍ଠ ନିର୍ମାଣ ନେଇ ମଞ୍ଜୁରୀ ଦେଇଥିଲେ। ଏହା ପରେ ନିର୍ମାଣକାରୀ ସଂସ୍ଥା ଆର୍‌ଡି ପିଏଚ୍ ଶୌଚାଳୟ ନିର୍ମାଣ କାର୍ଯ୍ୟ ଶେଷ କରୁ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଆର୍‌ଡି ପିଏଚ୍ ବିଭାଗ କର୍ତ୍ତୃପକ୍ଷ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହାକୁ ମାସେ ପୂରିଥିବା ବେଳେ ଏଯାଏ ଅଦାଲତ କାର୍ଯ୍ୟକ୍ଷମ ପ୍ରକ୍ରିୟା ଆରମ୍ଭ ହେଉନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ୬।୧୦।୨୫ରେ ସେମିଳିଗୁଡ଼ା ଗ୍ରାମ୍ୟ ନ୍ୟାୟାଳୟ ପରିଦର୍ଶନରେ ଆସିଥିବା ଉଚ୍ଚ ନ୍ୟାୟାଳୟ ବିଚାରପତି ଚିତ୍ତରଞ୍ଜନ ଦାସଙ୍କୁ ନନ୍ଦପୁର ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ଜେଏମ୍ଏଫ୍‌ସି ଅଦାଲତ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଥିଲା। ଓକିଲ ସଂଘ ସଭାପତି ଜଗଦୀଶ ଚୌଧୁରୀ, ଉପସଭାପତି ଶିଶିର କୁମାର ତ୍ରିପାଠୀ ଓ ଭଗବାନ ପେଟିଆ, ସମ୍ପାଦକ ସନ୍ତୋଷ କୁମାର ବେବର୍ତ୍ତା ପ୍ରମୁଖ ମୌଖିକ ଭାବେ ୨୦୧୫ରୁ ୨୦୨୫ ମଧ୍ୟରେ ଏକାଧିକ ଉଚ୍ଚ ନ୍ୟାୟାଳୟ ବିଚାରପତି ନନ୍ଦପୁରରେ ଅଦାଲତ ପ୍ରତିଷ୍ଠା ଲାଗି ଭିତ୍ତିଭୂମି ସ୍ଥିତି ପରଖି ଥିବା ଓ ଦୁଇ ଦଫା ୨ କୋଠାକୁ ଅଦାଲତ ରଙ୍ଗ ମରାଯାଇଥିବା କହିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଅଦାଲତ ଓ ବିଚାରପତିଙ୍କ ବାସଭବନ ନିର୍ମାଣ ପାଇଁ ଜମି ଚିହ୍ନଟକରି ପ୍ରଦାନ କରାଯାଇଛି। ଆଇନ ବିଭାଗ ମଞ୍ଜୁରୀ ପରେ ପୁରୁଣା ବ୍ଲକ୍ ପରିସରର ଏକାଧିକ ଗୃହ ମରାମତି ସହ ଅଦାଲତ ପ୍ରକୋଷ୍ଠ, କର୍ମଚାରୀଙ୍କ ପ୍ରକୋଷ୍ଠ, ପାନୀୟ ଜଳ, ବିଦ୍ୟୁତ୍‌କରଣ କାର୍ଯ୍ୟ ସରିଛି। ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଅଦାଲତ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ କରିଥିଲେ।

ଏ ସମ୍ପର୍କରେ ସେ କୋରାପୁଟ ଜିଲା ଦୌରାଜଜ୍‌ଙ୍କ ସହ ଆଲୋଚନାକରି ନିଷ୍କର୍ଷ ବାହାର କରିବେ ବୋଲି ବିଚାରପତି ଦାସ ଓକିଲ ସଂଘ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ସିଡୁଆ ନଦୀରେ ଗାଧୋଇବା ବେଳେ ଭାସିଗଲେ ୨ ବାଳକ

## ଜଣେ ମୃତ, ଅନ୍ୟ ଜଣେ ନିଖୋଜ

କଟକ ସଦର,୧୨।୧୦
(ସୁଶାନ୍ତ କୁମାର ଜେନା)

କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ କଳପଡ଼ା ପଞ୍ଚାୟତ ବସନ୍ତକୁଣ୍ଡଳ ଗ୍ରାମ ନିକଟ ସିଡୁଆ ନଦୀରେ ରବିବାର ସକାଳେ ୨ ବାଳକ ଗାଧୋଇବା ପାଇଁ ଯାଇ ପ୍ରଖର ସ୍ରୋତରେ ଭାସିଯାଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ଜଣାପଡ଼ିଛି। ମୃତ ବାଳକ ହେଲେ ସେହି ଗ୍ରାମର ଆଇନଜୀବୀ ଦିଲୀପ କୁମାର ନାୟକଙ୍କ ପୁଅ ଗୁରୁପ୍ରସାଦ ନାୟକ (୧୪)। ସେ କଟକସ୍ଥିତ ନବୋଦୟ ବିଦ୍ୟାଳୟରେ ନବମ ଶ୍ରେଣୀରେ ପାଠ ପଢୁଥିଲେ। ନିଖୋଜ ବାଳକ ହେଲେ ବିନୋଦ ବାରିକଙ୍କ ପୁଅ ସାଇଶୁଭମ୍ ବାରିକ(୧୪)।

ସୂଚନା ଅନୁସାରେ ସକାଳେ ୨ ବାଳକ ସିଡୁଆ ନଦୀରେ ଗାଧୋଇବା ପାଇଁ ଯାଇଥିଲେ। ନଦୀର ପ୍ରଖର ସ୍ରୋତରେ ଉଭୟ ଭାସିଯାଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ନଦୀ ଘାଟରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ଗୁରୁପ୍ରସାଦଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା।


ଗୁରୁପ୍ରସାଦ ନାୟକଙ୍କ ଫାଇଲ ଫଟୋ।

ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅଦ୍ୟାବଧି ସାଇଶୁଭମ୍ ନିଖୋଜ ଥିବା ଜଣାପଡ଼ିଛି। ୪୨ ମୌଜା ଥାନା ପୋଲିସ ଡାକ୍ତରଖାନାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରିଥିଲା। ବ୍ୟବଚ୍ଛେଦ ବେଳେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା, ୟୁନିୟନ ଫର କଟକ ସଦର ଡେଭଲପ୍‌ମେଣ୍ଟ ସଭାପତି ମନୋଜ କୁମାର ନାୟକ, ସାମାଜିକ କର୍ମୀ ଆର୍ତ୍ତ ରଞ୍ଜନ ବିଶ୍ୱାଳ, ପ୍ରମୋଦ ମହାପାତ୍ର, ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ସାତମାଇଲ, ୧୨।୧୦ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ବାଲିମି ଗ୍ରାମର ଜଣେ ଯୁବକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ତାଙ୍କ ନାମ ନରୋତ୍ତମ ବେହେରା (୫୦)। ରବିବାର ଭୋର ସମୟରେ ମୃତକ ନରୋତ୍ତମ ଶୌଚ ହୋଇ ଫେରୁଥିବା ବେଳେ ଘରଠାରୁ ଅଳ୍ପଦୂରରେ ଏକ ହାତୀ ତାଙ୍କୁ ଘୋଷାଡ଼ି ନେଇ ମାରିଦେଇଥିଲା। ହାତୀଟି ଦୀର୍ଘ ସମୟ ଧରି ଘଟଣାସ୍ଥଳରେ ଛିଡ଼ା ହୋଇ ରହିଥିବାରୁ ନରୋତ୍ତମଙ୍କୁ ଉଦ୍ଧାର କରିବା ପାଇଁ କେହି ସାହସ ଜୁଟାଇ ପାରି ନ ଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇ ଦେଇଥିଲେ। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହ ରଖି ବାଲିମି ଛକରେ ରାସ୍ତାରୋକୋ କରିଥିଲେ। ଖବରପାଇ ବାଲିମି ଥାନାଧିକାରୀ, ହିନ୍ଦୋଳ ଭାରପ୍ରାପ୍ତ ରେଞ୍ଜର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ମୃତକଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ହାତୀଦାଉରୁ ଗ୍ରାମକୁ ସୁରକ୍ଷା ଦେବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଜିଲ୍ଲା ବନଖଣ୍ଡ ଅଧିକାରୀ ସୁମିତ କର, ଆରସିସିଏଫ ସଞ୍ଜୟ ସ୍ୱାଇଁ, ପିସିସିଏଫ ପ୍ରେମକୁମାର ଝାଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା, ଜଙ୍ଗଲ ସନ୍ନିକଟ ଗ୍ରାମଗୁଡ଼ିକରେ ଆଲୋକ ବ୍ୟବସ୍ଥା ସହିତ ହିନ୍ଦୋଳ ବନାଞ୍ଚଳରେ ଧନଜୀବନ ସୁରକ୍ଷା ନେଇ ଦ୍ରୁତ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ସୂଚନାଯୋଗ୍ୟ, ଦୁଇ ମାସ ତଳେ ହିନ୍ଦୋଳ ବନାଞ୍ଚଳ ବାଘଡିଆ ଗ୍ରାମରେ ହାତୀ ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ଘଟଣାର ସପ୍ତାହେ ନ ପୂରୁଣୁ ଟାଙ୍ଗିଆଳ ଗ୍ରାମର ଜଣେ, ସରପା ଗ୍ରାମର ଜଣେ ଓ ବେତାପଡ଼ା ଗ୍ରାମର ଜଣଙ୍କର ମୃତ୍ୟୁ ଘଟିଥିଲା।


ଉତ୍ତ୍ୟକ୍ତ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# ଟ୍ରକ୍ ଚାଳକଙ୍କ ମୃତ୍ୟୁ, ଖଣି ସମ୍ମୁଖରେ ଉତ୍ତେଜନା

## ମେଡିକାଲରୁ ଜବରଦସ୍ତି ନେଇଗଲେ ମୃତଦେହ

ତାଳଚେର,୧୨।୧୦ (ମନୋଜ ନନ୍ଦ)/
ଅନୁଗୋଳ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ହିଙ୍ଗୁଳା କୋଇଲା ଖଣି ରୋଡ୍ ସେଲ୍ ପାର୍କିଂ ଏରିଆରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅନୁଗୋଳ ସାକସିଙ୍ଗା ଗାଁର ରଜତ ନାୟକ। ତେବେ ଦୁର୍ଘଟଣା ପରେ ମୃତକଙ୍କ ପରିବାରକୁ ନିଯୁକ୍ତି ଓ ଉପଯୁକ୍ତ କ୍ଷତିପୂରଣ ଦାବିରେ ଖଣି ସମ୍ମୁଖରେ ମୃତଦେହ ରଖାଯାଇ ଆନ୍ଦୋଳନ କରାଯାଇଛି। ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ସାକସିଙ୍ଗା ଗ୍ରାମର ରଜତ ନିଜ ଗାଡ଼ି ନିଜେ ଚଳାଉଥିଲେ। ଅପରାହ୍ନରେ ସେ ଖଣି ପାର୍କିଂ ଏରିଆରେ ଗାଡ଼ି ରଖି କୋଇଲା ଲୋଡିଂ ନିମନ୍ତେ ସ୍ଲିପ୍ ଆଣିବାକୁ ଯାଇଥିଲେ। ସେଠାରୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ପରିବାର ଲୋକେ ଓ ଗ୍ରାମବାସୀ ମୃତଦେହକୁ ଡାକ୍ତରଖାନାରୁ ଜବରଦସ୍ତ ନେଇ ଯିବାକୁ ଚେଷ୍ଟା କରିଥିଲେ। ମେଡିକାଲ ସୁରକ୍ଷାକର୍ମୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଏଥିରେ ଜଣେ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ଏହାପରେ ପରିବାର ଲୋକେ, ଗ୍ରାମବାସୀ ଓ ଅନ୍ୟ ଟ୍ରକ୍ ଚାଳକମାନେ ମୃତଦେହ ଖଣି ସମ୍ମୁଖରେ ରଖି ନିଯୁକ୍ତି, କ୍ଷତିପୂରଣ ଦାବିରେ ଖଣି ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ଚାପା ଉତ୍ତେଜନା ଲାଗିରହିଛି।


ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରୁ ଜୋର୍‌କରି ମୃତଦେହ ଗ୍ରାମବାସୀ ନେଇଯାଉଛନ୍ତି।

# ପାରିବାରିକ କଳହରୁ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଖମାର,୧୨।୧୦(ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାର ଥାନା ସାଆନ୍ଦା ଗ୍ରାମରେ ଶନିବାର ପାରିବାରିକ କଳହକୁ ନେଇ ଆତ୍ମହତ୍ୟା ଉଦ୍ୟମ ବେଳେ ସ୍ୱାମୀ ବାପୁନ ସାହୁଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଲିଜିଲି ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଜାଆଙ୍ଗୁ ଗ୍ରାମର ବାପୁନ ଶ୍ୱଶୁର ଘର ସାଆନ୍ଦାରେ ରହୁଥିଲେ। ଶନିବାର ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏହାପରେ ଦୁହେଁ ବେକରେ ଦଉଡ଼ି ଲଗାଇ ଝୁଲି ପଡ଼ିଥିଲେ। ଲିଜିଲିଙ୍କ ଭଉଣୀ ସରସ୍ୱତୀ ସାହୁ ଉଭୟଙ୍କୁ ଉଦ୍ଧାର କରିବା ବେଳକୁ ବାପୁନଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଲିଜିଲିଙ୍କ ଅବସ୍ଥା ଗୁରୁତର ଥିଲା। ତୁରନ୍ତ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପୋଲିସ ପହଞ୍ଚି ବାପୁନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଅଧିକ ତଦନ୍ତ ଜାରିରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ଜଣଙ୍କ ଜୀବନଗଲା

ଟାଙ୍ଗୀ,୧୨।୧୦(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ବଢ଼ିଚାଲିଛି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଆସି ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରକି ଘର ଓ ପାଚେରି ଭାଙ୍ଗୁଛନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ରବିବାର ଭୋବରା ହରିଚନ୍ଦନପୁର ଗ୍ରାମକୁ ପଶିଆସିଥିବା ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନ ଯାଇଛି। ମୃତକ ହେଲେ ଏହି ଗ୍ରାମର ମନ୍ମଥ ପ୍ରଧାନ(୪୧)।


ମନ୍ମଥ ପ୍ରଧାନ

ସୂଚନା ମୁତାବକ, ରବିବାର ଭୋରୁ ମନ୍ମଥ ପାଇଖାନାକୁ ଯାଉଥିବା ବେଳେ ସାରୁବାଡ଼ି ନିକଟରେ ଥିବା ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ହାତୀଟି ମନ୍ମଥଙ୍କୁ ଆକ୍ରମଣ କରିବା ସହ ଗୋଡ଼ରେ ଦଳିଚକଟି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହାତୀର ଗର୍ଜନ ଶୁଣି ଗ୍ରାମବାସୀ ପହଞ୍ଚି ତାକୁ ଘଉଡ଼ାଇଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଗ୍ରାମବାସୀ ବନ ବିଭାଗର ଅବହେଳାକୁ ଦାୟୀ କରିବା ସହ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।

# ୧୦ ଘର ଭାଙ୍ଗିଲେ ହାତୀ

## ବେନ୍ତପୁର ଅଞ୍ଚଳରେ ବଢୁଛି ଉପଦ୍ରବ

ଅନୁଗୋଳ,୧୨।୧୦(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହର ଉପକଣ୍ଠ ବେନ୍ତପୁର ଅଞ୍ଚଳରେ ବଢୁଛି ହାତୀ ଉପଦ୍ରବ। କିଛିଦିନ ହେଲା ଏକ ୪୫ ଟିକିଆ ହାତୀପଲ ଏହି ଅଞ୍ଚଳରେ ରହି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଶନିବାର ବିଳମ୍ବିତ ରାତିରେ ହାତୀପଲ ବେନ୍ତପୁର ମୁଣ୍ଡହତା ସାହିରେ ପଶି ବ୍ୟାପକ ଫସଲ ନଷ୍ଟ କରିବା ସହ ଏକ ବଳଦର ଜୀବନ ନେଇଛନ୍ତି। ବାରସିଙ୍ଗା ଗାଁରେ ପଶି ଏକ ଗୋଠଛଡ଼ା ଦନ୍ତା ୧୦ରୁ ଅଧିକ ଘର ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ, ୪୫ ଟିକିଆ ହାତୀପଲ ଶୁକ୍ରବାର ରାତିରେ ଗୋପୀନାଥପୁର ପଦ୍ମପାଦ ମଠ ଅଞ୍ଚଳରୁ ଯାଇ ବେନ୍ତପୁର ଗାଁ ମୁଣ୍ଡ ଜାତୀୟ ରାଜପଥ ବାଇପାସ୍‌ରେ ଅଟକିରହିଥିଲେ। ଅନୁଗୋଳ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ଅଭିମୁଖେ ହାତୀଙ୍କୁ ଘଉଡ଼ାଯାଉଥିବା ବେଳେ ତାଳଚେର ବନାଞ୍ଚଳ ପକ୍ଷରୁ ହାତୀର ଗତିପଥ ଅବରୋଧ କରାଯାଉଥିବା ବେନ୍ତପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଶନିବାର ଦିନ ତମାମ ହାତୀ ଗାଁ ପାଖ ଅଞ୍ଚଳରେ ରହିଥିବା ବେଳେ ସନ୍ଧ୍ୟାରେ ଧାନ କ୍ଷେତରେ ପଶି ଶତାଧିକ ଏକରରେ ଫସଲ ଦଳି ନଷ୍ଟ କରିଦେଇଛନ୍ତି। ରାତି ପ୍ରାୟ ୧ଟାରେ ମୁଣ୍ଡହତା ସାହିରେ ପଶି ଅଞ୍ଜଳି ନାଏକଙ୍କ ଘର ଭାଙ୍ଗିଦେଇଥିଲେ। ରୂପରାଜ ନାଏକଙ୍କ ଗୁହାଳେ ବନ୍ଧା ହୋଇଥିବା ଏକ ବଳଦକୁ ଟେକି କଚାଡ଼ି ମାରିଦେଇଥିଲେ। ସୁନିତା ନାଏକ, ନବ ନାଏକ ପ୍ରମୁଖଙ୍କ ଘର ଭାଙ୍ଗି ଦେଇଥିଲେ। ସେହିପରି ବାରସିଙ୍ଗା ଗ୍ରାମର ପ୍ରସନ୍ନ ସାହୁଙ୍କ ୨ ଏକର, ଦୀନବନ୍ଧୁ ସାହୁଙ୍କ ୨ ଏକର, ଦୁଃଶାସନ ସାହୁଙ୍କ ୧ ଏକର, ଆର୍ତ୍ତତ୍ରଣ ସାହୁ, ସୁଶାନ୍ତ ସାହୁ, ଫକୀର ସାହୁ, ଗଗନ ସାହୁ ଓ ଗ୍ରାମର ଅନ୍ୟ କେତେଜଣ ଚାଷୀଙ୍କ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଗାଁ ମନ୍ଦିରର ଘୋଡ଼ା ଓ ପୋଖରୀ ପାହାଚ ଭାଙ୍ଗି ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ରବିବାର ସକାଳେ ପୁଣି ଏହି ହାତୀପଲ କାଙ୍ଗୁଳା ଶିବ ମନ୍ଦିର ପାଖକୁ ଚାଲି ଆସିଥିବା ବେଳେ ସହରାଭିମୁଖୀ ହେଉଥିବା ଦେଖାଯାଇଛି। ଗୋଟିକିଆ ଗୋଠଛଡ଼ା ଦନ୍ତା ଦିନ ତମାମ ବାରସିଙ୍ଗାରେ ରହିଥିବା ବେଳେ ଗ୍ରାମବାସୀ ବନବିଭାଗ ଗାଡିକୁ ଅଟକ ରଖିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ବୁଝାଶୁଝା କରିଥିବା ଜଣାପଡ଼ିଛି।



ହାତୀ ଭାଙ୍ଗିଦେଇଥିବା ଘର।

# କୁମଣ୍ଡରେ ମଦ ବିରୋଧୀ ଅଭିଯାନ

## ଗାଁ ବୁଲି ସଚେତନ କଲେ ସହସ୍ରାଧିକ ମହିଳା ପୁରୁଷ


ମହିଳା ପୁରୁଷମାନେ ଗାଁରେ ଶୋଭାଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି।

ଅନୁଗୋଳ,୧୨।୧୦(ଦିବ୍ୟଶାନ୍ତନୁ ନାଥ)

ନିଶା ସେବନ ଯୋଗୁ ଆପରାଧିକ କାର୍ଯ୍ୟକଳାପ ବଢୁଛି। ସମାଜ ପଥଭ୍ରଷ୍ଟ ହେଉଥିବାବେଳେ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ତେଣୁ ମଦ୍ୟପାନ ଠାରୁ ଦୂରେଇ ରହିବାକୁ ଅନୁଗୋଳ ଜିଲା କୁମଣ୍ଡ ଗ୍ରାମର ମହିଳାମାନେ ରବିବାର ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରିଛନ୍ତି।

ସୂଚନା ଅନୁଯାୟୀ, କୁମଣ୍ଡ ଗାଁର ମହିଳା ପୁରୁଷମାନେ ଏକତ୍ରିତ ହୋଇ ଗାଁରେ ମଦ ବିକ୍ରି ଉପରେ ପୂର୍ବରୁ କଟକଣା ଲଗାଇଥିଲେ। ଏପରି କି ଗାଁର କୌଣସି ବ୍ୟକ୍ତି ମଦ ବିକ୍ରି କଲେ କିମ୍ବା ମଦ ପିଇ ବିଶୃଙ୍ଖଳା ସୃଷ୍ଟିକଲେ ଜରିମନା ଦେବାକୁ ନିୟମ କରିଥିଲେ। ତେଣୁ ଏ ଦିଗରେ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ମହିଳା ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଶୋଭାଯାତ୍ରାରେ ଗ୍ରାମ ସଭାପତି ପ୍ରଭାକର ସାହୁ, ସରପଞ୍ଚ ସନ୍ତୋଷିନୀ ଦେହୁରୀ, ପରିଚାଳନା କମିଟି ସମ୍ପାଦକ ସାର୍ଥକ ନାୟକ, ସମସ୍ତ ମହିଳା ସଂଘ, ସାହୁପଡ଼ା ବଣିକ ସଂଘ, କୁମଣ୍ଡ ଯୁବ କମିଟି, ସ୍ୱାସ ବଏଜ ପୂଜା କମିଟି ଏହାକୁ ସମର୍ଥନ କରିଥିଲେ।

# ବିଚାର ବିଭାଗୀୟ ତଦନ୍ତ ଦାବିକଲା ଏସ୍‌ଏଫ୍‌ଆଇ

## ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

ଭୁବନେଶ୍ୱର,୧୨।୧୦(ବନ୍ଦନା ସେଠୀ)

ପଶ୍ଚିମବଙ୍ଗ ଦୁର୍ଗାପୁରସ୍ଥିତ ଏକ ଘରୋଇ ମେଡିକାଲ କଲେଜରେ ପଢୁଥିବା ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ଷ୍ଟୁଡେଣ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ନିନ୍ଦା କରାଯାଇଛି। ଏହି ହୃଦୟବିଦାରକ ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋର ଶାସ୍ତି ଦିଆଯିବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଦାବି କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ଚନ୍ଦନ କମିଲା କହିଛନ୍ତି, ଏହି ଘଟଣା ସମଗ୍ର ନାରୀ ଓ ଶିକ୍ଷା ପରିବେଶ ଉପରେ ଆଘାତ ଆଣିଛି। ଏଥିସହ ଏହା ଆମ ସମାଜର ଗଭୀର ଲିଙ୍ଗଭିତ୍ତିକ ମନୋଭାବ ଓ ଶାସନ ବ୍ୟବସ୍ଥାର ଅସଫଳତାକୁ ପ୍ରକାଶ କରିଛି। ରାଜ୍ୟ ପ୍ରଶାସନ ଓ ପୋଲିସ ବ୍ୟବସ୍ଥାର ଅପାରଗତା ଏଭଳି ଅପରାଧୀମାନଙ୍କୁ ଆଶ୍ରୟ ଦେଉଛି। ସରକାର ଯଥାଶୀଘ୍ର ଏ ଦିଗରେ କୌଣସି ପଦକ୍ଷେପ ନ ନେଲେ ଏସ୍‌ଏଫ୍‌ଆଇ ପକ୍ଷରୁ ବଡ଼ ଧରଣର ବିକ୍ଷୋଭ କରାଯିବ ବୋଲି ରାଜ୍ୟ ସଭାପତି ଚନ୍ଦନଙ୍କ ସହ ରାଜ୍ୟ କୋଷାଧ୍ୟକ୍ଷ କମ୍ରେଡ ରାକ୍ଷୀ ସ୍ୱାଇଁ, ରାଜ୍ୟ ଉପଦେଷ୍ଟା ପ୍ରଫେସର ସୁରେନ୍ଦ୍ର କୁମାର ଜେନା, ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି।

# ଆଜି ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ

ପ୍ରତିବର୍ଷ ଅକ୍ଟୋବର ୧୩କୁ 'ୱାର୍ଲ୍ଡ କାଲାମିଟି କଣ୍ଟ୍ରୋଲ ଡେ' ବା ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ପ୍ରାକୃତିକ ହେଉ ଅବା ମାନବୀୟ କାର୍ଯ୍ୟକଳାପ ଯୋଗୁ ବିପର୍ଯ୍ୟୟ ହେଲେ କ୍ଷୟକ୍ଷତି ହେବା ସୁନିଶ୍ଚିତ। ବିପର୍ଯ୍ୟୟ ଉଭୟ ମଣିଷ ଏବଂ ଜୀବଜନ୍ତୁଙ୍କ ପାଇଁ ଘୋର ବିପଦ ନେଇ ଆସିଥାଏ। ତେଣୁ ବିପର୍ଯ୍ୟୟ ସହିତ ଯୋଡି ହୋଇଥିବା ସମସ୍ୟାକୁ ରୋକିବା ଏବଂ ଏହାର ମୁକାବିଲା କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ ପାଳନ କରାଯାଉଛି। ୧୯୮୯ରେ ସଂଯୁକ୍ତ ରାଷ୍ଟ୍ର ମହାସଭା ଦ୍ୱାରା ଏହି ଦିବସ ପାଳନ ଆରମ୍ଭ କରାଯାଇଥିଲା। ପ୍ରଥମେ ପ୍ରତିବର୍ଷ ଅକ୍ଟୋବର ଦ୍ୱିତୀୟ ବୁଧବାରଦିନ ଏହି ଦିବସ ପାଳନ କରାଯାଉଥିଲା। ତେବେ ୨୦୦୯ ଡିସେମ୍ବର ୨୧ରେ ଏଥିରେ ପରିବର୍ତ୍ତନ ଅଣାଯାଇ ଅକ୍ଟୋବର ୧୩କୁ ଦିବସ ପାଳନ ପାଇଁ ଧାର୍ଯ୍ୟ କରାଯାଇଛି। ପ୍ରାକୃତିକ ତଥା ମାନବୀୟ କାର୍ଯ୍ୟକଳାପ ପାଇଁ ସୃଷ୍ଟି ହେଉଥିବା ବିପର୍ଯ୍ୟୟର ଭୟାବହତାକୁ କିଭଳି ରୋକାଯାଇପାରିବ ତାହା ସମାଧାନ କ୍ଷେତ୍ରରେ ଏହି ଦିବସଟି ବେଶ୍ ଗୁରୁତ୍ୱ ବହନ କରୁଛି।



–ବନ୍ଦନା ସେଠୀ, ଭୁବନେଶ୍ୱର




# କୋଣାର୍କ ମନ୍ଦିର ନିର୍ମାଣ ପାଇଁ ଓଡ୍ର ଭୂଖଣ୍ଡରୁ ସମସ୍ତ ଶିଳ୍ପୀ ସଂଗ୍ରହ ହୋଇଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଗତ ସଂଖ୍ୟାରେ ଶିଳ୍ପୀ ନାୟକ ଗଦାଧରଙ୍କ ତେରଟି ଅବଦାନ ସ୍ମରଣ କରିଥିଲେ। ମନ୍ଦିରର ଖୁଣ୍ଟିଗୁଡ଼ିକ କାରୁକାର୍ଯ୍ୟପୂର୍ଣ୍ଣ ଥିଲା। ଖୁଣ୍ଟିର ଖୋଦେଇ କାମ ସାରିବା ପରେ 'ଅରୁଣସ୍ତମ୍ଭ ନିର୍ମାଣ ହୋଇଥିଲା। ଯାହା ଏବେ ଶ୍ରୀମନ୍ଦିରର ସିଂହଦ୍ୱାର ସାମ୍ନାରେ ଅବସ୍ଥିତ। ମୁଗୁନି ପଥରରେ ଦେବୀ ରାମଚଣ୍ଡୀଙ୍କ ବିଗ୍ରହ ଶିଖରରେ ଲାଗିବା ପାଇଁ ଗଦାଧର ପ୍ରସ୍ତୁତ କରିଥିଲେ। ତାହା ଲାଗିଥିଲା। ବର୍ତ୍ତମାନ ବାସ୍ତବରେ ସେ ବିଗ୍ରହ କେଉଁଠି ଅଛନ୍ତି, ସ୍ପଷ୍ଟ ହେଉ ନାହିଁ। ସମ୍ଭାବନା ହୁଏ ବ୍ରିଟିଶ ସଂଗ୍ରହାଳୟକୁ ତାହା ସ୍ଥାନାନ୍ତରିତ ହୋଇଯାଇଛି।

ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ନିରବଚ୍ଛିନ୍ନ ଭାବରେ ମନ୍ଦିର ଶେଷ ପର୍ଯ୍ୟନ୍ତ ଗତି କରି ଚାଲିଥିଲା। କେଉଁଠି ପଥୁରିଆ ସହଯୋଗୀ ଥିଲେ ତ କେଉଁଠି ପାଇକିଆଳ। ସବୁଠାରୁ ଅଧିକ ପାଇକିଆଳ ତାଙ୍କୁ ସହଯୋଗ କରିଥିଲେ ନାଟଦେଉଳର ପୀଠ ନିର୍ମାଣ ସମୟରେ।

## ବିଶୁ ମହାରଣାଙ୍କ ଗାଁ ଥିଲା ନୂଆଗଡ଼

ଆମେ ଜାଣୁ ଶ୍ରୀପଦ୍ମକେଶର ମନ୍ଦିରର ସିଂହଦ୍ୱାରରେ କବାଟ ଢାଞ୍ଚାରେ ବାଲିପଥର ଖଞ୍ଜାଯାଇଥିଲା। ଯିଏ ଦେଖିବ ଭାବିବ ପଥରର କବାଟ ଲାଗିଛି। ଶିବେଇ ସାନ୍ତରା ନିର୍ଭର କଲେ ଗଦାଧରଙ୍କ ଉପରେ। ସେ କେବେ କୌଣସି କାମରେ ପଛଘୁଞ୍ଚା ଦେବାର ବିବରଣୀ ମିଳୁ ନାହିଁ। ସେ ହଁ କଲେ, କହିଲେ ଯୋଗୀ ମହାରଣା ମୋ ସହିତ ରହିବେ। ତାହା ହିଁ ହେଲା।

ଆମେ ମୁଖଶାଳାର ଦୁଆରବନ୍ଧ କାରୁକାର୍ଯ୍ୟ ଦେଖି ଆମୋଦିତ ହେଉଛେ। ଅଠରଦିନ ଲାଗିଥିଲା ଶିଳ୍ପୀ ଗଦାଧରଙ୍କୁ। ରାମ ମହାରଣାଙ୍କୁ ସାଙ୍ଗରେ ନେଇଥିଲେ। ଦଶଜଣ ପଥୁରିଆ ସହଯୋଗ କରିଥିଲେ। ଏବେ ଶିଳ୍ପୀ ନାୟକଙ୍କର କୋଡ଼ିଏଟି ସ୍ମରଣୀୟ କାର୍ଯ୍ୟର ସବିଶେଷ ଜାଣିଲେ। ବିଗ୍ରହ ନିର୍ମାଣଠାରୁ ସୂକ୍ଷ୍ମକାର୍ଯ୍ୟ ପର୍ଯ୍ୟନ୍ତ ଓଡ଼ିଶାର ସ୍ମରଣୀୟ ଶିଳ୍ପୀ ଗଦାଧର କରିଥିଲେ।


ବିଶୁ ମହାରଣା ଗାଁ ୧୬୨୬ରେ ସୁନାମି କବଳିତ ହେବାପରେ ଗାଁର ପ୍ରାଚୀନ ଦେବୀଙ୍କ ନାରଖାର ଅବସ୍ଥା। **(ଫଟୋ: ହରିଶ ଚନ୍ଦ୍ର ଦାଶ, କୋଣାର୍କ)**

ତାଙ୍କୁ ଯେଉଁମାନେ ସହଯୋଗ କରିଥିଲେ ସେମାନେ ଓଡ଼ିଶାର ଶିଳ୍ପୀ ଏବଂ ଓଡ଼ିଶାର ପଥୁରିଆ ତଥା ପାଇକିଆଳ। କେଉଁଠୁ ଆଣିଲେ ତାହାର ଶିଳ୍ପୀଙ୍କୁ ଇତିହାସକାର!!

ପ୍ରତ୍ୟେକ କାର୍ଯ୍ୟ କିଏ କରିଥିଲେ, କେତେ ଦିନରେ କରିଥିଲେ, କ'ଣ ପାଉଣା ନେଇଥିଲେ ତା'ର ପୋଥିପ୍ରମାଣ ଆମେ ପାଉଛେ, କେବଳ ଓଡ଼ିଆଙ୍କ ମନରେ ହୀନମନ୍ୟତା ସୃଷ୍ଟି କରିବା। ଗୌରବପୂର୍ଣ୍ଣ କାର୍ଯ୍ୟରୁ ଓଡ଼ିଆଙ୍କୁ ଦୂରେଇ ଦେବାକୁ ଯୋଜନାବଦ୍ଧ ଭାବରେ ଅଭିସନ୍ଧି ମୂଳକ ବର୍ଣ୍ଣନା କରାଯାଇଛି।

ଶିଳ୍ପୀ ନାୟକ ଗଦାଧରଙ୍କ ଗାଁ ଠାବ କରିବା ପ୍ରୟାସ ଆମର ଅବ୍ୟାହତ ରହିଛି। ଗଦାଧରଙ୍କ ଦୁଇ ପୁଅ ଥିଲେ। ଜଣଙ୍କ ନାମ ବିଶ୍ୱନାଥ ମହାପାତ୍ର, ଆଉ ଜଣଙ୍କ ନାମ କୁନାମ ମହାପାତ୍ର। କୁନା ଶବ୍ଦ ତାଙ୍କର ଡାକନାମ କି କାଗଜପତ୍ର ନାମ ଜଣାପଡୁନି। ଦୁହେଁ ଥିଲେ କରିତକର୍ମା ଶିଳ୍ପୀ। ଏଇ ଦି ଜଣ ମଗର ମୂର୍ତ୍ତି ନିର୍ମାଣ କରିଥିଲେ। ଦିହେଁ ୨୫ ମାଢ଼ ସୁନା ନେବା କଥା। ସେମାନେ ଏକାଧିକ ମଗରମୂର୍ତ୍ତି କରିଥିବେ ବିଶ୍ୱାସ।

ଗଦାଧର ମହାପାତ୍ରଙ୍କ ପରି ଆଉ ଜଣେ ଶିଳ୍ପୀ ଥିଲେ ଗଦାଧର ମହାରଣା। କାର୍ଯ୍ୟ ଦୃଷ୍ଟିରୁ ଦୁହେଁ ଅଲଗା ଅଲଗା ଲୋକ। କାମ ମଧ୍ୟ ଅଲଗା। ଗଦାଧର ମହାପାତ୍ର ଅସୁସ୍ଥ ହୋଇ ଗାଁକୁ ଫେରିବା କଥା ବର୍ଣ୍ଣନା ନାହିଁ। ଥିଲେ ଗାଁର ଠିକଣା ମିଳିଥାନ୍ତା। ଯେମିତି ବିଶୁ ମହାରଣା ଅସୁସ୍ଥ ହୋଇ ଶଗଡ଼ ଗାଡ଼ିରେ ଗାଁକୁ ଯାଇଥିଲେ। ତାଙ୍କ ଗାଁ 'ନୂଆଗଡ଼' ବୋଲି ଉଲ୍ଲେଖ ଅଛି। ନୂଆଗଡ଼ର ବିଶୁ ମହାରଣା ତାଙ୍କର ସମସ୍ତ ବାକିଆ ପାଉଣା ନେଇ ଗାଁକୁ ଯିବା ପରେ ଆଉ ଫେରିବା କଥା ଆମେ ପାଇନାହୁଁ।


ସ୍ମରଣଯୋଗ୍ୟ ଯେ, ଶିଳ୍ପୀ ଗଦାଧରଙ୍କୁ ଉପାଧି ଦିଆଯିବା ପରେ ଆଉ ଚାରିଜଣଙ୍କୁ ଭୁବନେଶ୍ୱର ରାଜଗୁରୁ ଆମନ୍ତ୍ରଣ କରିଥିଲେ। ସେମାନେ ହେଲେ ଧର୍ମ ପାଇକରାୟ, ରାଘବ ପାଇକରାୟ, ଦିନୁ ପାଇକରାୟ ଓ ଈଶାନ୍ ମହାପାତ୍ର। ଏମାନେ ସମସ୍ତେ ଓଡ୍ର ଭୂଖଣ୍ଡର ପରିଭ୍ରମଣ କରି ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ଶିଳ୍ପୀ ସଂଗ୍ରହ କରିଥିଲେ। ରାଜଗୁରୁ ଏମାନଙ୍କ ମୁଣ୍ଡରେ ଶାଢ଼ି ବାନ୍ଧି ସମ୍ମାନିତ କରିଥିଲେ। ଏହା ଲେଖିବାର ପ୍ରସଙ୍ଗ ଅନୁମେୟ। ସେମାନେ କେବଳ 'ଓଡ୍ର ଭୂଖଣ୍ଡ' ବୋଲି ଲେଖାଯାଇଛି।

# ଟାୱାର ଯାଞ୍ଚ ସହ ଚାଲିଛି ତଥ୍ୟ ଡାଟା ଆନାଲିସିସ୍

**ପୀତବାସ ପଣ୍ଡା ହତ୍ୟା ମାମଲା**

**ରାଜ୍ୟ ବାହାରେ ଦୁଇଟି ଟିମ୍**

ବ୍ରହ୍ମପୁର,୧୨।୧୦(ସୁବାସ ଚନ୍ଦ୍ର ପାଢ଼ୀ)



ବରିଷ୍ଠ ଆଇନଜୀବୀ ତଥା ଭାଜପା ସଦସ୍ୟ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ରବିବାର ୭ ଦିନ ପୂରିଛି। ପୋଲିସ ଇତିମଧ୍ୟରେ ବ୍ରହ୍ମପୁର ସହର ତଥା ଗଞ୍ଜାମ ଜିଲାର ବିଭିନ୍ନ ଅଞ୍ଚଳରୁ ୭୦ରୁ ଅଧିକ ଲୋକଙ୍କୁ ସନ୍ଦେହରେ ଡାକି ହତ୍ୟାକାଣ୍ଡରେ ସେମାନଙ୍କ ସଂପୃକ୍ତି ଅଛି କି ନାହିଁ ଜାଣିବା ପାଇଁ ପଚରାଉଚରା କରିସାରିଲାଣି। ସେମାନଙ୍କ ମଧ୍ୟରେ କେତେଜଣ ନେତା, ପୋଲିସ ଓ ମାଫିଆ ଅଛନ୍ତି। ପୀତବାସଙ୍କ ମୋବାଇଲକୁ ବର୍ଷକ ମଧ୍ୟରେ କେଉଁମାନେ ଫୋନ କରିଥିଲେ, କ'ଣ ସବୁ କଥା ହୋଇଥିଲେ ତାହାର ରେକର୍ଡ ପୋଲିସ ଯାଞ୍ଚ କରୁଛି। ପଚରାଉଚରା ବେଳେ ଘଟଣା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୋଲିସର ହସ୍ତଗତ ହୋଇଛି। ବ୍ରହ୍ମପୁର ସହର, ସହର ବାହାରେ ଘଟଣାର କିଛି ଲିଙ୍କ୍ ରହିଛି କି ନାହିଁ ସେ ଦିଗରେ ମଧ୍ୟ ଛାନ୍‌ଭିନ୍ ଚାଲିଛି। ସୁପାରିକିଲରଙ୍କ ଦ୍ୱାରା ପୀତବାସଙ୍କୁ ହତ୍ୟା କରାଯାଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଏହା ମୂଳରେ କିଏ ରହିଛନ୍ତି, ସେ ଦିଗରେ ତଦନ୍ତ କରାଯାଉଛି। ଏହି ସୁପରିକଳ୍ପିତ ହତ୍ୟା ଘଟଣାରେ ସହର ସମେତ କେତେକ ବାହାର ରାଜ୍ୟର ମୋବାଇଲ ଟାୱାରରୁ ପୋଲିସ ଡାଟା ସଂଗ୍ରହ କରି ଅପରାଧୀଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି। ଅପରାଧୀଙ୍କ ସମ୍ପର୍କରେ ଅନେକ ତଥ୍ୟ ହସ୍ତଗତ ହୋଇଛି। ତଥ୍ୟ ଡାଟା ଆନାଲିସିସ୍ କରାଯାଉଛି। ଏକାଧିକ ଟାୱାର ଯାଞ୍ଚ କରାଯାଇଛି। ଦୁଇଟି ଟିମ୍ ରାଜ୍ୟ ବାହାରେ ରହି ଟାୱାର ଡାଟା ଆନାଲିସିସ କରୁଛନ୍ତି। ତଦନ୍ତ ବେଳେ ଯେଉଁ ସବୁ ତଥ୍ୟ ପୋଲିସ ନଜରକୁ ଆସୁଛି, ତାହାରି ଆଧାରରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ଡାକି ଘଟଣାରେ ସେମାନଙ୍କର ଲିଙ୍କ୍ ରହିଛି ନା ନାହିଁ ଟିମରେ ଥିବା ବହୁ ବରିଷ୍ଠ ପୋଲିସ ଅଧିକାରୀ ଖୋଳତାଡ଼ କରୁଛନ୍ତି।

ଗୋଟିଏ ପଟେ ପୀତବାସଙ୍କ ହତ୍ୟାକାରୀଙ୍କୁ ଧରିବାରେ ବିଳମ୍ବକୁ ନେଇ କୌଣସି ରାଜନୈତିକ ଦଳ ପକ୍ଷରୁ ଜୋର୍ ଦିଆଯାଉ ନ ଥିବାରୁ ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଉଛି। ବହୁ କୋଟି ଟଙ୍କାର ଜମି କାରବାର, ବାଲିଘାଟ ବିବାଦ ନା ପୀତବାସଙ୍କ ଲୋକପ୍ରିୟତା ଅନ୍ୟକୁ ଅସହ୍ୟ ହେବାରୁ ତାଙ୍କୁ ହତ୍ୟା କରାଗଲା , ତାହା ଅଭିଯୁକ୍ତ ଧରାପଡିଲେ ତାହା ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ଗତ ୬ ତାରିଖ ରାତି ୧୦ଟାରେ ଆଇନଜୀବୀ ପୀତବାସ ନିଜ ଅଫିସ ଚାମ୍ବରରୁ କାମସାରି ବୈକୁଣ୍ଠନଗରସ୍ଥିତ ଘରକୁ ସ୍କୁଟିରେ ଫେରୁଥିଲେ। ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଘର ନିକଟରେ ଗୁଳି କରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ପୀତବାସଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନଦୀ କୂଳରେ ମୃତଦେହ, ହତ୍ୟା ଅଭିଯୋଗ

- ଫୁଲ ତୋଳିବାକୁ ଯାଇ ଫେରିଲେନି
- ଗୋଟିଏ ପରିବାରର ସମସ୍ତଙ୍କୁ ଉଠାଇ ନେଲା ପୋଲିସ

ଚିକିଟି,୧୨।୧୦(ପ୍ରକାଶ ଚନ୍ଦ୍ର ସାହୁ )



ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

ଗଞ୍ଜାମ ଜିଲା କେ. ନୂଆଗାଁ ଥାନା ନୂଆପଡ଼ା ଗ୍ରାମ ଚାରିଆପଡ଼ା ସାହିର ଜଣେ ବ୍ୟକ୍ତିଙ୍କ ମୃତଦେହ ବାହୁଦା ନଦୀ କୂଳ ପଠାରୁ ଜବତ ହୋଇଛି। ସେ ହେଲେ ଉକ୍ତ ସାହିର ନାରାୟଣ ପ୍ରଧାନ (୫୯)। ମୃତକଙ୍କ ପୁଅଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ. ୩୫୩/୨୫) ରୁଜୁ କରିଛି। ପୋଲିସ, ସାଇଣ୍ଟିଫିକ୍‌ଟିମ୍ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଚଳାଇଛନ୍ତି।

ଖବରରୁ ଜଣାପଡିଛି, ନାରାୟଣ ଦିନ ମଜୁରିଆ ଭାବେ କାମକରି ପରିବାର ଚଳାଉଥିଲେ। କୌଣସି କାରଣରୁ ସେ ପରିବାରଠାରୁ ଅଲଗା ହୋଇ ନଦୀ ପଠାରେ ଏକ ବଗିଚା କରି ସେଥିରେ ଫୁଲ ଚାଷ କରୁଥିଲେ। ଫୁଲ ବିକ୍ରି କରି ପ୍ରାପ୍ତ ଅର୍ଥରେ ଚଳୁଥିଲେ। ପ୍ରତିଦିନ ଭଳି ରବିବାର ଭୋରରୁ ନାରାୟଣ ସେଠାକୁ ଫୁଲ ତୋଳିବାକୁ ଯାଇଥିଲେ। ହେଲେ ସେ ଫେରି ନ ଥିଲେ। ନଦୀପଠାରେ ତାଙ୍କର ପୋଷାକ ଥିବା ବେଳେ ତାଙ୍କ ମୃତଦେହ ନଦୀ ପାଣିରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ଦେଖି କେତେଜଣ ଲୋକ ନୂଆପଡ଼ା ପୋଲିସକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ନାରାୟଣଙ୍କୁ ଚିହ୍ନଟ କରିଥିଲେ।

ଅପରପକ୍ଷରେ ବାପାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନାରାୟଣଙ୍କ ପୁଅ ଶିବ ପ୍ରଧାନ କେ. ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଥାନା ଅଧିକାରୀ କିଶୋର ସାମଲ ଗ୍ରାମରେ ପହଞ୍ଚି ସେହି ସାହିର ଗୋଟିଏ ପରିବାରର ସମସ୍ତଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଖୁବଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ ବୋଲି ସାମଲ କହିଛନ୍ତି। ସୂଚନାଯୋଗ୍ୟ ନାରାୟଣ ଗତ କିଛିଦିନ ତଳେ ସାହିର ଜଣେ ବ୍ୟକ୍ତିଙ୍କ ଘରେ ପଶି ତାଙ୍କ ନାବାଳିକାଙ୍କୁ ଅସଦାଚରଣ କରିଥିଲେ । ଏଥିରେ ଉତ୍ତେଜିତ ହୋଇ ନାବାଳିକାଙ୍କ ପରିବାର ଲୋକେ ଓ ତାଙ୍କ ସମ୍ପର୍କୀୟ ନାରାୟଣଙ୍କୁ ମାରପିଟ୍ କରିବା ସହ ଧମକଚମକ ଦେଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଟେଲର ମାଷ୍ଟରଙ୍କୁ ଗଳାକାଟି ହତ୍ୟା

ଅତାବିରା/ଗୋଡ଼ଭଗା, ୧୨।୧୦
(ଯୁଧିଷ୍ଠିର ମହାପାତ୍ର /ସୁରେଶ ଦାଶ )



ସାଇଣ୍ଟିଫିକ ଟିମ୍‌ର ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ ଚାଲିଛି।

ବରଗଡ଼ ଜିଲା ଅତାବିରା ଥାନା ତଥା ଗୋଡ଼ଭଗା ଫାଣ୍ଡି ଅଧୀନ ସତୀଯୋର ନିକଟରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କପଡ଼ା ସିଲେଇ କରି ପରିବାର ପ୍ରତିପୋଷଣ କରୁଥିବା ଜଣେ ଟେଲର ମାଷ୍ଟରଙ୍କୁ ଗଳାକାଟି ହତ୍ୟା କରାଯାଇଛି। ସେ ହେଲେ ବରାହଗୋଡ଼ା ଗ୍ରାମ ଗୌରାଙ୍ଗ ଟିକ୍ରାରେ ରହୁଥିବା ମହାଦେବ ସାହୁ(୫୫)। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ମୃତକଙ୍କ ଶାଳକ ପ୍ରମୋଦ ଗଡ଼ତିଆଙ୍କ ଏତଲା କ୍ରମେ ଅତାବିରା ଥାନା ପୋଲିସ ଏକ ହତ୍ୟା (ନଂ.୩୭୭/୨୫) ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ମୃତକଙ୍କ ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ସକାଳ ୯ଟାରେ ମହାଦେବ ଜଣେ ଅଜଣା ବ୍ୟକ୍ତିଙ୍କ ସହ ବାଇକ୍‌ରେ ସମ୍ବଲପୁର ଯାଉଛି ବୋଲି କହି ବାହାରକୁ ଯାଇଥିଲେ। ଏହାପରେ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ରବିବାର ସକାଳେ ସତୀଯୋର ନିକଟ ୫୩ ନମ୍ବର ସମ୍ବଲପୁର – ବରଗଡ଼ ଜାତୀୟ ରାଜପଥ କଡ଼ରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ନେଇ ଖବର ମିଳିଥିଲା। ପୋଲିସ ଦ୍ୱାରା ଖବର ପାଇ ମୃତକଙ୍କ ଭାଇ ଯୁଧିଷ୍ଠିର ସାହୁ ଓ ଶାଳକ ଘଟଣାସ୍ଥଳକୁ ପହଞ୍ଚି ମହାଦେବଙ୍କୁ ଚିହ୍ନଟ କରିଥିଲେ। ଘଟଣାସ୍ଥଳରେ ଅତାବିରା ଓ ଗୋଡଭଗା ପୋଲିସ ସହ ସମ୍ବଲପୁର ସାଇଣ୍ଟିଫିକ୍ ଟିମ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ କରିଥିଲେ। ମହାଦେବଙ୍କ ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରି କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ମୃତକଙ୍କ ପରିବାର ଲୋକେ ପୋଲିସ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ପୋଲିସ ମହାଦେବଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି ବୋଲି ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି।

# ପରକୀୟା ପ୍ରୀତି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା

କୋଡ଼ିଙ୍ଗା,୧୨।୧୦ (ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ କୋଡିଙ୍ଗା ଥାନା ଅନ୍ତର୍ଗତ ଚୋଚୋରାଗୁଡ଼ା ଗ୍ରାମରେ ପରକୀୟା ପ୍ରୀତି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଚୋଚାରାଗୁଡ଼ା ଗ୍ରାମର ଶୁକ୍ରୁ ଗୌଡ଼ (୭୫)। ଏନେଇ ମୃତକଙ୍କ ଭଣଜା କୋଡିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ଚୋଚାରାଗୁଡ଼ା ଗ୍ରାମର ଶୁକ୍ରୁ ଶନିବାର ସନ୍ଧ୍ୟା ସମୟରେ ଗ୍ରାମରେ ରହିଥିବା ତାଙ୍କ ସମ୍ପର୍କୀୟ ନୀଳକଣ୍ଠ ଗୌଡ଼ଙ୍କ ଘରକୁ ଯାଇଥିଲେ। ସେହି ସମୟରେ ନୀଳକଣ୍ଠ ବାହାରକୁ କୌଣସି କାମରେ ଯାଇଥିଲେ। ସେ ଘରକୁ ଫେରିବା ପରେ ଘରେ ଶୁକ୍ରୁଙ୍କ ଦେଖି ନିଜ ସ୍ତ୍ରୀଙ୍କ ସହ ପରକୀୟା ପ୍ରୀତି ସନ୍ଦେହରେ ତାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ। ପୋଲିସ ମୃତଦେହକୁ ଜବତ କରିବା ସହ ଏ ନେଇ ଥାନାରେ କେଶ ନଂ ୧୮୨/୨୫ରେ ମାମଲା ରୁଜୁ କରିଛି।

# ଯୁବକଙ୍କୁ ପଥରରେ ଛେଚି ମାରିଦେଲେ

ପରଜଙ୍ଗ,୧୨।୧୦(ନିଗମାନନ୍ଦ ଦଲବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମର ଗଙ୍ଗାଧରପୁର ସାହି ରାସ୍ତାକଡ଼ରେ ଜଣେ ଯୁବକଙ୍କୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟାକାଣ୍ଡରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ମୃତ ଯୁବକ ହେଲେ ଗଙ୍ଗାଧରପୁର ସାହିର କାବୁନା ନାଏକ (୪୫)। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, କାବୁନା ଶନିବାର ସ୍ତ୍ରୀ ସୁଲୋଚନାଙ୍କ ସହ ପାଟିତୁଣ୍ଡ କରି ରାତି ପ୍ରାୟ ୯ଟାରେ ଘରୁ ବାହାରିଯାଇଥିଲେ। ପରେ ସୁଲୋଚନା ୨ଝିଅଙ୍କୁ ନେଇ ଅନ୍ୟ ଏକ ସାହିରେ ଥିବା ବାପଘରକୁ ପଳାଇଥିଲେ। ତେବେ ରବିବାର ସକାଳେ କାବୁନାଙ୍କ ମୃତଦେହ ତାଙ୍କ ଘରଠାରୁ ଅଳ୍ପଦୂରରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକମାନେ ପରିବାର ଲୋକଙ୍କୁ ଖବର ଦେଇଥିଲେ। କାବୁନାଙ୍କୁ ସଂଘବଦ୍ଧ ଆକ୍ରମଣ ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ଶରୀରର ବହୁ ସ୍ଥାନରେ



କାବୁନା ନାଏକ

ମାଡ଼ ଦାଗ ରହିଥିବା ଦେଖିବାକୁ ମିଳିଛି। ମୃତଦେହ ନିକଟରୁ ଏକ ବାଡ଼ି ଓ ରକ୍ତ ଲାଗିଥିବା ପଥର ପୋଲିସ ଜବତ କରିଛି। ଘଟଣାସ୍ଥଳରେ ଜିଲା ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଛି। ସନ୍ଧାନୀ କୁକୁରର ସହାୟତା ନିଆଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରିନାହିଁ। କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ପରଜଙ୍ଗ ଥାନାଧିକାରୀ ଧୀରେନ କୁମାର ବେହେରା, ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଯୁଗଳ ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କାବୁନାଙ୍କୁ କେତେଜଣ ସଙ୍ଘବଦ୍ଧ ଭାବେ ହତ୍ୟା କରିଥିବା ସ୍ତ୍ରୀ ସୁଲୋଚନା ପରଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୪୬୫/୨୫ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## Business

# ସାନିଟାରି ସଲ୍ୟୁଶନ ବ୍ରାଣ୍ଡ 'ସେରାମିକ ଓ୍ୱାର୍ଲ୍ଡ'ର ନୂଆ ଶୋ' ରୁମ୍ ଉଦ୍‌ଘାଟିତ



ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)

ଓଡ଼ିଶାର ଅଗ୍ରଣୀ ଓ ବିଶ୍ୱସ୍ତ ଟାଇଲ, ବାଥ୍ ୱେୟାର୍ ଏବଂ ସାନିଟାରି ସଲ୍ୟୁଶନ ବ୍ରାଣ୍ଡ ସେରାମିକ ଓ୍ୱାର୍ଲ୍ଡ ଭୁବନେଶ୍ୱରର କଟକ-ପୁରୀ ବାଇପାସ ରୋଡ଼ରେ ନିଜର ନୂତନ ଶୋ' ରୁମ୍ ଉଦ୍‌ଘାଟନ କରିଛି। ଏହି ନୂତନ ଫ୍ଲାଗଶିପ ଆଉଟଲେଟ୍ ପୂର୍ବ ଭାରତର ସବୁଠାରୁ ବଡ଼ ଟାଇଲ ଓ ବାଥ୍ ୱେୟାର୍ କେନ୍ଦ୍ର, ଯାହାକି ସେରାମିକ ଓ୍ୱାର୍ଲ୍ଡର ୨୫ ବର୍ଷର ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସ୍ଥାପନ କରିଛି। ୨୫,୦୦୦ ବର୍ଗଫୁଟରେ ବିସ୍ତୃତ ଏହି ଶୋ'ରୁମ୍‌ଟି ମାଲିକ, ଆର୍କିଟେକ୍ଟ ଏବଂ ଇଣ୍ଟେରିଅର ଡିଜାଇନରମାନଙ୍କୁ ଏକ ଆକର୍ଷଣୀୟ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଏହି ଶୋ' ରୁମ୍‌ରେ ସିମ୍ପୋଲୋ, ନେକ୍ସିଓନ, କୋହଲର୍ ଏବଂ ନିଓଟ୍ରା ଭଳି ଖ୍ୟାତିସମ୍ପନ୍ନ ବ୍ରାଣ୍ଡମାନଙ୍କର ପ୍ରିମିୟମ୍ ଟାଇଲ, ସାନିଟାରି ୱେୟାର, ଫସେଟ ଏବଂ ୱେଲନେସ ଉତ୍ପାଦଗୁଡ଼ିକର ସ୍ୱତନ୍ତ୍ର ସଂଗ୍ରହ ରହିଛି। ଏହି ଅବସରରେ ସେରାମିକ ଓ୍ୱାର୍ଲ୍ଡର ନିର୍ଦ୍ଦେଶକ ମନୀଷ ସେଠ୍ କହିଛନ୍ତି, ଏହି ନୂତନ ଆଉଟଲେଟ୍ ଗ୍ରାହକମାନଙ୍କୁ ଆକର୍ଷଣୀୟ ଡିଜାଇନ ଏବଂ ଗୁଣବତ୍ତା ବିଶିଷ୍ଟ ଜିନିଷ ପ୍ରଦାନ ପାଇଁ ପ୍ରସ୍ତୁତ। ଆମେ ଚାହୁଁଛୁ ପ୍ରତ୍ୟେକ ଗ୍ରାହକ ନିଜର ରୁଚି ଓ ଜୀବନଶୈଳୀକୁ ପ୍ରକାଶ କରୁଥିବା ସୁନ୍ଦର ସ୍ଥାନ ସୃଷ୍ଟି କରିବାରେ ଆତ୍ମବିଶ୍ୱାସୀ ହୁଅନ୍ତୁ । ସିମ୍ପୋଲୋ ଭିଟ୍ରିଫାଇଡ ପ୍ରାଇଭେଟ ଲିମିଟେଡର ସେଲ୍ସ ଭାଇସ ପ୍ରେସିଡେଣ୍ଟ ଜୟନ୍ତ କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଓଡ଼ିଶାରେ ବିଶ୍ୱସ୍ତରୀୟ ଡିଜାଇନ ଏବଂ ଉତ୍ପାଦରେ ନବସୃଜନ ଆଣିବାରେ ସିମ୍ପୋଲୋ ଓ ସେରାମିକ ଓ୍ୱାର୍ଲ୍ଡର ଦୃଢ଼ ସହଭାଗିତା ବିଷୟରେ ଉଲ୍ଲେଖ କରିଥିଲେ। ସୂଚନା ଥାଉକି, ୨୦୦୦ ମସିହାରେ ପ୍ରତିଷ୍ଠିତ ସେରାମିକ ଓ୍ୱାର୍ଲ୍ଡ ବିଶ୍ୱାସ, ଉନ୍ନତ ଡିଜାଇନ ଏବଂ ଉତ୍ତମ ସେବା ପାଇଁ ଜଣାଶୁଣା। ମନୀଷ ସେଠ୍, ଦିଲୀପ ଯୋଶୀ, ନୈଲେଶ ଆଶାର୍, ନିର୍ମଳ ନାୟକ, ନାଇମ ଭାଲେରା ଏବଂ ସୁନୈନ ଭାଲେରାଙ୍କ ନେତୃତ୍ୱରେ ଏହି କମ୍ପାନୀ ନିଜର ଅଭିବୃଦ୍ଧି ଓ ପ୍ରତିଷ୍ଠାକୁ ଆଗେଇ ନେଉଛି।

# ଗୁଗୁଲ ମ୍ୟାପସ୍‌ର ବିକଳ୍ପ ମ୍ୟାପଲ୍ସ

ଭୁବନେଶ୍ୱର,୧୨।୧୦

ଡିଜିଟାଲ ଯୁଗରେ କୌଣସି ସ୍ଥାନକୁ ଯିବା ବା ରାସ୍ତା ଜାଣିବା ପାଇଁ ନେଭିଗେସନ ଆପଗୁଡ଼ିକର ବ୍ୟବହାର କରାଯାଉଛି। ସାଧାରଣତଃ ଲୋକମାନେ ଗୁଗୁଲ ମ୍ୟାପସର ସାହାଯ୍ୟ ନିଅନ୍ତି, ମାତ୍ର ଏବେ ଏହାର ବିକଳ୍ପ ଭାବରେ ଭାରତର ସ୍ୱଦେଶୀ ନେଭିଗେସଶନ ଆପ 'ମ୍ୟାପଲ୍ସ' ଆସିଛି। ଏହି ଆପ୍ ପୂରାପୂରି ଭାରତୀୟ ଆବଶ୍ୟକତାକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି । ଏହାକୁ 'ମ୍ୟାପ୍ ମାଇଁ ଇଣ୍ଡିଆ' ଦ୍ୱାରା ବିକଶିତ କରାଯାଇଛି। ମ୍ୟାପ୍ଲସର ବ୍ୟବହାର ଗୁଗୁଲ ମ୍ୟାପସ୍ ପରି ହିଁ କରାଯାଇପାରିବ। ଏହାର ଫିଚର୍ସ ଏବଂ ଟେକ୍ନୋଲୋଜି ଭାରତୀୟ ବ୍ୟବହାରକାରୀଙ୍କ ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ହୋଇଛି। ନିକଟରେ ରେଳ ମନ୍ତ୍ରୀ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ତଥା ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମ୍ୟାପଲ୍ସର ବ୍ୟବହାର କରି ଏହାର ଫିଚର୍ସର ଅନୁଭୂତି ନେଇଛନ୍ତି। ସେ କହିଛନ୍ତି ଯେ ଶୀଘ୍ର ଭାରତୀୟ ରେଳ ଏବଂ ମ୍ୟାପ୍ଲସ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବ। ରେଳପଥରେ ଟେକ୍ନୋଲୋଜିର ବ୍ୟବହାର କରାଯିବ, ଯାହା ଯାତ୍ରୀମାନଙ୍କୁ ଏବଂ ରେଳ ଅଧିକାରୀମାନଙ୍କୁ ଉଭୟଙ୍କୁ ସୁବିଧା ପ୍ରଦାନ କରିବ।

# ଚାନ୍ଦି ଭଣ୍ଡାର ପକ୍ଷରୁ 'ପଦ୍ମିରା' ସମ୍ଭାର



ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)

ପ୍ରତ୍ୟେକଟି ଉତ୍ସବକୁ ଗ୍ରାହକଙ୍କ ସହ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର ସ୍ୱତନ୍ତ୍ର ଡିଜାଇନର ଅଳଙ୍କାର ଉପଲବ୍ଧ କରାଉଥିବାବେଳେ ଦୀପାବଳି ପାଇଁ ମଧ୍ୟ ଅନୁରୂପ ଭାବେ ନୂଆ ଗହଣା ସମ୍ଭାରର ଶୁଭାରମ୍ଭ କରାଯାଇଛି। ଆଲୋକର ପର୍ବ ଦୀପାବଳି ଅବସରରେ ଆରମ୍ଭ ହୋଇଥିବା ନୂଆ ସମ୍ଭାରର ନାମ 'ପଦ୍ମିରା' ରଖାଯାଇଛି। ରବିବାର ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିନେତ୍ରୀ ଶୀତଲ ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶକ ମାଣିକ୍ ହଂସ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ପଦ୍ମ ଏବଂ ମୟୂର ପୁଚ୍ଛରୁ ଅନୁପ୍ରାଣିତ ଏହି କଲେକ୍ସନରେ ଶୁଦ୍ଧ ଷ୍ଟର୍ଲିଂ ରୁପା ଏବଂ ୧୮ କ୍ୟାରେଟ୍ ସୁନା ଲେପରେ ତିଆରି ଅଳଙ୍କାର ରହିଛି। ଏହି ଅଳଙ୍କାରଗୁଡ଼ିକରେ କଳା ଓ ପରମ୍ପରାର ଝଲକ ଦେଖିବାକୁ ମିଳିବ। ପ୍ରତ୍ୟକଟି ଡିଜାଇନ ମହିଳାଙ୍କ ସୌନ୍ଦର୍ଯ୍ୟ, ଶକ୍ତି ଏବଂ ସ୍ଥାୟୀ ଆକର୍ଷଣକୁ ପ୍ରତିଫଳିତ କରିବ ବୋଲି ସେ କହିଛନ୍ତି। ଏଥିରେ ଏନାମେଲ, ବିଭିନ୍ନ ଆକୃତିର ମୁକ୍ତା ଏବଂ ଉଜ୍ଜ୍ୱଳ ରଙ୍ଗିନ ସିଜେଡ୍ ପଥରରେ ଖଚିତ ଗହଣା ରହିଛି। ପୁରୁଷମାନେ ବ୍ରେସ୍‌ଲେଟ୍, ମୁଦି କପ୍‌ଲିଙ୍ଗ୍ ଏବଂ ଚେନ୍ ସହିତ ଆମୋଘ କଲେକ୍ସନ ବାଛିପାରିବେ। ଶିଶୁମାନଙ୍କ ପାଇଁ ମଜାଦାର ପ୍ରିମିୟମ ରୁପା ଗହଣା ପିସ୍ ରହିଛି। ଚାନ୍ଦି ଭଣ୍ଡାର ବଲାଙ୍ଗୀରରେ ଏହାର ୨୪ତମ ଷ୍ଟୋର୍ ଖୋଲିଥିବା ମାଣିକ ସୂଚନା ଦେଇଥିଲେ। ଏ ଅବସରରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପସା ହଂସ କହିଛନ୍ତି ଯେ, ଆମ ପାଇଁ ଦୀପାବଳିର ପ୍ରକୃତ ଅର୍ଥକୁ 'ପଦ୍ମିରା' ପ୍ରତିଫଳିତ କରୁଛି। ଏହି କଲେକ୍ସନ ମାଧ୍ୟମରେ ଆମେ ଉତ୍ସବର ଅଳଙ୍କାରକୁ ଏକ ଅନୁଭୂତିରେ ପରିଣତ କରିବାକୁ ଚାହୁଁଛୁ। ଅକ୍ଟୋବର ୧୦ରୁ ୨୦ ପର୍ଯ୍ୟନ୍ତ ଚାନ୍ଦି ଭଣ୍ଡାର ପକ୍ଷରୁ ଗଢ଼ା ମଜୁରିରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅବସରରେ ଆୟୋଜିତ ର୍ୟାମ୍ପ ୱାକ୍ ଖୁବ୍ ମନୋରଞ୍ଜନଧର୍ମୀ ହୋଇଥିଲା।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅବସରପ୍ରାପ୍ତ ଅଧିକାରୀ ସଂଘର ସମ୍ମିଳନୀ




ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)

ସେଣ୍ଟ୍ରାଲ୍ ବ୍ୟାଙ୍କ ଅବସରପ୍ରାପ୍ତ ଅଧିକାରୀ ସଂଘର ତ୍ରୈବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଜୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରୂପାକ୍ଷ ମିଶ୍ର ଉଦ୍‌ଘାଟକ ଓ ସଂଘର ସର୍ବଭାରତୀୟ ସାଧାରଣ ସମ୍ପାଦକ ଏନ୍. କେ. ପାରିକ୍ ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର କ୍ଷେତ୍ର ମୁଖ୍ୟ ପଙ୍କଜ କୁମାର, ସର୍ବଭାରତୀୟ ପେନ୍‌ସନ ଓ ରିଟାୟାର୍ଡ ଅଫିସର ସଂଘର ସଭାପତି ଏ.କେ. ମୋତାୟେଦ, ସମ୍ପାଦକ ନିରଞ୍ଜନ ଯୋଗାଣିଆ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ସାଧାରଣ ପରିଚାଳକ ଦେବଦତ୍ତ ନାୟକ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫିସର ସଂଘ ସାଧାରଣ ସମ୍ପାଦକ ସୌମେନ୍ଦ୍ର ସାହୁ ଓ ଏସ୍‌ବିଆଇ ପେନସନର୍ସ ଆସୋସିଏଶନ୍‌ର ସଭାପତି ଗଣେଶ ଚନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଓଡ଼ିଶା ସଂଘର ସଧାରଣ ସମ୍ପାଦକ ଦାମୋଦର ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଲ୍.ଏନ୍. ମୁଖାର୍ଜୀ ସଭା ପରିଚାଳନା କରିଥିଲେ। ମୁରଲୀଧର ପତି ଧନ୍ୟବାଦ ଦେଇଥିଲେ।

# ସୁରୁଚି ବଜାରର ୮ମ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୧୦(ଅନୁରାଧା ମହାରଣା)

ଓଡ଼ିଶା ୩୩ ବର୍ଷରୁ ଅଧିକ ସମୟ ଧରି ଗ୍ରାହକଙ୍କୁ ଗୁଣବତ୍ତାପୂର୍ଣ୍ଣ ବିକ୍ରୟ ସେବା ପ୍ରଦାନ କରୁଥିବା ସୁରୁଚି ବଜାରର ୮ମ ଶାଖା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଖୋଲିଥିବା ଏହି ଶାଖା ଭୁବନେଶ୍ୱରରେ ପ୍ରଥମ । ପଶ୍ଚିମ ଓଡ଼ିଶାରେ ବହୁ ବର୍ଷ ଧରି ବିଶ୍ୱାସ ଓ ଉତ୍ତମ ସେବା ଦେଇଥିବା ପରେ ରାଜଧାନୀବାସୀଙ୍କ ପାଇଁ ଗୁଣବତ୍ତା, ବିଭିନ୍ନତା ଓ ଆର୍ଥିକତା ସହିତ ଏକ ସମ୍ପୂର୍ଣ୍ଣ ଶପିଂ ଅନୁଭବ ଆଣିବାକୁ ପ୍ରସ୍ତୁତ। ଉଦ୍‌ଘାଟନ ଅବସରରେ ସୁରୁଚି ବଜାରର ମ୍ୟାନେଜିଂ ଡାଇରେକ୍ଟର ରମେଶ କୁମାର ଅଗରୱାଲ, ସିଇଓ ରୋନକ ଗୋଏଲ, ଜେନେରାଲ ମ୍ୟାନେଜର କୈଳାଶ ଗର୍ଗ, ସୁନୀଲ କୁମାର ଓ ସଦସ୍ୟ ପଙ୍କଜ ତିୱାରୀ, ବିଶ୍ୱଜିତ ସାହୁ, ରାକେଶ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରମେଶ କହିଛନ୍ତି, ଭୁବନେଶ୍ୱରରେ ଆମର ଶାଖା ଖୋଲି ଆମେ ଗର୍ବିତ। ଆମେ ଗ୍ରାହକଙ୍କୁ ଉତ୍ତମ ସେବା ଦେଇଛୁ, ଭବିଷ୍ୟତରେ ମଧ୍ୟ ସେଇ ଦୃଢ଼ତା ସହିତ ଆଗକୁ ବଢ଼ିବା ପାଇଁ ଆମେ ପ୍ରତିବଦ୍ଧ। ଜେନେରାଲ ମ୍ୟାନେଜର କୈଳାଶ ଗର୍ଗ କହିଛନ୍ତି, ପୂର୍ବରୁ ରାଉରକେଲାରେ ୪ଟି, ବରଗଡ଼, ସୁନ୍ଦରଗଡ଼ ଓ ରାଜଗାଙ୍ଗପୁରରେ ଗୋଟିଏ ଲେଖାଏ ଶାଖା ରହିଛି। ଭୁବନେଶ୍ୱର ସହ ପୁରୀ ଓ କଟକରେ ଆଉ କିଛି ଶାଖା ଖୋଲିବାର ଯୋଜନା ରହିଛି। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ପାତ୍ର, ଗୌରହରି ଖୁଣ୍ଟିଆ, ବିଘ୍ନେଶ ସାହୁ, ମଞ୍ଜନ ସାହୁ ଓ ବିକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର,୧୨।୧୦

ଓଡ଼ିଶାର ଘରୋଇ ଡିସକମ୍ ମଡେଲ୍ ଦକ୍ଷତା ବୃଦ୍ଧି, କ୍ଷତି ହ୍ରାସ ଏବଂ ଜାତୀୟ ସ୍ୱୀକୃତି ହାସଲ କରିଛି, ମାତ୍ର ଖରାପ ଅବସ୍ଥାରେ ଗତି କରୁଥିବା ଭାରତର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରକୁ ପୁନରୁଦ୍ଧାର କରିବା ପାଇଁ ଶକ୍ତି ମନ୍ତ୍ରଣାଳୟ ଭାରତୀୟ ବିଦ୍ୟୁତ୍ ଆଇନ, ୨୦୨୫ରେ ଏକ ବଡ଼ଧରଣର ସଂଶୋଧନ କରିବାକୁ ଯାଉଛି। ଏଭଳି ସମୟରେ ଓଡ଼ିଶାରେ ସଫଳ ହୋଇପାରିଥିବା ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରର ଘରୋଇକରଣ ଏକ ମଡେଲ୍ ଭାବରେ ଉଭା ହୋଇଛି । ଘରୋଇକରଣର ୫ ବର୍ଷ ପରେ, ରାଜ୍ୟର ଚାରୋଟି ବିଦ୍ୟୁତ୍ ବଣ୍ଟନ କମ୍ପାନୀ (ଡିସ୍‌କମ୍) ସାମଗ୍ରିକ, ବୈଷୟିକ ଏବଂ ବାଣିଜ୍ୟିକ କ୍ଷତି (ଏଟିଆଣ୍ଡସି)କୁ ଦଶ ପ୍ରତିଶତରୁ ଅଧିକ ହ୍ରାସ କରିଛନ୍ତି, ଯାହା ଦ୍ୱାରା ଦକ୍ଷତା ଲାଭ ସହିତ ଏକ ବଡ଼ଧରଣର ଆର୍ଥିକ ପରିବର୍ତ୍ତନ ହାସଲ କରାଯାଇପାରିଛି। ଓଡ଼ିଶାର ଡିସକମ୍‌ଗୁଡିକ ନେଟୱର୍କ ଅପଗ୍ରେଡ୍, ପ୍ରଯୁକ୍ତିବିଦ୍ୟା ସମନ୍ୱୟ, କର୍ମଚାରୀ ତାଲିମ ଏବଂ ସୁରକ୍ଷାରେ ଉନ୍ନତି ପାଇଁ ପ୍ରାୟ ୫୦୦୦ କୋଟି ଟଙ୍କା ନିବେଶ ସହିତ ୧୦ ଲକ୍ଷରୁ ଅଧିକ ନୂତନ ବିଦ୍ୟୁତ୍ ସଂଯୋଗ ସ୍ଥାପନ କରିଛନ୍ତି। ରାଜ୍ୟ ସରକାରଙ୍କ ସହଭାଗିତାରେ ଭାରତର ସବୁଠାରୁ ଅଭିଜ୍ଞ ୟୁଟିଲିଟି କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ ଟାଟା ପାୱାର ନେତୃତ୍ୱରେ, ବଣ୍ଟନ କମ୍ପାନୀଗୁଡ଼ିକ ବର୍ତ୍ତମାନ ୧୫୦୦୦୦ ବର୍ଗ କିଲୋମିଟର ଅଞ୍ଚଳରେ ବିସ୍ତାରିତ ପ୍ରାୟ ୧ କୋଟି ଉପଭୋକ୍ତାଙ୍କୁ ସେବା ପ୍ରଦାନ କରୁଛନ୍ତି, ଯାହା ଦ୍ୱାରା ରାଜ୍ୟର ପ୍ରାୟ ୫ କୋଟି ଲୋକ ଉପକୃତ ହେଉଛନ୍ତି। ଓଡ଼ିଶା ଡିସ୍‌କମ୍‌ଗୁଡ଼ିକୁ କେନ୍ଦ୍ର ସରକାରଙ୍କ ବିଦ୍ୟୁତ୍ ମନ୍ତ୍ରଣାଳୟ ଦ୍ୱାରା ବାର୍ଷିକ ମୂଲ୍ୟାଙ୍କନରେ ଦେଶର ଶ୍ରେଷ୍ଠ ଡିସ୍‌କମ୍ ମଧ୍ୟରେ ସ୍ଥାନ ମିଳିଛି। ଗ୍ରାମାଞ୍ଚଳ ବିଦ୍ୟୁତୀକରଣରେ ମଧ୍ୟ ଉଲ୍ଲେଖନୀୟ ମିଳିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ରବିବାର ମହିଳା ବିଭାଗର ଏକ ରେସ୍ ଇଭେଣ୍ଟରେ ପ୍ରତିଯୋଗୀମାନେ।

# ଭାଚେରଟଙ୍କୁ ସାଂଘାଇ ମାଷ୍ଟର୍ସ ଟାଇଟଲ

**ସାଂଘାଇ,୧୨।୧୦(ଏପି):** କ୍ୱାଲିଫାୟର ଭାଲେଣ୍ଟିନ ଭାଚେରଟ ସାଂଘାଇ ମାଷ୍ଟର୍ସ ଟାଇଟଲ ଜିତିଛନ୍ତି। ୱାର୍ଲ୍ଡ ର୍ୟାଙ୍କିଙ୍ଗ୍‌ରେ ୨୦୪ତମ ସ୍ଥାନରେ ଥିବା ଭାଚେରଟଙ୍କ ଲାଗି ଏହା ପ୍ରଥମ ଏଟିପି ଟୁର ଟାଇଟଲ। ସେ ରବିବାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ତାଙ୍କ ସମ୍ପର୍କୀୟ ଭାଇ ଆର୍ଥର ରିଣ୍ଡରକ୍ନେଚଙ୍କୁ ୪-୬, ୬-୩, ୬-୩ ସେଟ୍‌ରେ ହରାଇ ଏହି ସଫଳତା ପାଇଛନ୍ତି। ୨୬ ବର୍ଷୀୟ ଭାଚେରଟ ଏଟିପି ମାଷ୍ଟର୍ସ ୧୦୦୦ ଟୁର୍ନାମେଣ୍ଟ ଇତିହାସରେ ସବୁଠୁ କମ୍ ର୍ୟାଙ୍କଧାରୀ ଖେଳାଳି ଭାବେ ଚାମ୍ପିୟନ ହୋଇଛନ୍ତି।

## ଡି.ଲିଟ୍ ଉପାଧି ଲାଭ



ରୋଲାଣ୍ଡ ବୈଷୟିକ ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁରର ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଡା. ଶାନ୍ତନୁ କୁମାର ଦାଶଙ୍କୁ ଉତ୍ତରପ୍ରଦେଶର ବୀର ବାହାଦୁର ସିଂହ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ, ଜୋନ୍‌ପୁର (ନାକ୍ ଦ୍ୱାରା ଏ+ ଗ୍ରେଡ୍ ମାନ୍ୟତାପ୍ରାପ୍ତ) ଦ୍ୱାରା ଡକ୍ଟରେଟ୍ ଅଫ୍ ଲିଟରେଚର (ଡି.ଲିଟ୍) ଉପାଧି ଦିଆଯାଇଛି। ତାଙ୍କର ଗବେଷଣା ନିବନ୍ଧ EFFECTS OF CORPORATE SOCIAL RESPONSIBILITY ON CONSUMERS RETENTION: A STUDY OF PROFESSIONAL STUDENTS OF ODISHA ଯାହା ପ୍ରଫେସର ମାନସ ପାଣ୍ଡେଙ୍କ ମାର୍ଗଦର୍ଶନରେ ସମାପ୍ତ ହୋଇଥିଲା। ଏହି ଅଧ୍ୟୟନରେ କର୍ପୋରେଟ୍ ସୋସିଏଲ୍ ରେସ୍ପନ୍‌ସିବିଲିଟି (ସିଏସଆର୍)ର ଗ୍ରାହକ ଅଟୁଟତା (Consumer Retention) ଉପରେ ପ୍ରଭାବକୁ ଅନୁସନ୍ଧାନ କରାଯାଇଥିଲା। ବିଶେଷ କରି ଓଡ଼ିଶାର ବୃତ୍ତିଗତ ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗରେ। ଏହି ଅଧ୍ୟୟନ ବ୍ୟବସାୟଗୁଡ଼ିକୁ ମୁଖ୍ୟ ସନ୍ଦେଶ ଦେଇଛି ଯେ ସୂଚିତ ଓ ରୂପାନ୍ତରିତ କାର୍ଯ୍ୟକଳାପ ଗ୍ରାହକଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଉତ୍ତରପ୍ରଦେଶ ସରକାରଙ୍କ ଉଚ୍ଚ ଶିକ୍ଷା ମନ୍ତ୍ରୀ ଶ୍ରୀ ଯୋଗେନ୍ଦ୍ର ଉପାଧ୍ୟାୟ, ରାଜ୍ୟମନ୍ତ୍ରୀ ଶ୍ରୀମତୀ ରଜନୀ ତିୱାରୀ, ରିଲାଇନ୍ସ ଜିଓର ସଭାପତି ଶ୍ରୀ ସୁନିଲ ଦତ୍ତ ଓ କୁଳପତିର ପ୍ରଫେସର ବନ୍ଦନା ସିଂଙ୍କ ଉପସ୍ଥିତିରେ ଏହି ଉପାଧିକୁ ଉତ୍ତରପ୍ରଦେଶର ମହାମହିମ ରାଜ୍ୟପାଳ ଶ୍ରୀମତୀ ଆନନ୍ଦୀ ବେନ୍ ପଟେଲ ବିଶ୍ୱବିଦ୍ୟାଳୟର ୨୯ତମ ସମାବର୍ତ୍ତନ ସମାରୋହର ୬ ଅକ୍ଟୋବର ୨୦୨୫ ତାରିଖରେ ପ୍ରଦାନ କରିଥିଲେ। ଡା. ଶାନ୍ତନୁ କୁମାର ଦାଶ ଗଞ୍ଜାମ ଜିଲ୍ଲା ପୋଲସରାର ସ୍ୱନାମଧନ୍ୟ ଶିକ୍ଷକ ସ୍ୱର୍ଗତ ରମେଶ ଚନ୍ଦ୍ର ଦାଶଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏହି ସଫଳତା ପାଇଁ ଶ୍ରୀ ଦାଶ ରୋଲାଣ୍ଡ ଇନ୍‌ଷ୍ଟିଚ୍ୟୁଟ୍‌ର ସମସ୍ତ ସହକର୍ମୀ, ପରିବାରବର୍ଗ ଏବଂ ତାଙ୍କର ଏହି ଯାତ୍ରାରେ ସହଯୋଗ କରିଥିବା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଧ-୨୨୫୭

# ଟାଇଗର ଉଡ୍ସଙ୍କ ପିଠିରେ ୭ମ ଅସ୍ତ୍ରୋପଚାର

**ନ୍ୟୁୟର୍କ, ୧୨।୧୦ (ଏପି):** ବିଶିଷ୍ଟ ଗଲ୍ଫ ଖେଳାଳି ଟାଇଗର ଉଡ୍ସଙ୍କୁ ପିଠିରେ ସପ୍ତମ ଥର ଅସ୍ତ୍ରୋପଚାର କରିବାକୁ ହୋଇଛି। ସେ ତାଙ୍କ ପିଠିର ତଳ ଭାଗରେ ଯନ୍ତ୍ରଣା ଅନୁଭବ କରିବାରୁ ଚଳପ୍ରଚଳ ହେବାରେ ତାଙ୍କ ପାଇଁ ସମସ୍ୟା ହେବାରୁ ଏଥର ଅସ୍ତ୍ରୋପଚାରରେ ତାଙ୍କର ଏକ ଡିସ୍କ ବଦଳାଇବାକୁ ପଡ଼ିଛି। ଏଥିପାଇଁ ତାଙ୍କୁ କେତେଦିନ ଧରି ଗଲ୍‌ଫରୁ ଦୂରେଇ ରହିବାକୁ ହେବ ତାହା ସେ ସ୍ପଷ୍ଟ କରିନାହାନ୍ତି। ଡିସେମ୍ବରରେ ଦୁଇଟି ଟୁର୍ନାମେଣ୍ଟ ଯଥା ବାହମାସରେ ହିରୋ ୱାର୍ଲ୍ଡ ଚ୍ୟାଲେଞ୍ଜ ଓ ପୁଅ ଚାର୍ଲିଙ୍କ ସହ ପିଏନ୍‌ସି ଚାମ୍ପିୟନଶିପ୍‌ରେ ସେ ଖେଳିବାକୁ ଚେଷ୍ଟା କରିବେ କି ନା ତାହା ସେ ଦର୍ଶାଇ ନାହାନ୍ତି। ନ୍ୟୁୟର୍କରେ ଅସ୍ତ୍ରୋପଚାର କରାଇବା ପରେ ଉଡ୍ସ ସୋସିଆଲ ମିଡିଆରେ ଏକ ପୋଷ୍ଟରେ କହିଛନ୍ତି, ପିଠିରେ ସମସ୍ୟା ଓ ସ୍ୱାସ୍ଥ୍ୟଗତ କାରଣରୁ ସେ ଏହା ତାଙ୍କ ପାଇଁ ଉଚିତ ନିଷ୍ପତ୍ତି ଥିଲା।

# ଜୁନିୟର ଆଥ୍‌ଲେଟିକ୍ସ: କୁନି ରାଜଗଣ୍ଡଙ୍କୁ ରୌପ୍ୟ

**ଭୁବନେଶ୍ୱର, ୧୨।୧୦ (ତପନ ସ୍ୱାଇଁ)**



ଭାରତୀୟ ଆଥଲେଟିକ୍ ମହାସଂଘ (ଏଏଫ୍‌ଆଇ), ଓଡ଼ିଶା ସରକାର ଏବଂ ଓଡ଼ିଶା ଆଥଲେଟିକ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସରେ ରବିବାର ଓଡ଼ିଶାର କୁନି ରାଜଗଣ୍ଡ ହରିରାଜ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ଏହି ସଫଳତା ପାଇଛନ୍ତି। କୁନି ୩୭.୫୫ ମିଟର ଦୂରକୁ ଜାଭେଲିନ୍ ଥ୍ରୋ କରିଥିଲେ। ହରିୟାଣାର ଆରାଧ୍ୟା ସିଂ (୩୮.୬୪) ସ୍ୱର୍ଣ୍ଣ ଓ ପଶ୍ଚିମବଙ୍ଗର ଅନୁଶ୍ରୀ ବିଶ୍ୱାସ (୩୬.୫୬) ବ୍ରୋଞ୍ଜ ପଦକ ପାଇଛନ୍ତି। ଶନିବାର ଆଲୋକିକା ସ୍ୱାଇଁ ୧୮ ବର୍ଷରୁ କମ୍ ମହିଳା ଜାଭେଲିନ ଥ୍ରୋ ଇଭେଣ୍ଟରେ ସେ ୪୫.୫୬ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ଜିତିଥିଲେ।

# ଭାରତର ବିଶାଳ ସ୍କୋର

**ବିଶାଖାପାଟଣା,୧୨।୧୦**

ଚଳିତ ମହିଳା ବିଶ୍ୱକପ୍‌ରେ ରବିବାର ଖେଳାଯାଇଥିବା ଏକ ହାଇଭୋଲ୍ଟେଜ ମ୍ୟାଚ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୮.୫ ଓଭରରେ ୩୩୦ ରନରେ ଅଲଆଉଟ୍ ହୋଇଯାଇଛି। ମହିଳା ବିଶ୍ୱକପ୍‌ରେ ଏହା ଭାରତର ସର୍ବାଧିକ ଦଳଗତ ସ୍କୋର। ଜବାବରେ ଅଷ୍ଟ୍ରେଲିଆ ୩୧ ଓଭର ଶେଷ ସୁଦ୍ଧା ୩ ଉଇକେଟ ହରାଇ ୨୦୨ ରନ କରିଛି। ରିପୋର୍ଟ ଲେଖା ହେଲା ବେଳକୁ

**ଆଇସିସି ମହିଳା ବିଶ୍ୱକପ୍**

ଆଲିସା ହିଲି ୧୧୦ ଓ ଆଶଲେ ଗାର୍ଡନର ୧୨ ରନରେ ବ୍ୟାଟିଂ କରୁଛନ୍ତି। ମ୍ୟାଚ୍‌ରେ ମନ୍ଧାନା ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ମହିଳା ଭାବେ ବର୍ଷକରେ ଦିନିକିଆରେ ୧ ହଜାର ରନ ଓ ଦ୍ରୁତତମ ବ୍ୟାଟର ଭାବେ ମହିଳା ଦିନିକିଆରେ ୫୦୦୦ ରନ ପୂରଣ କରିଛନ୍ତି। ପୂର୍ବତନ ଅଧିନାୟିକା ମିତାଲି ରାଜଙ୍କ ପରେ ମନ୍ଧାନା ଦ୍ୱିତୀୟ ଭାରତୀୟ ଭାବେ ଏହି ମାଇଲଷ୍ଟୋନରେ ପହଞ୍ଚିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳକୁ ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ଦୁଇ ଓପନର ପ୍ରଥମ ଉଇକେଟରେ ୧୫୫ ରନ ଯୋଡ଼ିଥିଲେ। ୬୬ ବଲରେ ୯ ଚୌକା ଓ ୩ ଛକା ସହିତ ୮୦ ରନ କରିଥିବା ମନ୍ଧାନାଙ୍କୁ ୨୫ତମ ଓଭରରେ ସୋଫି ମୋଲନେକ୍ସ ଆଉଟ୍ କରି ଅଷ୍ଟ୍ରେଲିଆକୁ ବହୁ ପ୍ରତିକ୍ଷୀତ ବ୍ରେକ ଥ୍ରୁ ଆଣି ଦେଇଥିଲେ। ମନ୍ଧାନାଙ୍କ ପରେ ରାୱଲ ୭୫ (୧୦ ଚୌକା ଓ ୧ ଛକା) ରନ କରି ପାଭିଲିଅନ ଫେରିଥିଲେ। ଅଧିନାୟିକା ହରମନପ୍ରୀତ କୌର (୨୨ ରନ୍, ୩ ଚୌକା) ଓ ହର୍ଲିନ ଦେଓଲ (୩୮ ରନ୍, ୩ ଚୌକା ଓ ୧ ଛକା) ତୃତୀୟ ଉଇକେଟରେ ୪୨ ରନ୍ ଯୋଡ଼ିଥିଲେ। ଏହାପରେ ରିଚା ଘୋଷ (୩୨ ରନ୍, ୩ ଚୌକା ଓ ୨ ଛକା) ଓ ଜେମିମା ରୋଡ୍ରିଗ୍ସ (୩୩ ରନ୍, ୫ ଚୌକା) ଆଟାକିଂ ବ୍ୟାଟିଂ କରି ୩୪ ବଲରେ ୫୪ ରନ ଯୋଡ଼ି ଦଳୀୟ ସ୍କୋରକୁ ୩୦୦ ନିକଟତର କରାଇଥିଲେ। ଏକଦା ୨୯୪/୪ କରିଥିବା ଭାରତ ପରବର୍ତ୍ତୀ ୬ ଉଇକେଟ ମାତ୍ର ୩୬ ରନରେ ହରାଇଥିଲା। ଫଳରେ ଘରୋଇ ଦଳ ୩୩୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆନାବେଲ ସଦରଲାଣ୍ଡ ୫ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୮.୫ ଓଭରରେ ୩୩୦/ଅଲଆଉଟ୍ (ସ୍ମୃତି ମନ୍ଧାନା-୮୦, ପ୍ରତିକା ରାୱଲ-୭୫, ହର୍ଲିନ ଦେଓଲ-୩୮, ଜେମିମା ରୋଡ୍ରିଗ୍ସ-୩୩, ଆନାବେଲ ସଦରଲାଣ୍ଡ-୫/୪୦, ସୋଫି ମଲିନେକ୍ସ-୩/୭୫)।

# ଜ୍ୟୋସ୍ନା ଚିନାପ୍ପା ସେମିଫାଇନାଲରେ

**ନୂଆଦିଲ୍ଲୀ, ୧୨।୧୦ (ପି.ଟି.)**

ଭାରତର ଷ୍ଟାର ଖେଳାଳି ଜ୍ୟୋସ୍ନା ଚିନାପ୍ପା ଜାପାନର ୟୋକୋହାମାଠାରେ ଚାଲିଥିବା ପିଏସ୍‌ଏ ଚ୍ୟାଲେଞ୍ଜ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୩୯ବର୍ଷୀୟା ପୂର୍ବତନ ବିଶ୍ୱର ୧୦ ନମ୍ବର ଖେଳାଳି କ୍ୱାର୍ଟରଫାଇନାଲରେ ଦ୍ୱିତୀୟ ସିଡ୍ ଇଜିପ୍ଟର ନାର୍ଡିନ ଗାରାସଙ୍କୁ ୧୧-୮, ୧୫-୧୩, ୧୧-୯ରେ ହରାଇ ଦେଇଛନ୍ତି। ଜ୍ୟୋସ୍ନା ବର୍ତ୍ତମାନ ସେମିଫାଇନାଲରେ ଚତୁର୍ଥ ସିଡ୍ ଇଜିପ୍ଟର ରାଣା ଇସ୍‌ମାଇଲଙ୍କୁ ଭେଟିବେ। ପୂର୍ବତନ ଏସିଆନ ଚାମ୍ପିୟନ ଓ ବିଶ୍ୱ ଓ ବିଶ୍ୱର ଡବଲ୍ସ ଚାମ୍ପିୟନ ଦ୍ୱିତୀୟ ରାଉଣ୍ଡରେ ଫ୍ରେଞ୍ଚ ୫ମ ସିଡ୍ ଲରେନ ବାଲ୍‌ଟାୟାନଙ୍କୁ ୧୧-୭, ୧୧-୪, ୧୧-୯ରେ ହରାଇ ଦେଇଥିବା ବେଳେ ଓପନିଂ ରାଉଣ୍ଡରେ ମାଲେସିଆର ଆନ୍‌ରି ଗୋହଙ୍କୁ ୧୧-୬, ୧୧-୬, ୧୧-୬ରେ ପରାସ୍ତ କରିଥିଲେ।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

**ଜୋହର, ୧୨।୧୦ (ପି.ଟି.)**

**ଜୋହର କପ୍ ହକି**

ଭାରତୀୟ ଜୁନିୟର ପୁରୁଷ ହକି ଦଳ ଏଠାରେ ଚାଲିଥିବା ସୁଲ୍‌ତାନ ଅଫ୍ ଜୋହର କପ୍‌ରେ ଏହାର ବିଜୟ ଧାରା ବଜାୟ ରଖିଛି। ରବିବାର ଦଳ ନ୍ୟୁଜିଲାଣ୍ଡକୁ ୪-୨ ଗୋଲ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ଅର୍ଶଦୀପ ସିଂ (୨ୟ ମିନିଟ), ପି.ବି. ସୁନୀଲ (୧୫ତମ), ଅରାଇଜିତ୍‌ସିଂ ହୁଣ୍ଡାଲ (୨୬ତମ) ଓ ରୋମାନ କୁମାର (୪୭ତମ) ଗୋଲ୍ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡ ପକ୍ଷରୁ ଗସ୍ ନେଲ୍‌ସନ (୪୧ତମ) ଓ ଏଡାନ୍ ମାକ୍ସ (୫୨ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଟୁର୍ନାମେଣ୍ଟରେ ଭାରତର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଦଳ ଏହାର ଓପନିଂ ମ୍ୟାଚରେ ଗ୍ରେଟ୍ ବ୍ରିଟେନକୁ ୩-୨ ଗୋଲ୍‌ରେ ହରାଇ ଦେଇଥିଲା।

# ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ପ୍ରୀତିକା ଚାମ୍ପିୟନ

**ଭୁବନେଶ୍ୱର, ୧୨।୧୦ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଆୟୋଜିତ ବାସୁଦେବ ମହାନ୍ତି ସ୍ମାରକୀ ସ୍କୁଲ୍ସ ଓପନ ଚେସ୍‌ରେ ପ୍ରୀତିକା ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରୀତିକାଙ୍କ ସମେତ ନିଶାଦ ସେନାପତି, ଦିବ୍ୟାଂଶ ମହନ୍ତ, ସ୍ୱସ୍ତିକ ତ୍ରିପାଠୀ ଓ ସତ୍ୟମ୍ ସ୍ୱରୂପ ସାହୁ ୪ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ପ୍ରଥମରୁ ୫ମ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱାଗତ ବାସୁଦେବ ମହାନ୍ତିଙ୍କ ଝିଅ ନିର୍ଲିପ୍ତା ମହାନ୍ତି ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

## Classified Everyday

0674-2580101, 9692975378



**REAL ESTATE**

**SALE**

Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492. D-2018




Kerala Ayurveda Massage therapy gents/ Ladies pain relief, Bhubaneswar. 9337672475. D-2217

**LOST**

କୃଷ୍ଣକୁମାରପୁର ଖମାର ମୌଜାର ପ୍ରେମଲତା କୁମାରୀଙ୍କର ନାମରେ RSD No.- 10501503100/ 28.10.2015ଟି ଅକ୍ଟୋବର ୧୦, ୨୦୨୫ରେ କେଉଁଠାରେ ହଜିଯାଇଛି। ଯଦି କେହି ପାଆନ୍ତି ମୋବାଇଲ ୯୪୩୭୯୦୪୮୯୩ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୨୨୫୫

**AFFIDAVIT**

I, Anju Pani, W/o- Dilip Kumar Tripathy, R/o Village- Nuasahi, P.O.- Kangula, P.S.- Angul sadar, Dist.- Angul, Odisha, PIN- 759132 have changed my name to Laxmipriya Tripathy for all the purposes. D-2253

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଭୁବନେଶ୍ୱରର କାର୍ଯ୍ୟକାରୀ ମାଜିଷ୍ଟ୍ରେଟଙ୍କ ସମକ୍ଷରେ ୧୯।୦୩।୨୦୨୫ ତାରିଖରେ ଦାଖଲ କରାଯାଇଥିବା ସି.ଏଫ.ନମ୍ବର- ୧୧୬ ଅନୁଯାୟୀ, ମୁଁ, ପ୍ରିୟବ୍ରତ ସାମଲ, ଠିକଣା- ଗ୍ରାମ- କଙ୍କିନାଳି, ଡାକଘର- ଅରାହାଟ, ଜିଲ୍ଲା- ଅନୁଗୋଳ, ପିନ୍- ୭୫୯୧୨୮, ଓଡ଼ିଶା ଘୋଷଣା କରୁଛି ଯେ ମୁଁ ମୋର ନାମ ପ୍ରିୟବ୍ରତ ରାଉତରୁ ପରିବର୍ତ୍ତନ କରି ପ୍ରିୟବ୍ରତ ସାମଲ ରଖିଛି। ଏହାପରେ ସମସ୍ତ କାର୍ଯ୍ୟ ପାଇଁ ମୁଁ ପ୍ରିୟବ୍ରତ ସାମଲ ନାମରେ ଜଣାଶୁଣା ହେବି। ଧ-୭୬୪୧୯

By virtue of an affidavit before Executive Magistrate, Bhubaneswar, I Sushree Saswati Moharana, D/o- Basanta Kumar Moharana, resident of plot No.- C/29, Saheed Nagar, Market Building, Bhubaneswar, Dist.- Khurda declare that I have changed my minor daughter name from Avipsa Naik to Avipsa Moharana. Henceforth she shall be known as Avipsa Moharana for all purposes. D-2252

By virtue of an affidavit before Executive Magistrate, Bhubaneswar, I Sushree Saswati Moharana, D/o- Basanta Kumar Moharana, resident of plot No.- C/29, Saheed Nagar, Market Building, Bhubaneswar, Dist.- Khurda declare that I have changed my minor son name from Avaneesh Kumar Naik to Avaneesh Kumar Moharana. Henceforth he shall be known as Avaneesh Kumar Moharana for all purposes. D-2251

By virtue of an affidavit before the Executive Magistrate, Nilgiri vide No.- 975, 25/09/2025 I, Anita Nayak, W/o- Himanshu Sekhar Nayak, At- K. Panposi, P.O.- Rugudi, Dist.- Mayurbhanj, Odisha, that I have changed my name from Anita to Anita Nayak. Henceforth, I shall be known as Anita Nayak for all Purpose. D-2256

## LEGAL NOTICE

Letter No.- 1821, dtd- 09.10.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର-୪, (ଶ୍ରୀ ପି.କେ.ନାୟକ ଭା.ପ୍ର.ସେ), ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ, ମୁଖ୍ୟ କାର୍ଯ୍ୟାଳୟ ଚତୁର୍ଥ ମହଲା, ଭୁବନେଶ୍ୱର, ସଚିବାଳୟ ମାର୍ଗ ୟୁନିଟ୍-୫, ଭୁବନେଶ୍ୱର ଓ.ଏସ୍.ଏସ୍. ମକଦ୍ଦମା ନମ୍ବର- ୯୮୧/୨୦୨୪

ସୁରେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ ....ବାଦୀ

ବନାମ

ପ୍ରଫୁଲ୍ଲ କୁମାର ମହାନ୍ତି ଏବଂ ଅନ୍ୟମାନେ ....ପ୍ରତିବାଦୀ

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ ୫ ଏବଂ ନିୟମ ୨୦ ଅଧିନିୟମ(୧-କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପରଲିଖିତ ରିଭିଜନ ମକଦ୍ଦମା ନିମ୍ନଲିଖିତ ପ୍ରତିବାଦୀ କ୍ରମିକ ନମ୍ବର-୧ ରୁ ୪ ସେମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କ ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପରଲିଖିତ ମାନ୍ୟବର ଅଦାଲତରେ ଆସନ୍ତା ୧୭।୧୧।୨୦୨୫ରିଖ ଦିବା ୧୧.୩୦ ଘଟିକାରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ। ଏହି ସୂଚନା ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ସୂଚନା ମୁତାବକ ସମୟରେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରନ୍ତୁ।

ପ୍ରତିବାଦୀମାନଙ୍କର ନାମ ଓ ଧାମ:-

ପ୍ରତିବାଦୀ ନମ୍ବର

(୧)ପ୍ରଫୁଲ୍ଲ କୁମାର ମହାନ୍ତି, ପିତା- ସ୍ୱର୍ଗତ କାନୁ ଚରଣ ମହାନ୍ତି, ଜାତି- କରଣ, ଠିକଣା ଗ୍ରାମ/ପୋଷ୍ଟ- ଭିଙ୍ଗାରପୁର, ଭିଙ୍ଗାରପୁର ଶାସନ, ଥାନା- ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା, ପ୍ରତିବାଦୀ ନମ୍ବର(୨)- ମଧୁସୂଦନ ନନ୍ଦ, ପିତା- ଗୋପୀନାଥ ନନ୍ଦ, (୩)- ମାଧବ ନନ୍ଦ, ପିତା- ଗୋପୀନାଥ ନନ୍ଦ,(୪)- ରାଧା ନନ୍ଦ, ପିତା- ଗୋବିନ୍ଦ ନନ୍ଦ

ପ୍ରତିବାଦୀ କ୍ରମିକ ନଂ (୨) ରୁ (୪) ଙ୍କ ଠିକଣା- ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଭରତପୁର, ଭୁବନେଶ୍ୱର- ୭୫୧୦୦୩, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ତଫସିଲ ବର୍ଣ୍ଣିତ ସମ୍ପତ୍ତି ନିମ୍ନରେ ଦିଆଗଲା :-

ଜିଲ୍ଲା-ଖୋର୍ଦ୍ଧା, ତହସିଲ-ଭୁବନେଶ୍ୱର, ମୌଜା-ଘାଟିକିଆ, ଥାନା- ଚନ୍ଦକା ନଂ-୫୦ (ହାଲ୍ ଥାନା- ଭରତପୁର), ଶାବକ ଖାତା ନମ୍ବର- ୨୩୧, ପ୍ଲଟ୍ ନଂ- ୩୯୪, ଏରିଆ- ଏ.ସି. ୦.୪୫୦ଡି. କିସମ- ସାରଦ-୨, ଯାହାକି ସାବକ ମ୍ୟୁଟେସନ ଖାତା ନଂ.-୩୨୬/୩୪୬, ସାବିକ ମ୍ୟୁଟେସନ ପ୍ଲଟ୍ ନଂ.- ୩୯୪/୧୮୮୨ ଏରିଆ ଏ.ସି ୦.୪୫୦ ଡି. କିସମ- ଶାରଦ-୨, ଯାହାକି ଚଳିତ ହାଲ୍ ବନ୍ଦୋବସ୍ତ ଖାତା ନଂ.-୧୨୬୫, ହାଲ୍ ପ୍ଲଟ୍ ନଂ.- ୪୫୧୪/୯୩୮୯, ଏରିଆ ଏ.ସି ୦.୦୦୬ ଡିସିମିଲ, କିସମ- ସାରଦ ଅଣଜଳସେଚିତ-୨, (ବାଦୀମାନେ ଉକ୍ତ ସମ୍ପୂର୍ଣ୍ଣ ପ୍ଲଟ୍ ନଂ.- ୪୫୧୪/୯୩୮୯ ଏରିଆ ଏ.ସି. ୦.୦୦୬ ଡିସିମିଲକୁ ସେମାନଙ୍କ ନାମରେ ରେକର୍ଡ କରିବା ପାଇଁ ପ୍ରାର୍ଥନା କରିଛନ୍ତି)

ଉକ୍ତ ଭୂସମ୍ପତ୍ତିକୁ ବାଦୀମାନେ ତାଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ଉପରଲିଖିତ ରିଭିଜନ ମକଦ୍ଦମା ମାନ୍ୟବର କୋର୍ଟଙ୍କ ଅଦାଲତରେ ଉପରଲିଖିତ ପ୍ରତିବାଦୀ ନମ୍ବର-୧ ରୁ ୪ ଙ୍କ ବିରୁଦ୍ଧରେ ମାମଲା ଦାଏର କରିଥିଲେ, କିନ୍ତୁ ଉପରଲିଖିତ ଦିଆଯାଇଥିବା ଠିକଣା ମତେ ମାନ୍ୟବର ଅଦାଲତଙ୍କ ନୋଟିସ ପ୍ରେରଣ ହୋଇଥିଲା କିନ୍ତୁ ପ୍ରତିବାଦୀ ନମ୍ବର ୨ ଏବଂ ୩ଙ୍କ ଦେହାନ୍ତ ହୋଇଯାଇଥିବାରୁ ଏବଂ ସେହିଭଳି ପ୍ରତିବାଦୀ ନଂ-୧ ଏବଂ ୪ ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବା ନିମନ୍ତେ ଉପସ୍ଥିତ ରହିବେ। ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପରଲିଖିତ ପ୍ରତିବାଦୀଙ୍କ ତରଫରୁ ସେମାଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ପରିଚାଳନା କରୁଥିବା ବ୍ୟକ୍ତି ବିଶେଷମାନେ ମାନ୍ୟବର ଅଦାଲତରେ ଉପରଲିଖିତ ଧାର୍ଯ୍ୟ ତାରିଖରେ ଉକ୍ତ ମାମଲାକୁ ତାଙ୍କ ତରଫରୁ ପରିଚାଳନା କରିବେ। ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ଉକ୍ତ ପ୍ରତିବାଦୀଙ୍କ ତରଫରୁ କୌଣସି କିମ୍ବା କେହି ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି ତେବେ ଉକ୍ତ ମାମଲାକୁ ଆଇନ ମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା/ନୋଟିସ ପ୍ରଦାନ କରାଗଲା।

ସ୍ଥାନ- ଭୁବନେଶ୍ୱର


ତାରିଖ-9.10.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନମ୍ବର ୪ଙ୍କ ଆଦେଶକ୍ରମେ

ଧ-୨୨୫୦


## ମନେ ପଡ଼ନ୍ତି

ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି



**କବିରାଜ ସ୍ୱର୍ଗତ ଗୌରହରି ଦାଶ**
(ସଂକୀର୍ତ୍ତନ ଗୁରୁ)
ବାସୁକେରା, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ: ୧୦।୦୪।୧୯୪୪
ତିରୋଧାନ: ୦୫।୧୧।୨୦୨୩
ଅମରାତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ହତଭାଗ୍ୟ ପତ୍ନୀ: ସୁଲୋଚନା ଦାଶ, ପୁତ୍ର: ରବିନ୍ଦ୍ର, ବିରଞ୍ଚି, ପୁତ୍ରବଧୂ: ମମତା, ଚାନ୍ଦି, କନ୍ୟା: ଲକ୍ଷ୍ମୀ, ସରସ୍ୱତୀ, ପାର୍ବତୀ, ଜାମାତା: ବିକ୍ରମ, ମିନ, ଗୁରୁ, ନାତି: ହାପି, ବାପିନା, ନାତୁଣୀ: ମୀରା, ଶୋକସନ୍ତପ୍ତ ଦାଶ ପରିବାର ଓ ବନ୍ଧୁବର୍ଗ
ଧ-୨୨୪୮

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ବିନାୟକ ଆଚାର୍ଯ୍ୟ**
ଅବସରପ୍ରାପ୍ତ ଶିକ୍ଷକ
(ସେବତୀଦେଈପୁର ଶାସନ)
ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୨୯।୦୯।୨୦୨୫
ବାବା, ତୁମର ଉପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଚିରସ୍ମରଣୀୟ ଓ ଚିରବନ୍ଦନୀୟ ହୋଇ ରହିବ। ଯେଉଁଠି ଥାଅ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ହରିଶ୍ୱରଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ: ତପନ, ତାପସ, ତୁଷାର, ତନ୍ମୟ, ଝିଅ-ଜ୍ୱାଇଁ, ବୋହୂ, ନାତିନାତୁଣୀ, ବନ୍ଧୁ, ପରିବାରବର୍ଗ
ଧ-୨୨୪୯

## ପାଠକଙ୍କ ପାଇଁ ସୂଚନା


କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ନୋବେଲ ପୁରସ୍କାର-୨୦୨୫ (ଭେଷଜ ବିଜ୍ଞାନ)

# ଖୋଲିଗଲା ପ୍ରତିରକ୍ଷାତନ୍ତ୍ରର ଗୁମର


ଡା. ନିତ୍ୟାନନ୍ଦ ସ୍ୱାଇଁ

''ଆମେରିକୀୟ ମହିଳା ବିଜ୍ଞାନୀ ମେରୀ ଇ ବ୍ରଙ୍କୋ, ଆମେରିକୀୟ ବିଜ୍ଞାନୀ ଫ୍ରେଡ୍ ରାମସଡେଲ୍ ଏବଂ ଜାପାନର ବିଜ୍ଞାନୀ ସାଇମୋନ୍ ସାକାଗୁଚି ଚଳିତ ବର୍ଷର ଶରୀରତତ୍ତ୍ୱ ବା ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ଶରୀରରେ ଥିବା ରୋଗ ପ୍ରତିରୋଧକ ତନ୍ତ୍ର ବା ଇମ୍ୟୁନ୍ ସିଷ୍ଟମ ଉପରେ ଗବେଷଣା କରି ପେରିଫେରାଲ ଇମ୍ୟୁନ୍ ଟଲେରାନ୍ସ ବା ପ୍ରାନ୍ତୀୟ ପ୍ରତିରକ୍ଷା ସହନଶୀଳତା ସମ୍ପର୍କିତ ଆବିଷ୍କାର ପାଇଁ ସେମାନଙ୍କୁ ମିଳିବ ଏହି ପୁରସ୍କାର। ଶରୀର ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟ ପଦ୍ଧତିକୁ ବୁଝିବାରେ ଏହା ଏକ ବୈପ୍ଲବିକ ଆବିଷ୍କାର।''




### କିଏ ପାଇଲେ

ଆମେରିକୀୟ ମହିଳା ବିଜ୍ଞାନୀ ମେରୀ ଇ ବ୍ରଙ୍କୋ, ଆମେରିକୀୟ ବିଜ୍ଞାନୀ ଫ୍ରେଡ୍ ରାମସଡେଲ୍ ଏବଂ ଜାପାନର ବିଜ୍ଞାନୀ ସାଇମୋନ୍ ସାକାଗୁଚି ଚଳିତ ବର୍ଷର ଶରୀରତତ୍ତ୍ୱ ବା ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ବ୍ରଙ୍କୋ ସିଟଲସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର ସିଷ୍ଟମ୍‌ସ ବାୟୋଲୋଜିର ସିନିୟର ପ୍ରୋଗ୍ରାମ ମ୍ୟାନେଜର, ରାମସଡେଲ୍ ସାନଫ୍ରାନ୍‌ସିସକୋର ସୋନୋମା ବାୟୋଥେରାପିଉଟିକ୍ସର ବିଜ୍ଞାନ ଉପଦେଷ୍ଟା ଏବଂ ସାକାଗୁଚି ଓସାକା ୟୁନିଭର୍ସିଟିର ଇମ୍ୟୁନୋଲୋଜି ଫ୍ରଣ୍ଟିୟର ରିସର୍ଚ୍ଚ ସେଣ୍ଟରରେ ପ୍ରଫେସର ଭାବରେ କାର୍ଯ୍ୟରତ।

### କାହିଁକି ପାଇଲେ

ଶରୀରରେ ଥିବା ରୋଗ ପ୍ରତିରୋଧକ ତନ୍ତ୍ର ବା ଇମ୍ୟୁନ୍ ସିଷ୍ଟମ ଉପରେ ଗବେଷଣା କରି ପେରିଫେରାଲ ଇମ୍ୟୁନ୍ ଟଲେରାନ୍ସ ବା ପ୍ରାନ୍ତୀୟ ପ୍ରତିରକ୍ଷା ସହନଶୀଳତା ସମ୍ପର୍କିତ ଆବିଷ୍କାର ପାଇଁ ସେମାନଙ୍କୁ ମିଳିବ ଏହି ପୁରସ୍କାର। ଶରୀର ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟ ପଦ୍ଧତିକୁ ବୁଝିବାରେ ଏହା ଏକ ବୈପ୍ଲବିକ ଆବିଷ୍କାର।

### କ'ଣ ପାଇବେ


ପୁରସ୍କାର ବାବଦକୁ ପ୍ରତ୍ୟେକ ବିଜେତା ପାଇବେ ୪ ଲକ୍ଷ ଡଲାର ବା ପାଖାପାଖି ୩୫୦ ଲକ୍ଷ ଟଙ୍କା, ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ଏବଂ ପୁରସ୍କାର ପାଇବାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା। ଏହା ସେମାନଙ୍କୁ ପ୍ରଦାନ କରାଯିବ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ ନୋବେଲ୍‌ଙ୍କ ପୁଣ୍ୟତିଥି ଡିସେମ୍ବର ୧୦ ତାରିଖରେ ପାଳିତ ହେଉଥିବା ନୋବେଲ ଦିବସରେ।

### ଗବେଷଣାର ରୂପରେଖ

ଶରୀର ପ୍ରତିରକ୍ଷାତନ୍ତ୍ର ପ୍ରକୃତିର ଏକ ଚମତ୍କାର କୃତି। ପ୍ରତିଦିନ ଆମେ ହଜାର ହଜାର ପ୍ରକାରର ଭିନ୍ନ ଭିନ୍ନ


ମେରୀ ଇ ବ୍ରଙ୍କୋ


ଫ୍ରେଡ୍ ରାମସଡେଲ୍


ସାଇମୋନ୍ ସାକାଗୁଚି

ଭାଇରସ, ବ୍ୟାକ୍ଟେରିଆ ଏବଂ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକର ସଂସ୍ପର୍ଶରେ ଆସିଥାଉ। ସେଗୁଡ଼ିକ ଆମ ଶରୀରକୁ ଆକ୍ରମଣ କରିବା ପାଇଁ ଅହରହ ଚେଷ୍ଟା ଚଳେଇ ଥାଆନ୍ତି। ଶରୀରରେ ପ୍ରତିରକ୍ଷାତନ୍ତ୍ର କ୍ରିୟାଶୀଳ ହେଉ ନ ଥିଲେ ଆମେ ବଞ୍ଚି ରହିବା ସମ୍ଭବ ହେଉ ନ ଥାନ୍ତା।

ପ୍ରତିରକ୍ଷାତନ୍ତ୍ର ଖୁବ୍ ଶକ୍ତିଶାଳୀ। ଏହା ରୋଗ ସୃଷ୍ଟିକାରୀ ଅଣୁଜୀବଗୁଡ଼ିକୁ ଆକ୍ରମଣ କରି ସେଗୁଡ଼ିକୁ ଅକାମୀ କରିଦିଏ। କିନ୍ତୁ ତାହା ମଧ୍ୟ ଆକ୍ରମଣ କରିପାରେ ଆମ ଶରୀରର ନିଜସ୍ୱ ଅଙ୍ଗଗୁଡ଼ିକୁ। ମାତ୍ର ତାହା ଯେପରି ଶରୀର କୋଷଗୁଡ଼ିକର କୌଣସି କ୍ଷତି କରିପାରିବନି, ସେଥିପାଇଁ ଶରୀରରେ କାର୍ଯ୍ୟକାରୀ ହେଉଥାଏ ପ୍ରତିରକ୍ଷାତନ୍ତ୍ରକୁ ନିୟନ୍ତ୍ରଣରେ ରଖିବାର ଏକ ଫଳପ୍ରଦ ପ୍ରକ୍ରିୟା। ସେହି ପ୍ରକ୍ରିୟାଟି ହେଉଛି ପ୍ରାନ୍ତୀୟ ପ୍ରତିରକ୍ଷା ସହନଶୀଳତା ବା ପେରିଫେରାଲ ଇମ୍ୟୁନ୍ ଟଲେରାନ୍ସ। ଏହି ପ୍ରକ୍ରିୟାଟି ସକ୍ରିୟ ରହିଥିବା ଯୋଗୁ ହିଁ ପ୍ରତିରକ୍ଷାତନ୍ତ୍ର ଶରୀରର କୌଣସି କ୍ଷତି କରିପାରୁନି। ପ୍ରତିରକ୍ଷାତନ୍ତ୍ରର ବିସ୍ମୟକର ଗୁଣ ହେଉଛି ଏହା ରୋଗ ସୃଷ୍ଟିକାରୀ ଅଣୁଜୀବଗୁଡ଼ିକୁ ବିଦେଶୀ ବା 'ପର' ବୋଲି ଚିହ୍ନିପାରି ସେଗୁଡ଼ିକୁ ଧ୍ୱଂସ କରିପକାଏ କିନ୍ତୁ ଶରୀରକୋଷଗୁଡ଼ିକ 'ନିଜର' ବା 'ଆପଣାର' ବୋଲି ଚିହ୍ନିପାରି ସେଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମର୍ଥ। ଏହାକୁ ସରଳ ଭାବରେ ବୁଝେଇବା ପାଇଁ କୁହାଯାଉଛି ଯେ, 'ଆମ ଶରୀର କୋଷଗୁଡ଼ିକରେ ରହିଛି 'ସ୍ୱତନ୍ତ୍ର ପୋଷାକ'। ତେଣୁ ପ୍ରତିରକ୍ଷାତନ୍ତ୍ରର ସିକ୍ୟୁରିଟିଗାର୍ଡ ବା ନିରାପତ୍ତାରକ୍ଷୀ ସେଗୁଡ଼ିକୁ ଆପଣାର ବୋଲି ସହଜରେ ଚିହ୍ନିପାରେ। ଅଥଚ ଆମ ସ୍ୱାସ୍ଥ୍ୟକୁ ବିପନ୍ନ କରୁଥିବା ଅଣୁଜୀବ ବା ଭାଇରସ, ବ୍ୟାକ୍ଟେରିଆ ଇତ୍ୟାଦିଙ୍କର କୌଣସି 'ସ୍ୱତନ୍ତ୍ର ପୋଷାକ' ନ ହବାରୁ ସେଗୁଡ଼ିକ ଦେଖିବାକୁ ଅଲଗା ଅଲଗା। ତେଣୁ ପ୍ରତିରକ୍ଷାତନ୍ତ୍ରର ନିରାପତ୍ତାରକ୍ଷୀ ସେଗୁଡ଼ିକୁ 'ବିଦେଶୀ' ବା 'ପର' ବୋଲି ଚିହ୍ନିପକେଇ ଝାମ୍ପି ପଡ଼େ ସେଗୁଡ଼ିକ ଉପରକୁ ଏବଂ ଆକ୍ରମଣ କରି ମାରିପକାଏ।

ଚଳିତବର୍ଷ ନୋବେଲ ବିଜେତାମାନେ ପ୍ରତିରକ୍ଷାତନ୍ତ୍ରର ସେହି ନିରାପତ୍ତାରକ୍ଷୀଗୁଡ଼ିକୁ ଚିହ୍ନଟ କରିବାରେ ସଫଳ ହୋଇଛନ୍ତି ଓ ତା'ର ନାଁ ରଖିଛନ୍ତି 'ରେଗୁଲେଟରି ଟି ସେଲ୍‌ସ'।

ଶରୀରକୁ ସୁରକ୍ଷା ଦେଇଚାଲିଛନ୍ତି ପ୍ରତିରକ୍ଷାତନ୍ତ୍ରର ନାନା ପ୍ରକାରର କୋଷ। 'ହେଲ୍‌ପର ଟି ସେଲ୍' ନାମକ କୋଷଗୁଡ଼ିକ ଶରୀର ଭିତରେ ଅହରହ ପହରା ଦେଉଛନ୍ତି। କୌଣସି ଆକ୍ରମଣକାରୀ ଅଣୁଜୀବ ଦେହ ଭିତରକୁ ପଶିଗଲେ ସଙ୍ଗେସଙ୍ଗେ ସତର୍କ କରିଦେଉଛନ୍ତି ପ୍ରତିରକ୍ଷାତନ୍ତ୍ରର ଅନ୍ୟ କୋଷଗୁଡ଼ିକୁ, ଯେଉଁମାନେ ଅନୁପ୍ରବେଶକାରୀ ଅଣୁଜୀବକୁ ଆକ୍ରମଣ କରି କାବୁ କରିଦେଉଛନ୍ତି। ପୁଣି ଭାଇରସ କି ଅନ୍ୟ ରୋଗ ସୃଷ୍ଟିକାରୀ ଅଣୁଜୀବ ଦ୍ୱାରା ସଂକ୍ରମିତ ହୋଇପଡ଼ିଥିବା କୋଷଗୁଡ଼ିକୁ ଓ ଟ୍ୟୁମର କୋଷଗୁଡ଼ିକୁ ଚିହ୍ନି ସେଗୁଡ଼ିକୁ ବାହାର କରି ଦେଉଛନ୍ତି ପ୍ରତିରକ୍ଷାତନ୍ତ୍ରର 'କିଲର ଟି ସେଲ୍' ନାମକ କୋଷଗୁଡ଼ିକୁ।

ଆକ୍ରମଣକାରୀ ଅଣୁଜୀବଗୁଡ଼ିକୁ ଚିହ୍ନଟ କରିବା ପାଇଁ ଟି ସେଲ୍‌ଗୁଡ଼ିକ ଉପରେ ଥାଏ ଟି ସେଲ୍ ରିସେପ୍ଟର ପ୍ରୋଟିନ୍। ସେଗୁଡ଼ିକ ସେନ୍‌ସର ବା ସୂଚକ ଭାବରେ କାର୍ଯ୍ୟ କରି ଏହି ଚିହ୍ନଟ ପ୍ରକ୍ରିୟା ସମ୍ପାଦନ କରିଥାଆନ୍ତି। ଆମ ଦେହରେ ରହିଛନ୍ତି ୧୦ ଟୁ ଦ ପାୱାର ୧୫ (୧ ପରେ ୧୫ଟି ଶୂନ)ରୁ ବେଶି ଭିନ୍ନ ଭିନ୍ନ ଟି ସେଲ୍ ରିସେପ୍ଟର।


ଦୀର୍ଘ ୧୦ ବର୍ଷରୁ ଅଧିକ କାଳ ଗବେଷଣା କରି ୧୯୯୫ରେ ସାକାଗୁଚି ଆବିଷ୍କାର କରିଥିଲେ ଏକ ନୂତନ ପ୍ରକାର ଟି ସେଲ୍। ସେହି ନୂତନ ପ୍ରକାର ଟି ସେଲ୍‌କୁ ସେ 'ରେଗୁଲେଟରୀ ସେଲ୍' ଭାବରେ ନାମକରଣ କରିଥିଲେ। ମାତ୍ର ଅନ୍ୟ ବୈଜ୍ଞାନିକମାନେ ସାକାଗୁଚିଙ୍କ ଆବିଷ୍କାରକୁ ଗ୍ରହଣ ନ କରି ଚାହିଁଲେ ଆହୁରି ଅଧିକ ପ୍ରମାଣ।

ଏହି ସମୟରେ ଅପ୍ରତ୍ୟାଶିତ ଭାବରେ ଆସି ପହଞ୍ଚିଗଲା ଏକ ନୂତନ ସୁଯୋଗ। ସେତେବେଳେ ଦୃଷ୍ଟି ଆକର୍ଷଣ କଲା କାତିବିଶିଷ୍ଟ ଏକ ଧରଣର ପୁରୁଷ ମୂଷା। ମୂଷାର ଦେହସାରା କାତି ଭର୍ତ୍ତି। ବଢ଼ିଯାଇଥାଏ ପ୍ଲୀହା ଏବଂ ଲସିକାଗ୍ରନ୍ଥିମାନ। ଅଳ୍ପ କେଇ ସପ୍ତାହ ବଞ୍ଚି ରହି ସେମାନଙ୍କର ମୃତ୍ୟୁ ହୋଇଯାଉଥାଏ। ସେହି ପ୍ରକାରର ମୂଷାମାନଙ୍କୁ 'ସ୍କର୍ଫି' ବୋଲି ନାଁ ଦିଆଯାଇଥିଲା। କିନ୍ତୁ ମାଈ ମୂଷାମାନେ ଥିଲେ ରୋଗମୁକ୍ତ। ତେଣୁ ମୂଷାର ଏକ୍ସ (X) କ୍ରୋମୋଜୋମ୍‌ରେ ମ୍ୟୁଟେସନ ବା ରାସାୟନିକ ପରିବର୍ତ୍ତନ ହିଁ ଏହାର କାରଣ ବୋଲି ବୈଜ୍ଞାନିକମାନେ ନିର୍ଣ୍ଣୟ କଲେ।

ମାତ୍ର ସେହି ମୂଷାଙ୍କ ପରେ ଏପରି ରୋଗ ହେବାର ମୂଳ କାରଣ କ'ଣ? କାରଣର ସନ୍ଧାନ ନେବା ପାଇଁ ଆଗ୍ରହୀ ହୋଇଉଠିଲେ ବ୍ରଙ୍କୋ ଏବଂ ରାମସଡେଲ୍। ମୂଷାର ଏକ୍ସ କ୍ରୋମୋଜୋମ୍‌ରେ କେଉଁ ଜିନ୍‌ର ମ୍ୟୁଟେସନ ରୋଗ ସୃଷ୍ଟି ପାଇଁ ଦାୟୀ ତାହା ଚିହ୍ନଟ ଜରୁରୀ। ହେଲେ ମୂଷାର କ୍ରୋମୋଜୋମ୍‌ଟିରେ ୧୭କୋଟି ନ୍ୟୁକ୍ଲିଟୋଇଡ। ସେଗୁଡ଼ିକର ବିଶ୍ଳେଷଣ ପାଇଁ ଲୋଡ଼ା ଯଥେଷ୍ଟ ସମୟ, ଅମାପ ଧୈର୍ଯ୍ୟ ଓ କଠିନ ପରିଶ୍ରମ। ଶେଷରେ ସେମାନେ ଅଭିନିବିଷ୍ଟ ହେଲେ ୨୦ଟି ଜିନ୍‌ରେ। ସେହି ୨୦ଟି ଜିନ୍ ତୁଳନା କଲେ ସୁସ୍ଥ ମୂଷା ଓ 'ସ୍କର୍ଫି' ମୂଷାଙ୍କ ଏକ୍ସ କ୍ରୋମୋଜୋମ୍‌ରେ। ବଡ଼ ସୌଭାଗ୍ୟ ସେମାନଙ୍କର ଯେ ପାର୍ଥକ୍ୟଟି ଧରାପଡ଼ିଲା ୨୦ତମ ଜିନ୍‌ରେ। ବ୍ରଙ୍କୋ ଓ ରାମସଡେଲ୍ ସେହି ଅସ୍ୱାଭାବିକ ଜିନ୍ ବା 'ସ୍କର୍ଫି' ମୂଷାଙ୍କ ୨୦ତମ ଜିନ୍‌ର ନାଁ ରଖିଲେ ଫକ୍ସପି ଜିନ୍। (କ୍ରମଶଃ...)

-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ : ୯୪୩୭୭୬୬୧୧୭

## ସ୍ମରଣଶକ୍ତି ହ୍ରାସ କରେ ଏକୁଟିଆପଣ



ସବୁବେଳେ ହସଖୁସିରେ ରହିବାକୁ କିଏ ବା ନ ଚାହେଁ? ହେଲେ ତାହା ଅନେକ ସମୟରେ ସମ୍ଭବ ହୋଇ ନ ଥାଏ। କେତେକ ଏକୁଟିଆ ଜୀବନ ବିତାଇବାକୁ ଭଲପାଆନ୍ତି। ହେଲେ ଏହା ଯଦି ଦୀର୍ଘ ବର୍ଷ ଧରି ଲାଗି ରହେ ତେବେ ତାହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସର୍ଭେରୁ ଜଣାପଡ଼ିଛି। 'ସ୍ମରଣ ଶକ୍ତି ଓ ଏକୁଟିଆପଣ' ଶୀର୍ଷକ ବିଷୟକୁ ନେଇ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଦୀର୍ଘ ସମୟ ଧରି ଏକୁଟିଆ ରହିଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ, ଦୀର୍ଘ ବର୍ଷ ଧରି ଏକୁଟିଆ ରହିବା ଦ୍ୱାରା ଏହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡ଼ିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ଦୂରେଇ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## କ୍ୟାନ୍‌ସର ଆଶଙ୍କା ଦୂର କରେ ଅଙ୍ଗୁର

ଅଙ୍ଗୁରରେ ଏଭଳି ତତ୍ତ୍ୱ ରହିଛି ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକାଂଶରେ ଦୂର କରିପାରେ। ଏଭଳି ମତବ୍ୟକ୍ତ କରିଛନ୍ତି ଇଂଲଣ୍ଡର କ୍ୟାନ୍‌ସର ବିଶେଷଜ୍ଞମାନେ। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ 'କ୍ୟାନ୍‌ସର ଏବଂ ଅଙ୍ଗୁର' ବିଷୟକୁ ନେଇ ଏକ ସର୍ଭେ କରାଯାଇଥିଲା। ଏହି ସର୍ଭେ ସମୟରେ ଏହାର ପରିସରଭୁକ୍ତ କ୍ୟାନ୍‌ସର ଆକ୍ରାନ୍ତ କେତେକ ବ୍ୟକ୍ତିଙ୍କୁ ନିୟମିତ ଅଙ୍ଗୁର ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅପରପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ



କ୍ୟାନ୍‌ସର ଉପରେ କିପରି ରହୁଛି ତାହାକୁ ବିଶେଷଜ୍ଞମାନେ ତର୍ଜମା କରି ଏକଥା ଜାଣିପାରିଛନ୍ତି। ଏଥିରେ ରେସ୍‌ଭେରାଟ୍ରୋଲ୍ ନାମକ ଏକ ତତ୍ତ୍ୱ ରହିଛି ଯାହା କ୍ୟାନ୍‌ସର ଆଶଙ୍କାକୁ କେତେକ ମାତ୍ରାରେ କମାଇଦିଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଅଙ୍ଗୁରରେ ଆଣ୍ଟି ଅକ୍ସିଡାଣ୍ଟର ମାତ୍ରା ଅଧିକ ରହିଛି। ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ାଇଥାଏ।

## ଜାଣି ରଖନ୍ତୁ



ଅନେକ ରକ୍ତଦାନକୁ ଜୀବନର ଏକ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତି। ଏହାଦ୍ୱାରା ଆମେ ଜଣଙ୍କର ଜୀବନ ବଞ୍ଚାଇବାରେ କେତେକାଂଶରେ ସହାୟତା କରିପାରିବା। ହେଲେ ରକ୍ତଦାନ ପୂର୍ବର ଏ ବିଷୟରେ ଜଣେ ସବିଶେଷ ଭାବରେ ଜାଣିବା ନିହାତି ଦରକାର। ରକ୍ତଦାନ କରିବା ପୂର୍ବରୁ ଜଣେ ସୁସ୍ଥ ରହିବା ନିହାତି ଦରକାର। ଏହି ବିଷୟରେ ପ୍ରଥମେ ଡାକ୍ତରଙ୍କ ସହ ଆଲୋଚନା କରି ମନରେ ଥିବା ପ୍ରଶ୍ନଗୁଡ଼ିକର ସମାଧାନ କରନ୍ତୁ। ରକ୍ତଦାନ କରିବା ସମୟରେ କେତେକ ନୀତିନିୟମ ମାନିବାକୁ ପଡ଼ିଥାଏ। ଯେଉଁଠି ରକ୍ତଦାନ କରିବେ ସେଠାରେ ପ୍ରଥମେ ରକ୍ତଦାତା ଭାବରେ ନିଜର ନାମ ପଞ୍ଜୀକରଣ କରନ୍ତୁ। ରକ୍ତଦାନ କରିବା ପୂର୍ବରୁ ରକ୍ତଦାତାଙ୍କ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନ କରିବା ପୂର୍ବରୁ ମନକୁ ହାଲୁକା ରଖନ୍ତୁ। ରକ୍ତଦାନ କରିବା ପରେ ସେଠାରେ କିଛି ସମୟ ବିଶ୍ରାମ କରନ୍ତୁ।


## ଆଲଜିମର୍ସ ସମସ୍ୟା: କିଛି କଥା



ଆଲଜିମର୍ସ ଦ୍ୱାରା ଆକ୍ରାନ୍ତ ହେଲେ ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ଆକ୍ରାନ୍ତ ବ୍ୟକ୍ତି ନିଜ ନାଁ'କୁ ମଧ୍ୟ ଭୁଲିଯାଏ। ଯଦି ବାହାରକୁ ଯାଇଥାଆନ୍ତି, ତେବେ ଘରକୁ ଫେରିବାକୁ ବାଟ ଖୋଜି ପାଇବାରେ ସକ୍ଷମ ହୋଇ ନ ଥାନ୍ତି। ବୟସ ୬୫ରୁ ଊର୍ଦ୍ଧ୍ୱ ହୋଇଗଲେ ଆଲଜିମର୍ସ ବାହାରିବା ଆଶଙ୍କା ପ୍ରାୟ ବେଶି ରହିଥାଏ। ବିଶେଷଭାବରେ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଏପରିକି ୨୦୫୦ ମସିହା ବେଳକୁ ଆଲଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ତେଣୁ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସତର୍କ ରହିବା ନିହାତି ଦରକାର। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ଜଣେ ନିଜକୁ ଏଭଳି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିପାରିବ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଅବସାଦଗ୍ରସ୍ତ ହୋଇଥିଲେ...

ଜଣେ ଅବସାଦଗ୍ରସ୍ତ ହେବା ପଛରେ କେତେକ କାରଣ ରହିଛି। ତେବେ ଏଭଳି ଏକ ସମସ୍ୟା ଠାରୁ ନିଜକୁ ଦୂରେଇ ରହିବା ପଛରେ ଏକ ସରଳ ତଥା ସହଜ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ନିଜର ଖାଦ୍ୟପେୟ। ଯଦି ଜଣେ ବ୍ୟକ୍ତି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତି, ତେବେ ସେ ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ନିକଟରେ ଏଭଳି ମତବ୍ୟକ୍ତ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅବସାଦ ସହ



ଜଡିତ କେତେକ ବ୍ୟକ୍ତିଙ୍କୁ ସେମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କୁ ଏଥିରୁ ମୁକ୍ତି ପାଇବା ଲାଗି ନିୟମିତ ସନ୍ତୁଳିତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ଏଭଳି ଖାଦ୍ୟର କି ପ୍ରକାର ପ୍ରଭାବ ଅବସାଦ ଉପରେ ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନଜର ରଖିଥିଲେ। ପରିଶେଷରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟ ସୂଚନା

➤ନିୟମିତ ସକାଳୁ ଉଠିବା ସମୟରେ କିଛି ସମୟ ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଦ୍ୱାରା ଆମ ଶରୀରରେ ହେଉଥିବା ପାଚନ କ୍ରିୟା କେତେକାଂଶରେ ସକ୍ରିୟ ରହିଥାଏ। କେବଳ ସେତିକି ନୁହେଁ, ଏଭଳି ଏକ୍ସରସାଇଜ୍ ନିୟମିତ କଲେ ଅଣ୍ଟାଜନିତ ବ୍ୟଥାକୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ।



➤ନିଜକୁ ସୁସ୍ଥ ରଖିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକାଥରେ ପୁଳାଏ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ। ଏହାଦ୍ୱାରା ହଜମ କ୍ରିୟା ଠିକ୍ ରହିଥାଏ।

➤ନିଜକୁ ଚିନ୍ତା ଏବଂ ଟେନ୍‌ସନଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଏଗୁଡ଼ିକ ସମୟକ୍ରମେ କେତେକ ରୋଗକୁ ପରୋକ୍ଷରେ ଡାକି ଆଣିଥାଏ।

➤ଖାଇସାରିବା ପରେ ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ତା' ସହ ରକ୍ତ ସଞ୍ଚାଳନରେ ମଧ୍ୟ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

➤ପ୍ରତିଦିନ ରାତିରେ ଅତିକମ୍‌ରେ ୭-୮ଘଣ୍ଟା ଶୁଅନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧା ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।

➤ଆପଣଙ୍କର କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଅଛି କି? ଯଦି ହଁ, ତେବେ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ମସଲାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏସବୁ ଖାଦ୍ୟ ବେଶି ଏବଂ ନିମୟିତ ଖାଇଲେ ତାହା ପେଟଜନିତ ସମସ୍ୟା ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।

## ବୃଦ୍ଧି ପାଉଛି ପ୍ଲାଷ୍ଟିକ ପ୍ରଦୂଷଣ

ପ୍ଲାଷ୍ଟିକ ପ୍ରଦୂଷଣ ଦ୍ୱାରା ପୃଥିବୀର ସମୁଦ୍ର ଓ ମହାସମୁଦ୍ର ଅଧିକ ପ୍ରଭାବିତ ହେଉଛି। ଜାପାନର ସମୁଦ୍ର ବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାଯାଏ ଯେ, ପ୍ରତି ବର୍ଷ ପ୍ରାୟ ୮୮ ଲକ୍ଷ ଟନ୍ ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ରରେ ଆବର୍ଜନା ରୂପେ ମିଶିଥାଏ। ଅର୍ଥାତ ସମୁଦ୍ରରେ ପ୍ରତି ମିନିଟରେ ପ୍ରାୟ ୧ ଟନ୍ ପ୍ଲାଷ୍ଟିକ ଆବର୍ଜନା ମିଶୁଛି ଯାହା ଏକ ଟ୍ରକ୍ ଭର୍ତ୍ତି ଆବର୍ଜନା ସଙ୍ଗେ ସମାନ। ଏହି ପ୍ଲାଷ୍ଟିକ ଆବର୍ଜନା ସମୟକ୍ରମେ ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର କଣିକାରେ ପରିଣତ ହୁଏ, ଯାହାକୁ 'ମାଇକ୍ରୋପ୍ଲାଷ୍ଟିକ' କହନ୍ତି। ଏଗୁଡ଼ିକ ସାମୁଦ୍ରିକ ଖାଦ୍ୟ ଶୃଙ୍ଖଳରେ ପ୍ରବେଶ କରି ବିଭିନ୍ନ ଜଳଚର ଜୀବ ଯଥା ମାଛ, କଇଁଛ, ଡଲଫିନ୍, ତିମି ଆଦି ସାମୁଦ୍ରିକ ଜୀବଙ୍କ ଶରୀରକୁ ସଞ୍ଚରିତ ହୁଏ। ଏଗୁଡ଼ିକୁ ଖାଇବା ଦ୍ୱାରା ସେମାନଙ୍କ ଖାଦ୍ୟ ଗ୍ରହଣ କ୍ଷମତା ଗୁରୁତର ହ୍ରାସ ପାଇଥାଏ। ଏପରିକି ବେଳେବେଳେ ଏଥିଯୋଗୁଁ କେତେକ ସାମୁଦ୍ରିକ ପ୍ରାଣୀ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ପ୍ଲାଷ୍ଟିକ ଜାତ କିଛି ପଦାର୍ଥ (ଯଥା ମାଛ ଧରିବା ପାଇଁ ସମୁଦ୍ରରେ ବିଛାଯାଉଥିବା ଜାଲ) ସାମୁଦ୍ରିକ ଜୀବଙ୍କ ଶରୀରରେ ଗୁଡ଼ାଇ ହୋଇଯିବା ଦ୍ୱାରା ସେମାନଙ୍କ ଚଳପ୍ରଚଳ କ୍ଷମତା ଓ ଗତିଶୀଳତା ଯଥେଷ୍ଟ ହ୍ରାସ ପାଇ ପରିଶେଷରେ ସେମାନେ ଶିକାରୀ ଜୀବ ଦ୍ୱାରା ଶିକାର ହୋଇଥାନ୍ତି। ଉକ୍ତ ହିସାବରୁ ପୁଣି ଜଣାପଡ଼ିଛି ଯେ, ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ପ୍ରତି ବର୍ଷ ପ୍ରାୟ ୧ ଲକ୍ଷ ସାମୁଦ୍ରିକ ଜୀବଙ୍କ ମୃତ୍ୟୁ ଘଟୁଛି। ତେବେ ସମୁଦ୍ରରେ ଏଭଳି ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଲାଗି ସମସ୍ତଙ୍କର ଉଦ୍ୟମ ଦରକାର।



ଧରିତ୍ରୀ 51 Years
# ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୩/୨୦୨୫ Bhubaneswar, Monday, October 13/ 2025




# ଭାରତୀୟ ପୁରୁଷ ଦଳର ପଦକ ଆଶା ଶେଷ



ଭାରତ ଓ ହଂକଂ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

**ଏସିଆନ ଟେବୁଲ ଟେନିସ ଟିମ୍ ଚାମ୍ପିୟନଶିପ୍**

**■ ହଂକଂ, ଜାପାନ ସେମିଫାଇନାଲରେ**

ଭୁବନେଶ୍ୱର, ୧୨।୧୦ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଟିଏଫ୍-ଏଟିଟିୟୁ ୨୮ତମ ଏସିଆନ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଭାରତୀୟ ପୁରୁଷ ଦଳର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତ ୦-୩ରେ ହଂକଂ ନିକଟରୁ ହାରି ଯାଇଛି। ପ୍ରଥମ ମ୍ୟାଚରେ ଭାରତର ମାନୁଷ ସାହା ୦-୩ (୫-୧୧, ୯-୧୧, ୧୧-୧୩)ରେ ହଂକଂର ଓଙ୍ଗ୍ ଚୁଙ୍ଗ୍ ଟିନ୍‌ଙ୍କ ନିକଟରୁ ହାରି ଯାଇଥିଲେ। ପରେ ମାନବ ଠାକ୍କର କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଚାନ୍ ବାଲ୍ଡ୍‌ୱିନଙ୍କଠାରୁ ୨-୩ (୮-୧୧, ୮-୧୧, ୧୨-୧୦, ୧୧-୯, ୮-୧୧)ରେ ପରାସ୍ତ ହୋଇଥିଲେ। ତୃତୀୟ ଖେଳାଳିଭାବେ ଅଙ୍କୁର ଭଟ୍ଟାଚାର୍ଯ୍ୟ ୨-୩ (୧୧-୭, ୯-୧୧, ୧୪-୧୨, ୬-୧୧, ୭-୧୧)ରେ ଲାମ୍ ସୁ ହାଙ୍ଗଙ୍କଠାରୁ ପରାଜିତ ହୋଇଥିଲେ। ଭାରତ (୪) ତୁଳନାରେ ହଂକଂ (୬) ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ତଳେ ଥିଲେ ହେଁ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଫଳରେ ଗତ ୩ଥର ବ୍ରୋଞ୍ଜ ପଦକ ବିଜେତା ଭାରତ ଏବେ ୫ରୁ ୮ମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ ଖେଳିବ। ଏହି ମ୍ୟାଚ ୧୪ ତାରିଖରେ ଅନୁଷ୍ଠିତ ହେବ। ଅନ୍ୟ ପକ୍ଷରେ ହଂକଂ ସେମିଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଦଳର ମୁଖ୍ୟ କୋଚ୍ ମାସିମୋ କଷ୍ଟାଣ୍ଟିନି ହଂକଂ ଦଳର ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ସେମାନେ ସୁଯୋଗର ଭରପୂର ସଦୁପଯୋଗ କଲେ। ଚାପ ସ୍ଥିତିରେ ଆମେ ଶ୍ରେଷ୍ଠ ପ୍ରଦର୍ଶନ କରି ପାରିଲୁନି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଜାପାନ ୩-୧ରେ କୋରିଆକୁ ହରାଇ ସେମିଫାଇନାଲରେ ପହଞ୍ଚିଛି।

ପୁରୁଷ ବିଭାଗର ୧୨-୧୬ ପୋଜିଶନ ମ୍ୟାଚରେ କାତାର ୩-୧ରେ ଶ୍ରୀଲଙ୍କା, ୧୭-୨୧ ପୋଜିଶନ ମ୍ୟାଚରେ କିର୍ଗିଜସ୍ତାନ ୩-୦ରେ ଓମାନକୁ ହରାଇ ଦେଇଛି। ପୂର୍ବାହ୍ନରେ ଅନୁଷ୍ଠିତ ଗ୍ରୁପ୍ ମ୍ୟାଚରେ ଇରାନ ୩-୦ରେ ମଙ୍ଗୋଲିଆକୁ ହରାଇଥିବାବେଳେ ସିଙ୍ଗାପୁର ୩-୦ରେ ଉଜବେକିସ୍ତାନ, ଥାଇଲାଣ୍ଡ ୩-୦ରେ କାତାରକୁ ପରାସ୍ତ କରିଛି।

ସେହିପରି ମହିଳା ବିଭାଗର ଗ୍ରୁପ୍ ମ୍ୟାଚରେ ଚାଇନିଜ ତାଇପେ ୩-୦ରେ ଉଜବେକିସ୍ତାନ, ମକାଉ ୩-୨ରେ ବାଂଲାଦେଶ, ମାଲେସିଆ ୩-୦ରେ ଇରାନ, ନେପାଳ ୩-୧ରେ କିର୍ଗିଜସ୍ତାନ, ଥାଇଲାଣ୍ଡ ୩-୦ରେ ମଙ୍ଗୋଲିଆ, ସିଙ୍ଗାପୁର ୩-୦ରେ କାଜାଖସ୍ତାନକୁ ପରାସ୍ତ କରିଛି। ଭାରତୀୟ ମହିଳା ଦଳ ସୋମବାର ସିଧାସଳଖ କ୍ୱାର୍ଟର ଫାଇନାଲ ଖେଳିବ।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ବିଭାଗର ବରିଷ୍ଠ ଅଧିକାରୀଗଣ ଏବଂ ଭାରତୀୟ ଟେବୁଲ ଟେନିସ ଫେଡେରେଶନ ମହାସଚିବ କମଲେଶ ମେହେଟା ପ୍ରମୁଖ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ।

# ଓଡ଼ିଶାକୁ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ, ୯ ବ୍ରୋଞ୍ଜ



ଜାତୀୟ ଜୁ-ଜିତସୁରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

**ଜାତୀୟ ଜୁ-ଜିତସୁ ପ୍ରତିଯୋଗିତା ଉଦଯାପିତ**

ଭୁବନେଶ୍ୱର, ୧୨।୧୦ (ତପନ ସ୍ୱାଇଁ)

ଉତ୍ତରପ୍ରଦେଶର ସାହରଣପୁରଠାରେ ଅନୁଷ୍ଠିତ ଜାତୀୟ ଜୁ-ଜିତସୁ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇଛି। ପ୍ରତିଯୋଗିତାରେ ଓଡିଶା ଦଳ ମୋଟ ୨୮ଟି ପଦକ ହାସଲ କରଛି। ଏହା ମଧ୍ୟରେ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୯ଟି ବ୍ରୋଞ୍ଜ ପଦକ ସାମିଲ। ଶେଷ ଦିନରେ ଅନୁପମା ସ୍ୱାଇଁ ୫୨ କେଜି ସିନିୟର ମହିଳା କଣ୍ଟାକ୍ଟ ଫାଇଟିଂରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଏଥିସହ ସେ ସ୍ୱର୍ଣ୍ଣ ଜିତିବାରେ ହ୍ୟାଟ୍ରିକ କରିଛନ୍ତି। ମହିଳା ୬୦ କେଜି କଣ୍ଟାକ୍ଟ ଫାଇଟିଂରେ ପ୍ରିୟଦର୍ଶିନୀ ଘଟୁଆରୀ ବ୍ରୋଞ୍ଜ, କଣ୍ଟାକ୍ଟ ଫାଇଟିଂ ପୁରୁଷ ୫୭ କେଜରେ ଅମରେଶ୍ୱର ସ୍ୱାଇଁ ସ୍ୱର୍ଣ୍ଣ, କଣ୍ଟାକ୍ଟ ଫାଇଟିଂ ପୁରୁଷ ୫୭ କେଜି ବିଭାଗରେ ଉମାକାନ୍ତ ବ୍ରୋଞ୍ଜ, କଣ୍ଟାକ୍ଟ ଫାଇଟିଂ ପୁରୁଷ ୬୨ କେଜି ବିଭାଗରେ ଦେବାଶିଷ ସାମନ୍ତରାୟ ରୌପ୍ୟ ଓ ୬୯ କେଜି କଣ୍ଟାକ୍ଟ ଫାଇଟିଂ ପୁରୁଷ ବିଭାଗରେ ରାଧାକାନ୍ତ ସେଠୀ ରୌପ୍ୟ ପଦକ ପାଇଛନ୍ତି। ଏହିପରି ଅନ୍ତିମ ଦିବସରେ ଓଡିଶା ମୋଟ ୬ ଟି ପଦକ ହାସଲ କରିଛି। ଏହି ଅଭୂତପୂର୍ବ ସଫଳତା ପାଇଁ ଓଡିଶା ରାଜ୍ୟ ଜୁ- ଜିତସୁ ପ୍ରତିଯୋଗିମାନଙ୍କୁ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।




# ଦମୟନ୍ତୀ ଓଝାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୧୨।୧୦ (ତପନ ସ୍ୱାଇଁ)

ଓଡ଼ିଶା ପାରା ଆଥଲେଟ୍ ଦମୟନ୍ତୀ ଓଝା ଗୋଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପର୍ପଲ ଫେଷ୍ଟରେ ରୌପ୍ୟ ପଦକ ଲାଭ କରିଛନ୍ତି। ବୋକିଆ ସ୍ପୋର୍ଟ୍ସ ଫେଡେରେଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦମୟନ୍ତି ବିସି-୪ ବର୍ଗର ମିକ୍ସଡ ପେୟାରରେ ରାଜସ୍ଥାନର ରମେଶ କୁମାରଙ୍କୁ ସାଥିକରି ଏହି ସଫଳତା ପାଇଛନ୍ତି। ଅନ୍ୟତମ ଓଡ଼ିଶା ପାରା ଆଥଲେଟ୍ ସୋନାଲି ଓଝା କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ।



ଦମୟନ୍ତୀ ଓଝା

# ମାଟାଟା ପୁରୁଷ, ରେଙ୍ଗେରୁକ୍ ମହିଳା ବିଜେତା

**ଦିଲ୍ଲୀ ହାଫ୍ ମାରାଥନ**

ନୂଆଦିଲ୍ଲୀ, ୧୨।୧୦ (ପି.ଟି.)

କେନିଆର ଲଙ୍ଗ୍ ଡିଷ୍ଟାନ୍ସ ରନର ଆଲେକ୍ସ ମାଟାଟା ଓ ଲିଲିଆନ୍ କାସେଟ୍ ରେଙ୍ଗେରୁକ୍ ଏଠାରେ ରବିବାର ଅନୁଷ୍ଠିତ ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନର ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗ ବିଜେତା ହୋଇଛନ୍ତି। ଗତବର୍ଷରୁ ରନର ଅପ୍ ମାଟାଟା ୫୯:୫୦ ସେକେଣ୍ଡ ଟାଇମିଂ ସହ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ଗରମ ଓ ଆର୍ଦ୍ର ପରିସ୍ଥିତିରେ ରେଙ୍ଗେରୁକ୍ ୧:୦୭:୨୦ ସେକେଣ୍ଡ ଟାଇମିଂରେ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଭୟେ ପୁରସ୍କାର ବାବଦରେ ୨୭,୦୦୦ ଆମେରିକୀୟ ଡଲାର ଲେଖାଏ ପକେଟସ୍ଥ କରିଛନ୍ତି। ଇଭେଣ୍ଟର ଆମ୍ବାସାଡର ତଥା ୯ଥର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା କିମ୍ବଦନ୍ତୀ କାର୍ଲ ଲୁଇସ ଫିନିଶ ଲାଇନ୍‌ରେ ଉଭୟଙ୍କୁ ସ୍ୱାଗତ କରିଥିଲେ। ମାରାଥନରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଧାବକ ଅଂଶଗ୍ରହଣ କରି ଏକାଧିକ କାଟେଗୋରୀ ଯଥା ହାଫ୍ ମାରାଥନ, ଓପନ ୧୦କେ, ଚାମ୍ପିୟନ୍ସ ୱିଥ୍ ଡିଜାବିଲିଟି ରନ୍, ସିନିୟର ସିଟିଜେନ ରନ୍ ଓ ଗ୍ରେଟ୍ ଦିଲ୍ଲୀ ରନରେ ଭାଗ ନେଇଥିଲେ। ମାଟାଟା ରେସ୍‌ର ଅଧିକାଂଶ ସମୟ ଆଗରେ ରହିଥିଲେ।

# ୱେଷ୍ଟଇଣ୍ଡିଜ ଫଲୋଅନ୍

**ଦ୍ୱିତୀୟ ଟେଷ୍ଟ**

**■ କୁଲଦୀପଙ୍କୁ ୫ ଉଇକେଟ**

ନୂଆଦିଲ୍ଲୀ,୧୨।୧୦

ଅରୁଣ ଜେଟଲି ଷ୍ଟାଡିୟମରେ ଭାରତ ବିପକ୍ଷରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ କୁଲଦୀପ ଯାଦବଙ୍କ ୫ ଉଇକେଟ ସଫଳତା ଯୋଗୁ ୱେଷ୍ଟଇଣ୍ଡିଜ୍ ଫଲୋଅନ୍ ବରଣ କରିଛି। ପ୍ରଥମ ଇନିଂସରେ ଭାରତ ୫୧୮/୫ରେ ପାଳି ଘୋଷଣା କରିଥିବା ବେଳେ ୱେଷ୍ଟଇଣ୍ଡିଜ୍ ୨୪୮ ରନରେ ଅଲଆଉଟ୍ ହୋଇଥିଲା। ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ତୃତୀୟ ଦିନ ଶେଷ ସୁଦ୍ଧା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୨ ଉଇକେଟ ହରାଇ ୧୭୩ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶାଇ ହୋପ ୬୬ ଓ ଜନ କାମ୍ପବେଲ ୮୭ ରନରେ ଅପରାଜିତ ରହିଥିବା ବେଳେ ଭାରତ ପାଇଁ ମହମ୍ମଦ ସିରାଜ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ଅର୍ଜନ କରିଛନ୍ତି। ମ୍ୟାଚ୍‌ରେ ୨ ଦିନ ଥିବା ବେଳେ ୱେଷ୍ଟଇଣ୍ଡିଜ୍‌କୁ ଇନିଂସ ପରାଜୟରୁ ବର୍ତ୍ତିବା ଲାଗି ୮ ଉଇକେଟରେ ୯୭ ରନର ଆବଶ୍ୟକତା ରହିଛି।

ରବିବାର ୱେଷ୍ଟଇଣ୍ଡିଜ୍ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର (୧୪୦/୪)ରୁ ବ୍ୟାଟିଂ ଆରମ୍ଭ କରି ଦଳୀୟ ସ୍କୋରରେ ବଳକା ୬ ଉଇକେଟରେ ୧୦୮ ରନ୍ ଯୋଡ଼ିଥିଲା। ପୂର୍ବଦିନ ଅପରାଜିତ ଥିବା ଶାଇ ହୋପ ୩୬ ଓ ଟେଭିନ ଇମଲାଚ ୨୧ ରନ କରି ପାଭିଲିଅନ ଫେରିଥିଲେ। ଭାରତ ପାଇଁ କୁଲଦୀପ ଯାଦବ ୫ ଉଇକେଟ ହାତେଇଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ପଞ୍ଚମ ୫ ଉଇକେଟ ସଫଳତା ଥିଲା। ରବୀନ୍ଦ୍ର ଜାଡେଜା ୩ ଉଇକେଟ ନେଇଥିବା ବେଳେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଉଇକେଟ ନେବାପରେ ଉଲ୍ଲସିତ କୁଲଦୀପ ଯାଦବ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୫୧୮/୫(ଘୋଷଣା) ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮/ଅଲଆଉଟ୍ (ଆଲିକ ଆଥାନେଜ-୪୧, ଶାଇ ହୋପ-୩୬, ତେଗନାରିନ ଚନ୍ଦ୍ରପାଲ-୩୪, କୁଲଦୀପ ଯାଦବ-୫/୮୨, ରବନ୍ଦ୍ର ଜାଡେଜା-୩/୪୬)। ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୧୭୩/୨(ଜନ କାମ୍ପବେଲ-୮୭*, ଶାଇ ହୋପ-୬୬*,ମହମ୍ମଦ ସିରାଜ-୧/୬, ୱାଶିଂଟନ ସୁନ୍ଦର-୧/୪୪)।

# ୱେଷ୍ଟଇଣ୍ଡିଜ ପେସ୍ ବୋଲର ଜେଡେନ ସିଲ୍ସଙ୍କୁ ଜରିମାନା

ନୂଆଦିଲ୍ଲୀ, ୧୨।୧୦ (ପି.ଟି.): ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଜେଡେନ ସିଲ୍ସଙ୍କୁ ରବିବାର ତାଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ତାଙ୍କୁ ଏକ ଡିମେରିଟ୍ ପଏଣ୍ଟ ମଧ ପ୍ରଦାନ କରାଯାଇଛି। ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିବସରେ ସେ ଆଇସିସି ଆଚରଣ ସଂହିତାର ଲେଭଲ-୧ ନିୟମର ଉଲ୍ଲଂଘନ କରିଛନ୍ତି। ଭାରତ ପ୍ରଥମ ଇନିଂସର ୨୯ତମ ଓଭରରେ ଏହି ଘଟଣା ଘଟିଥିଲା। ସିଲ୍ସ ଫଲୋ-ଥ୍ରୁ ଅଞ୍ଚଳରେ ବଲ୍ ଫିଲ୍ଡିଂ କରିବା ପରେ ଏହାକୁ ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ଏହା ଜୟସ୍ୱାଲଙ୍କ ପ୍ୟାଡ୍‌ରେ ଯାଇ ବାଜିଥିଲା। ସିଲ୍ସଙ୍କ ଡିସିପ୍ଲିନାରୀ ରେକର୍ଡରେ ଏହି ଡିମେରିଟ୍ ପଏଣ୍ଟ ଯୋଗ ହେବା ଦ୍ୱାରା ୨୪ ମାସ ମଧ୍ୟରେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି। ପୂର୍ବରୁ ୨୦୨୪ ଡିସେମ୍ବରରେ ବାଂଲାଦେଶ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ସିଲ୍ସଙ୍କୁ ଏକ ଡିମେରିଟ୍ ପଏଣ୍ଟ ମିଳିଥିଲା।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ